READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର





ବର୍ଷ-୫ | ସଂଖ୍ୟା-୪୦ | ୧୮ - ୨୪ ଅକ୍ଟୋବର, ୨୦୨୧ | ଭୁବନେଶ୍ୱର | Monday Weekly | VOL-5 | ISSUE-40 | 18th - 24th OCTOBER, 2021 | BHUBANESWAR | ₹ 5/- (8 Pages)


## ସରିଲା ଦଶହରା

## ବିଦାୟ ନେଲେ ମା'




**ଭୁବନେଶ୍ୱର :** କରୋନା କଟକଣା ମଧ୍ୟରେ ପାଳିତ ହୋଇଯାଇଛି ଦଶହରା। ଗତ ଶୁକ୍ରବାର ଦଶହରାର ଅନ୍ତିମ ଦିନରେ ଉଭୟ ଶକ୍ତିପୀଠ ଓ ମଣ୍ଡପରେ ମୃଣ୍ମୟୀ ମୂର୍ତ୍ତିଙ୍କ ପାଖରେ ଦଶହରା ପୂଜା କରାଯାଇଥିଲା। କରୋନା ଯୋଗୁଁ ମଣ୍ଡପରେ ଶ୍ରଦ୍ଧାଳୁଙ୍କ ପ୍ରବେଶ ଉପରେ କଟକଣା ମଧ୍ୟରେ ନିରାଡମ୍ବର ଭାବେ ରାଜ୍ୟର ବିଭିନ୍ନ ଭାଗରେ ଦଶମୀ ପୂଜା ଶେଷ ହୋଇଥିଲା। ଶନିବାର ଥିଲା ଭଷାଣୀ। ଧରାପୃଷ୍ଠରୁ ବିଦାୟ ନେଲେ ମା' ଦୁର୍ଗା। ଚଳିତ ବର୍ଷ ମହାମାରୀ ପାଇଁ ଲୋକଙ୍କ ଗହଳି ଚହଳି, ପୂଜା ମଣ୍ଡପରେ ସାଜସଜା ସଂପୂର୍ଣ୍ଣ ଠପ୍ ହୋଇଯାଇଥିଲା। ଲୋକଙ୍କ ମନରେ ଭକ୍ତି ଭାବ ରହିଥିଲେ ମଧ୍ୟ କଟକଣା ପାଇଁ ଦେବୀଙ୍କ ଦର୍ଶନରୁ ସେମାନେ ବଞ୍ଚିତ ହୋଇଛନ୍ତି। ପୁଣି ବର୍ଷକ ପରେ ଶ୍ରଦ୍ଧାଳୁଙ୍କ ପାଇଁ ଧରାପୃଷ୍ଠକୁ ଆସିବେ ଜଗତଜନନୀ ଦେବୀ ଦୁର୍ଗା। ରୀତିନୀତି ଅନୁଯାୟୀ ମାଙ୍କର ପୂଜାର୍ଚ୍ଚନା ହେଲା କିନ୍ତୁ ନଥିଲା ପୂର୍ବ ଭଳି ଉତ୍ସାହ। ମନର କୋହକୁ ମନରେ ମାରି ପରଦା ପଛପଟୁ ଦୂରରେ ଥାଇ ଦେବୀଙ୍କୁ ଆରାଧନା କଲେ ଭକ୍ତ। ମା'ଙ୍କୁ ଦେଖିପାରିନଥିବାରୁ ଭାବବିହ୍ୱଳ ହୋଇପଡିଥିଲେ ଶ୍ରଦ୍ଧାଳୁ।

## ପଞ୍ଚାୟତ ନିର୍ବାଚନ

# ପଛୁଆ ବର୍ଗଙ୍କ ଭାଗ କମିଲା

**ଭୁବନେଶ୍ୱର :** ନୂଆ ସଂରକ୍ଷଣ ଆଇନ ଅନୁସାରେ ଆଗାମୀ ପଞ୍ଚାୟତ ନିର୍ବାଚନ କରାଯିବ। ତ୍ରିସ୍ତରୀୟ ପଞ୍ଚାୟତିରାଜ ନିର୍ବାଚନ ବ୍ୟବସ୍ଥା ଅନୁସାରେ ରାଜ୍ୟ ସରକାର ଏଥିପାଇଁ ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି। ସଂରକ୍ଷଣ ପ୍ରକ୍ରିୟା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ତାଲିକା ପ୍ରସ୍ତୁତ କରାଯାଇଛି। ଏଥିରେ ରାଜ୍ୟର ମୋଟ ଉପରେ ପଛୁଆବର୍ଗ (ବିସିସି)ଙ୍କ ପାଇଁ ସଂରକ୍ଷିତ ଆସନ ସଂଖ୍ୟା କମିଯାଇଛି। ଜିଲ୍ଲା ପରିଷଦ ସଦସ୍ୟ ପଦବିରେ ବିସିସି ବର୍ଗର ସଂରକ୍ଷିତ ଆସନ ୧୭% ଭିତରେ ସୀମିତ ଥିଲା ବେଳେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦବୀରେ ଏହି ସଂଖ୍ୟା ୭.୬୪% ରହିଛି। ୨୦୧୭ ପଞ୍ଚାୟତ ନିର୍ବାଚନରେ ଅନୁସୂଚିତ ଜାତି(ଏସ୍‌ସି)ଙ୍କୁ ୧୬.୨୫%, ଅନୁସୂଚିତ ଜନଜାତି(ଏସ୍‌ଟି)ଙ୍କୁ ୨୨.୫% ଓ ପଛୁଆ ବର୍ଗଙ୍କୁ ୨୭% ସଂରକ୍ଷଣ ଦିଆଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ହାଇକୋର୍ଟ ଏ ସଂକ୍ରାନ୍ତୀୟ ମାମଲାର ବିଚାର କରି ସଂରକ୍ଷଣକୁ ୫୦% ଭିତରେ ସୀମିତ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁଯାୟୀ ସରକାର ପଞ୍ଚାୟତ ଆଇନରେ ସଂଶୋଧନ କରିଛନ୍ତି। ସଂଶୋଧନ ଅନୁଯାୟୀ ଏସ୍‌ସି ଓ ଏସ୍‌ଟି ସଂରକ୍ଷଣ ବ୍ୟବସ୍ଥାରେ କୌଣସି ପରିବର୍ତ୍ତନ କରାଯାଇପାରିବ ନାହିଁ। ତେବେ ପଛୁଆ ବର୍ଗ ପାଇଁ ସଂରକ୍ଷଣ



ନିର୍ଦ୍ଦିଷ୍ଟ ଭାବେ କେତେ ପରିମାଣର ରହିବ, ତାହା ଆଇନରେ ସ୍ପଷ୍ଟ ଭାବେ ଉଲ୍ଲେଖ ନ ଥିଲା। କେବଳ କୁହାଯାଇଥିଲା ଯେ ଜିଲ୍ଲାରେ ଲୋକସଂଖ୍ୟାକୁ ଦେଖି ପଛୁଆ ବର୍ଗକୁ ସର୍ବାଧିକ ୨୭% ପର୍ଯ୍ୟନ୍ତ ସଂରକ୍ଷଣ ଦିଆଯାଇପାରିବ। କିନ୍ତୁ ମୋଟ୍ ସଂରକ୍ଷଣ ସୀମା ୫୦% ଭିତରେ ରହିବାକୁ ବ୍ୟବସ୍ଥା କରାଯାଇଥିଲା। ସଂଶୋଧିତ ଆଇନ ଅନୁଯାୟୀ ପ୍ରସ୍ତୁତ ହୋଇଥିବା ଚିଠା ସଂରକ୍ଷଣ ତାଲିକାକୁ ଦେଖିଲେ ପଛୁଆ ବର୍ଗ ପାଇଁ ସଂରକ୍ଷିତ ଆସନ ଯଥେଷ୍ଟ କମିଛି। ମୋଟ୍ ୮୫୩ ଜିଲ୍ଲା ପରିଷଦ ସଦସ୍ୟ ଆସନରେ ୨୦୧୭ ନିର୍ବାଚନରେ ପଛୁଆ ବର୍ଗ ପାଇଁ ୨୩୬ଟି ଆସନ ସଂରକ୍ଷିତ ଥିଲା। କିନ୍ତୁ ଚଳିତ ବର୍ଷ ଏହି ସଂଖ୍ୟା ୧୪୫ ହୋଇଛି। ସେହିପରି ୩୧୪ ବ୍ଲକ୍ ଅଧ୍ୟକ୍ଷ ଆସନରେ ୨୦୧୭ ନିର୍ବାଚନରେ ପଛୁଆ ବର୍ଗ ପାଇଁ ୫୮ ଆସନ ସଂରକ୍ଷିତ ଥିଲା। ଏଥର ଏହି ସଂଖ୍ୟା ୨୪କୁ ଖସିଆସିଛି। ନୂଆ ସଂରକ୍ଷଣ ବ୍ୟବସ୍ଥାରେ ➤ ପୃ-୬

## ଅମିତ ଖାରେ ମୋଦିଙ୍କ ନୂଆ ପରାମର୍ଶଦାତା



**ନୂଆଦିଲ୍ଲୀ :** ନୂଆ ଆଇଟି ନିୟମ ଓ ଶିକ୍ଷା ନୀତିର ବିନ୍ଧାଣୀ ପୂର୍ବତନ ସୂଚନା-ପ୍ରସାରଣ ଏବଂ ଉଚ୍ଚ ଶିକ୍ଷା ସଚିବ ଅମିତ ଖାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରାମର୍ଶଦାତା ଭାବେ ଦୁଇବର୍ଷ ପାଇଁ ନିଯୁକ୍ତ ହୋଇଛନ୍ତି। ଶ୍ରୀ ଖାରେ ଗୋଖାଦ୍ୟ ଦୁର୍ନୀତି ପଦାକୁ ଆଣି ଚର୍ଚ୍ଚାରେ ରହିଥିଲେ। ବିହାର-ଝାଡଖଣ୍ଡ କ୍ୟାଡର ୧୯୮୫ ବ୍ୟାଚ୍‌ର ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଖାରେ ୨୦୧୯ ଡିସେମ୍ବରରେ ଶିକ୍ଷା ମନ୍ତ୍ରାଳୟ ଏବଂ ଉଚ୍ଚ ଶିକ୍ଷା ବିଭାଗରେ ସଚିବ ପଦରେ ଅବସ୍ଥାପିତ ହୋଇଥିଲେ। ପୂର୍ବତନ କ୍ୟାବିନେଟ୍ ସଚିବ ପିକେ ସିହ୍ନା ଏବଂ ପୂର୍ବତନ ସଚିବ ଅମରଜିତ ସିହ୍ନା ପିଏମ୍‌ଓଙ୍କ ପରାମର୍ଶଦାତା ଭାବେ ଇସ୍ତଫା ଦେବା ପରେ ଖାରେ ପିଏମ୍‌ଓରେ ଯୋଗ ଦେଇଛନ୍ତି।

### ଓଡ଼ିଶାର ତେଲୁଗୁ ପିଲାଙ୍କୁ ପ୍ରଲୋଭିତ କରୁଛି ଆନ୍ଧ୍ର ସରକାର

# ପିଲାଙ୍କୁ ଟାଣୁଛି 'ଆମ୍ମାବାଡ଼ି ଶିକ୍ଷାଦାନ ଯୋଜନା'

**ଭୁବନେଶ୍ୱର :** ରାଜ୍ୟ ପାଇଁ ଏବେ ନୂଆ ସମସ୍ୟା ଭାବେ ଉଭାହେବାକୁ ଯାଉଛି ଆନ୍ଧ୍ରପ୍ରଦେଶର 'ଆମ୍ମାବାଡ଼ି ଶିକ୍ଷାଦାନ ଯୋଜନା'। ପଡ଼ୋଶୀ ରାଜ୍ୟ ଏହି ନୂଆ ଯୋଜନାରେ ସରକାରୀ ସ୍କୁଲ୍‌ରେ ଛାତ୍ରଛାତ୍ରୀଙ୍କ ପାଇଁ ଯେଉଁସବୁ ସୁବିଧା ରଖିଛନ୍ତି, ସେଥିପ୍ରତି ସୀମାନ୍ତ ଅଞ୍ଚଳର ତେଲୁଗୁ ଭାଷାଭାଷୀ ପିଲାମାନେ ଆଗ୍ରହ ପ୍ରକାଶ କରିସାରିଲେଣି। ଯଦି ଏଥିପ୍ରତି କୌଣସି



ପଦକ୍ଷେପ ଗ୍ରହଣ କରାନଯାଏ, ଆଗାମୀ ଦିନରେ ଓଡ଼ିଶାର ଶିକ୍ଷାବ୍ୟବସ୍ଥା ପାଇଁ ଏହା ଏକ ଆହ୍ୱାନ ହେବ ବୋଲି କୁହାଯାଉଛି। ଓଡ଼ିଶା ସୀମାନ୍ତ ଅବିଭକ୍ତ ଗଞ୍ଜାମ ଓ କୋରାପୁଟରେ ଆନ୍ଧ୍ରର ଅନୁପ୍ରବେଶ ଓଡ଼ିଶା ସରକାରଙ୍କ ପାଇଁ ଏକ ଚିନ୍ତାଜନକ ପ୍ରସଙ୍ଗ ଭାବେ ଉଭା ହୋଇଛି। ଏହାର ସମାଧାନ ପାଇଁ ବିଭିନ୍ନ ସ୍ତରରେ ଉଦ୍ୟମ ହେଉଥିଲେ ବି, ଏଯାଏ କୌଣସି ନିର୍ଯ୍ୟାସ ବାହାରିପାରୁନି। ଏଭଳି ଏକ ଘଡ଼ିସନ୍ଧି ପରିସ୍ଥିତିରେ ଆନ୍ଧ୍ରପ୍ରଦେଶ ➤ ପୃ-୬

## ୭୬ ବର୍ଷରେ ପାଦ ଦେଲେ ନବୀନ

**ଭୁବନେଶ୍ୱର :** ଗତ ଶନିବାର ଥିଲା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ। ୧୯୪୬ରେ ଜନ୍ମିତ ନବୀନ ୭୬ ବର୍ଷରେ ପାଦ ଦେଲେ। ତେବେ କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ଏବର୍ଷ ଜନ୍ମଦିନ ପାଳିନାହାନ୍ତି ମୁଖ୍ୟମନ୍ତ୍ରୀ। ଏହାସହ ନବୀନ କହିଛନ୍ତି, ଓଡ଼ିଶାବାସୀଙ୍କ ଭଲପାଇବା, ଶୁଭେଚ୍ଛା ଓ ଆଶୀର୍ବାଦ ପାଇଁ ସବୁବେଳେ ଋଣୀ। କୋଭିଡ ଯୋଗୁଁ ଗତ ଦେଢ ବର୍ଷ ହେବ ଆମେ ସମସ୍ତେ କଠିନ ସମୟ ଦେଇ ଗତି କରୁଛୁ। ତେଣୁ ଏଭଳି ଏକ ସମୟରେ ନବୀନ ନିବାସ ନଆସି କୋଭିଡରେ ମୃତ୍ୟୁବରଣ କରିଥିବା ଲୋକଙ୍କ



ପରିବାରକୁ ସାହାଯ୍ୟ କରିବା ଓ ରକ୍ତଦାନ ଭଳି ମହତ କାର୍ଯ୍ୟରେ ସମସ୍ତେ ➤ ପୃ-୬










## କେମିତି କଟିବ ଏ ସପ୍ତାହ

**ମେଷ** ମକଦ୍ଦମା ସମ୍ବନ୍ଧୀୟ ଚିନ୍ତାରେ ରହିବେ। ଖର୍ଚ୍ଚ ବୃଦ୍ଧି ହୋଇପାରେ, ପରିବାର ମଧ୍ୟରେ ବ୍ୟସ୍ତ ରହିବେ। ପଦୋନ୍ନତି ହୋଇପାରେ। ଛାତ୍ରମାନେ ପ୍ରତିକୂଳ ପରିସ୍ଥିତିରେ ରହି ମଧ୍ୟ ସଫଳତା ପାଇବେ। ପ୍ରେମ ଜୀବନରେ ସଫଳତା ମିଳିପାରେ।

**ବୃଷ** ବୟସ୍କ ଲୋକଙ୍କ ସ୍ୱାସ୍ଥ୍ୟରେ ଅବନତି ଘଟିବ। ଆଖି ବନ୍ଦ କରି କାହାକୁ ବିଶ୍ୱାସ କରନ୍ତୁନାହିଁ। ବାପା-ମାଆଙ୍କ ଠାରୁ ଆଶୀର୍ବାଦ ପ୍ରାପ୍ତି ହେବ। ଆଇନ ସମ୍ବନ୍ଧୀୟ କାଗଜରେ ଦସ୍ତଖତ କରନ୍ତୁ ନାହିଁ। ଛାତ୍ରମାନଙ୍କ ମନ ଅସ୍ଥିର ରହିବ।

**ମିଥୁନ** ମନକୁ ଶାନ୍ତ ରଖନ୍ତୁ। ଆଗକୁ ଶୁଭ ଖବର ଆସିବ। ନୂତନ ବସ୍ତୁ କ୍ରୟ କରିପାରନ୍ତି। ଆୟ ବୃଦ୍ଧି ହେବ। ପରିବାରରେ ଭାଇଚାରା ବଢ଼ିବ। କାର୍ଯ୍ୟ କ୍ଷେତ୍ରରେ ଅସଫଳ ହୋଇପାରନ୍ତି। ନିଜର ବାଣୀରେ କାବୁ ରଖନ୍ତୁ।

**କର୍କଟ** ସ୍ୱାସ୍ଥ୍ୟରେ ଉନ୍ନତି ହେବ। ମନୋକାମନା ପୂର୍ଣ୍ଣ ହୋଇପାରେ। ପୂର୍ବର ଋଣ ସୁଝି ପାରିବେ। ବଡଙ୍କୁ ଠିକ୍ ବ୍ୟବହାର କରନ୍ତୁ। ପରୀକ୍ଷାରେ ସଫଳତା ପାଇବେ। ପ୍ରେମ ଜୀବନ ପ୍ରଭାବିତ ହୋଇପାରେ।

**ସିଂହ** ପେଟ ସମ୍ବନ୍ଧୀୟ କଷ୍ଟ ପାଇପାରନ୍ତି। ଧନବୃଦ୍ଧିର ସମ୍ଭାବନା ଅଛି। ପରିବାରରେ ଖର୍ଚ୍ଚ ବଢ଼ିବ। କାର୍ଯ୍ୟ କ୍ଷେତ୍ରରେ ମନ ଭ୍ରମିତ ରହିବ। ଦମ୍ପତିଙ୍କ ମଧ୍ୟରେ ବିବାଦ ଦେଖା ଦେଇପାରେ।

**କନ୍ୟା** ଉତ୍ତମ ସ୍ୱାସ୍ଥ୍ୟ ରହିବ। ଅନେକ ଦିଗରୁ ଅଚାନକ ଧନପ୍ରାପ୍ତି ଯୋଗ ଅଛି। ପରିବାରରେ ସମୟ କଟାନ୍ତୁ। କାର୍ଯ୍ୟ କ୍ଷେତ୍ରରେ ନିଜ ଇଚ୍ଛା ଥିବା କାର୍ଯ୍ୟ କରିପାରନ୍ତି। ଛାତ୍ରମାନଙ୍କ ସମୟ ଅନୁକୂଳ।

**ତୁଳା** ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ। ଅଯଥା ଖର୍ଚ୍ଚ ବଢ଼ିବ। ନିଜ ଲୋକ ପଇସା ଦାବି କରିପାରନ୍ତି। ପରିବାରରେ ଅଶାନ୍ତି ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇବେ। ଶିକ୍ଷା କ୍ଷେତ୍ରରେ ଅସୁବିଧାର ପଡିପାରନ୍ତି।

**ବିଛା** ଅଯଥା ଖର୍ଚ୍ଚରେ ବୃଦ୍ଧି କରନ୍ତୁ ନାହିଁ। ଶତ୍ରୁ ଓ ବିରୋଧୀମାନେ ପରାଜିତ ହେବେ। ପରିବାର ସହ ଭ୍ରମଣରେ ଯିବା ବନ୍ଦ ହୋଇପାରେ। କାର୍ଯ୍ୟ କ୍ଷେତ୍ରରେ ସଫଳତା ପାଇବେ। ଶିକ୍ଷା କ୍ଷେତ୍ରରେ ଶୁଭ ଖବର ପାଇପାରନ୍ତି।

**ଧନୁ** ମନଇଚ୍ଛା ଖର୍ଚ୍ଚରୁ ନିବୃତ୍ତ ରହନ୍ତୁ। ଅସୁବିଧା ହୋଇପାରେ। ବୟସ୍କଙ୍କ ଠାରୁ ଉପଦେଶ ନିଅନ୍ତୁ। କୌଣସି ମୂଲ୍ୟବାନ ଜିନିଷ ଭାଙ୍ଗିପାରେ ବା ହଜିପାରେ। କାର୍ଯ୍ୟ କ୍ଷେତ୍ରରେ ସତର୍କ ରହନ୍ତୁ। ପ୍ରେମୀଙ୍କୁ ଦୁଃଖଃ କରନ୍ତୁନାହିଁ।

**ମକର** ଛୋଟ ଛୋଟ ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ। ଧନଲାଭର ଯୋଗ ଅଛି। ଘରେ ଉଲ୍ଲାସର ପରିବେଶ ରହିବ। କାର୍ଯ୍ୟକ୍ଷେତ୍ରରେ ବୁଝିବିଚାରୀ ଗତି କରନ୍ତୁ। ଛାତ୍ରମାନେ ଲକ୍ଷ୍ୟରୁ ଦୂରେଇ ପାରନ୍ତି।

**କୁମ୍ଭ** ଆତ୍ମବିଶ୍ୱାସ ବଢ଼ିବ। ଅନୁଭବି ଲୋକଙ୍କ କଥାରେ ଧନ ବ୍ୟବସାୟରେ ଲଗାନ୍ତୁ। ଘର ଲୋକଙ୍କୁ ବୁଝିବିଚାରୀ ବ୍ୟବହାର କରନ୍ତୁ। କାର୍ଯ୍ୟ କ୍ଷେତ୍ରରେ କୌଣସି ମହିଳା ଧୋକା ଦେଇପାରନ୍ତି। ଛାତ୍ରମାନଙ୍କ ପ୍ରଦର୍ଶନ ଉତ୍ତମ ରହିବ।

**ମୀନ** ସମସ୍ତ ମାନସିକ ସମସ୍ୟା ଦୂର ହେବ। କାର୍ଯ୍ୟ କ୍ଷେତ୍ରରେ ଉଚ୍ଚପଦସ୍ଥ ଅଧିକାରୀ ତାଗିଦ କରିପାରନ୍ତି। ଛାତ୍ରମାନେ ଅସଫଳ ହୋଇପାରନ୍ତି। ପ୍ରେମୀଙ୍କ ଆଗରେ ବିବାହର ପ୍ରସ୍ତାବ ରଖି ପାରନ୍ତି।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

## ଗ୍ଲୋବାଲ ହଙ୍ଗର ଇଣ୍ଡେକ୍ସ ରିପୋର୍ଟ

# କ୍ଷୁଧା ସୂଚକାଙ୍କରେ ଭାରତର ସ୍ଥିତି ଗୁରୁତର

**ନୂଆଦିଲ୍ଲୀ :** ଗ୍ଲୋବାଲ ହଙ୍ଗର ଇଣ୍ଡେକ୍ସ (ଜିଏଚଆଇ) ରିପୋର୍ଟ ଗୁରୁବାର ଆସିଛି। ବିଶ୍ୱ କ୍ଷୁଧା ସୂଚକାଙ୍କରେ ଭାରତର ପୋଲ ଖୋଲିଯାଇଛି। ୧୧୬ ଭୋକିଲା ଦେଶଙ୍କ ସୂଚୀର ୧୦୧ନମ୍ବର ସ୍ଥାନ ଦଖଲ କରିଛି ଭାରତ। ପଛକୁ ପାପୁଆ ନ୍ୟୁଗିନି, ଆଫଗାନିସ୍ତାନ ଓ ନାଇଜେରିଆ ଅଛନ୍ତି। ଏଥିରୁ ପୋଡଶୀ ନେପାଳ ଓ ପାକିସ୍ତାନ ଏବେ ଭାରତ ଅପେକ୍ଷା ବେଶ ଉତ୍ତମ ପରିସ୍ଥିତିରେ ଥିବା ଜଣାପଡିଛି। ଭାରତ ସରକାରଙ୍କ ବିକାଶର କଥା କେବଳ ଏକ ପରିକଳ୍ପନା ବୋଲି ପ୍ରମାଣିତ ହୋଇଛି। ବିଶ୍ୱ କ୍ଷୁଧା ସୂଚକାଙ୍କ ଉପରେ ନଜର ପକାଇଲେ ଭାରତର ପରିସ୍ଥିତି ଯେ ଏତେ ଖରାପ ତାହା ଜଳଜଳ ହୋଇ ଦିଶୁଛି। ଭାରତ ଅଟୀରେ ଭୋକର ଭୂଗୋଳ ନ ପାଲଟିବ ସେ ନେଇ ଜିଏଚଆଇରେ ସନ୍ଦେହ ଦେଖା ଦେଇଛି। ଭୋକର ଅତି କରୁଣ ପରିସ୍ଥିତି ଥିବା ୩୧ଟି ଦେଶର ତାଲିକା ପ୍ରସ୍ତୁତ କରାଯାଇଛି। ଆଉ ଏହି ତାଲିକାରେ ମଧ୍ୟ ଭାରତର ନାଁ ରହିଛି। ଅର୍ଥାତ୍ ଭାରତରେ ଭୋକର ବିକଳ ଚିତ୍ର ଯେ କେତେ ଭୟଙ୍କର ତାହା ଏହି ରିପୋର୍ଟରେ ଖୁଲାସା ହୋଇଛି। ଗତବର୍ଷ ବିଶ୍ୱ କ୍ଷୁଧା ସୂଚକାଙ୍କର ୧୦୭ ଦେଶ ମଧ୍ୟରୁ ଭାରତ ୯୭ ତମ ସ୍ଥାନରେ ଥିଲା। ହେଲେ ଚଳିତ ବର୍ଷର ରିପୋର୍ଟକୁ ଦେଖିଲେ ବିଶ୍ୱର କେବଳ ୧୫ଟି ଦେଶ ଭାରତ ପଛକୁ ଥିବା ଜଣାପଡିଛି। ଅର୍ଥାତ୍ ଏହି ଦେଶମାନଙ୍କର ସ୍ଥିତି ଭାରତଠାରୁ ବି ଖରାପ। ସେହି ଦେଶମାନେ ହେଲେ ପୁପୁଆନ୍ୟୁଗିନି (୧୦୨), ଆଫଗାନିସ୍ତାନ ଓ ନାଇଜେରିଆ(୧୦୩), କଙ୍ଗୋ(୧୦୫), ମୋଜାମ୍ବିକ୍(୧୦୬), ସିଏର୍ରାଲିଓନି(୧୦୬), ମୋର-ଲେଷ୍ଟେ(୧୦୮), ହାଇତି (୧୦୯), ଲିବେରିଆ(୧୧୦), ମାଡାଗାସ୍କାର(୧୧୧), ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋ (୧୧୨), ଚାଡ(୧୧୩), ସେଣ୍ଟ୍ରାଲ ଅଫ୍ରିକାନ ରିପବ୍ଲିକ୍ (୧୧୪), ୟେମେନ(୧୧୫) ଓ ସୋମୋଲିଆ ତାଲିକାର ୧୧୬ ନମ୍ବର ସ୍ଥାନରେ



ରହିଛି। କେନ୍ଦ୍ର ସରକାରଙ୍କର ସୁବଠାରୁ ବଡ଼ ବିଫଳତା ହେଲା କ୍ଷୁଧାନିବାରଣରେ ପଡ଼ୋଶୀ ପାକିସ୍ତାନ, ବାଂଲାଦେଶ ଓ ନେପାଳ ଠାରୁ ବି ପଛେଇ ଯିବା। କାରଣ ବିଶ୍ୱ କ୍ଷୁଧା ସୂଚକାଙ୍କରେ ଭାରତର ରାଙ୍କ ୧୦୧ନମ୍ବର ସ୍ଥାନରେ ଥିବା ବେଳେ ପାକିସ୍ତାନ ୯୨, ନେପାଳ ଓ ବାଂଲାଦେଶ ୭୬ ତମ ସ୍ଥାନରେ ଅଛନ୍ତି।ତେବେ ଜିଏଚଆଇଙ୍କ ରିପୋର୍ଟର ସବୁଠୁ ଯାହା ବଡ଼ କଥା, ତାହା ହେଉଛି ୨୦୩୦ ବେଳକୁ ସମଗ୍ର ବିଶ୍ୱ ଓ ନିର୍ଦ୍ଦିଷ୍ଟ ୪୭ଟି ଦେଶ କ୍ଷୁଧା ହ୍ରାସ ଲାଗି ସର୍ବନିମ୍ନ ଲକ୍ଷ ହାସଲ କରିବାରେ ସଫଳ ହେବେ କି ନା। ୨୦୩୦ ସୁଦ୍ଧା କ୍ଷୁଧା ଶୂନ୍ୟ ଦିଗରେ ଏହି ସୂଚକାଙ୍କ ଆଞ୍ଚଳିକ, ଜାତୀୟ ଓ ବୈଶ୍ୱିକ ସ୍ତରରେ ପ୍ରଗତି ମାପିବା ଲାଗି ଉପଯୋଗ ହେଉଥିବା ମୁଖ୍ୟ ସଂକେତଗୁଡିକୁ ଟ୍ରାକ କରିଥାଏ। ଜିଏଚଆଇ ୧୦୦ଟି ପଏଣ୍ଟରେ କ୍ଷୁଧାର ପ୍ରକୋପ ନିର୍ଦ୍ଧାରଣ କରିଥାନ୍ତି। ଯେଉଁଥିରେ ଶୂନ୍ୟ (୦) ଅର୍ଥାତ କ୍ଷୁଧା ଶୂନ୍ୟ ପରିସ୍ଥିତି ସବୁଠୁ ଉତ୍ତମ ସ୍କୋର ହୋଇଥିବା ବେଳେ ୧୦୦ ସବୁଠୁ ଗୁରୁତର ସ୍ଥିତି ବୋଲି ଧରାଯାଏ। ପ୍ରତ୍ୟେକ ଦେଶଙ୍କ ଜିଏଚଆଇ ସ୍କୋରକୁ ଗୁରୁତର ସହ ବର୍ଗକୃତ କରାଯାଇଥାଏ। ଯେଉଁଥିରେ ସର୍ବନିମ୍ନରୁ ବିପଦଜନକ ପରିସ୍ଥିତିକୁ ଅଧ୍ୟୟନ କରାଯାଇଥାଏ। ୨୦୨୧ ଜିଏଚଆଇ ରାଙ୍କିଙ୍ଗରେ ସୋମାଲିଆ ଏବେ ଭୋକର ଭୂଗୋଳ ପାଲଟିଥିବା ଜଣାପଡିଛି। ତେବେ ରିପୋର୍ଟରେ ୨୦୦୦ ମସିହା ପରେ ବିଶ୍ୱରୁ କ୍ଷୁଧା ହ୍ରାସ ହୋଇଥିବା ବେଳେ ପ୍ରଗତି ଧିମେଇଥିବା ଦେଖା ଯାଇଛି। ବୈଶ୍ୱିକ କ୍ଷୁଧା ୨୦୦୬ରୁ ୨୦୧୨ରେ ୪.୭ ପଏଣ୍ଟ ହ୍ରାସ ହୋଇଥିବା ବେଳେ ୨୦୧୨ରୁ ଏପର୍ଯ୍ୟନ୍ତ ମାତ୍ର ୨.୫ ପ୍ରତିଶତ ହ୍ରାସ ହୋଇପାରିଛି।

## ଫସ୍‌ଫେଟ୍ ଓ ପଟାସ ଜାତୀୟ ସାରର ମୂଲ୍ୟବୃଦ୍ଧିକୁ କ୍ୟାବିନେଟର ଅନୁମୋଦନ

**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଗୁରୁବାର ଦିନ ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି ବୈଠକରେ ଫସ୍ଫେଟ ଓ ପଟାସ(ପି ଆଣ୍ଡ କେ) ଜାତୀୟ ସାରର ମୂଲ୍ୟଗୁଡିକୁ ଅନୁମୋଦନ କରାଯାଇଛି। ଏହି ମୂଲ୍ୟ ବୃଦ୍ଧି ନେଇ ସରକାରଙ୍କ ପକ୍ଷରୁ ଚଳିତବର୍ଷ ମେ୨୦ତାରିଖରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ବର୍ଦ୍ଧିତ ମୂଲ୍ୟ ୨୦୨୧ ଅକ୍ଟୋବର ପହିଲାରୁ ୨୦୨୨ମାର୍ଚ୍ଚ ୩୧ଅର୍ଥାତ୍ ସମଗ୍ର ଆର୍ଥିକ ବର୍ଷ ପାଇଁ ଲାଗୁ ହେବ। ଆନ୍ତର୍ଜାତିକ ବଜାରରେ ଡାଏ ଆମୋନିୟମ ସଲ୍‌ଫେଟ(ଡିଏପି) ସାରର ମୂଲ୍ୟ ବୃଦ୍ଧି ଘଟିଥିବାରୁ ସରକାର ଏଭଳି ନିଷ୍ପତ୍ତି ନେବାକୁ ବାଧ ହୋଇଛନ୍ତି। ତେବେ ଚାଷୀଙ୍କ ଉପରେ ବର୍ଦ୍ଧିତ ମୂଲ୍ୟର ବୋଝ ଯେପରି ନ ପଡେ ସେଥିପାଇଁ ପ୍ରତି ବ୍ୟାଗ୍ ଡିଏପି ସାର ଉପରେ ୪୩୮ ଟଙ୍କାର ସ୍ୱତନ୍ତ୍ର ଏକକାଳୀନ ରିହାତି ପ୍ରଦାନର ବ୍ୟବସ୍ଥା କରାଯାଇଛି। ଏହା ଫଳରେ ମୂଲ୍ୟ ବୃଦ୍ଧି ସତ୍ତ୍ୱେ ଚାଷୀ ପୁରୁଣା ଦାମ୍‌ରେ ଡିଏପି ସାର କିଣିପାରିବେ।


## କରୋନା ମୃତକଙ୍କ ପରିବାରକୁ ପ୍ରତି ମାସରେ ମିଳିବ ୫ ହଜାର

**ଥିରୁଅନନ୍ତପୁରମ :** ମହାମାରୀ କରୋନାରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାର ବର୍ଗଙ୍କ ପାଇଁ ବଡ଼ ଘୋଷଣା ହୋଇଛି। କରୋନାରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାର ବର୍ଗଙ୍କୁ କେରଳ ସରକାର ପ୍ରତି ମାସରେ ୫ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ଦେବେ। ଏହି ଆର୍ଥିକ ସହାୟତା ବାଦ ପୂର୍ବରୁ ମୃତକଙ୍କ ପରିବାର ଲୋକଙ୍କ ପାଇଁ ଲାଗୁ ସମସ୍ତ ଯୋଜନା କାର୍ଯ୍ୟକାରୀ ହେବ। ବୁଧବାର ମୁଖ୍ୟମନ୍ତ୍ରୀ ପିନରାୟୀ ବିଜୟନଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟ ବୈଠକ ବସିଥିଲା। ସର୍ବସମ୍ମତିକ୍ରମେ କରୋନା ମୃତକଙ୍କ ପରିବାର ବର୍ଗଙ୍କୁ ମାସିକ ୫ ହଜାର ଟଙ୍କା ଲେଖାଏ ଦେବାକୁ କ୍ୟାବିନେଟ ନିଷ୍ପତ୍ତି ନେଇଛି। ତେବେ ବିପିଏଲ୍ କାର୍ଡଧାରୀ ଓ ଗିରବ ଲୋକମାନେ ହିଁ ଏହି ଯୋଜନାର ଲାଭ ପାଇବେ। କ୍ୟାବିନେଟ ନିଷ୍ପତ୍ତି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି ଯେ କରୋନାରେ



ପ୍ରାଣ ହରାଇଥିବା ଲୋକ ଯଦି ବିପିଏଲ ତାଲିକାରେ ରହିଥିବେ, ତା'ହେଲେ ତାଙ୍କ ପରିବାରକୁ ମାସିକ ୫ ହଜାର ଟଙ୍କା ଲେଖାଏ ଦିଆଯିବ। ସେହିପରି ପୂର୍ବରୁ ସେମାନେ ପାଉଥିବା କୌଣସି ସରକାରୀ ଯୋଜନାରୁ ବଞ୍ଚିତ ହେବେନାହିଁ। ସବୁ ସରକାରୀ ଯୋଜନା ଓ ପେନସନ ବାଦ ଏହି ଆର୍ଥିକ ସହାୟତା ଦିଆଯିବ। ସେହିପରି ରାଜ୍ୟର ସବୁ ଲୋକ ଏହାର ଫାଇଦା ପାଇବେ। ରାଜ୍ୟ ବାହାରେ ଯଦି କେରଳ କୌଣସି ଲୋକ କରୋନାରେ ପ୍ରାଣ ହରାଇଛନ୍ତି, ସେମାନଙ୍କ ପରିବାର ବର୍ଗ ମଧ୍ୟ ଏହାର ଲାଭ ପାଇବେ। ଆର୍ଥିକ ଲାଭ ପାଇବାକୁ କୋଭିଡ ମୃତକଙ୍କ ପରିବାର ବର୍ଗଙ୍କୁ ଗୋଟିଏ ସାଧାରଣ ଫର୍ମରେ ସବୁ ତଥ୍ୟ ଦେଇ ଆବେଦନ କରିବାକୁ ପଡ଼ିବ। ଏଥିପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲ୍ଲାପାଳ ଓ ରାଜସ୍ୱ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଆବେଦନର ୩୦ ଦିନ ମଧ୍ୟରେ ଆର୍ଥିକ ସହାୟତାର ବ୍ୟବସ୍ଥା କରାଯିବ। ଆବେଦନକାରୀଙ୍କୁ କାର୍ଯ୍ୟାଳୟକୁ କେହି ଡାକି ପାରିବେ ନାହିଁ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ଏଥିରେ ଆହୁରି କୁହାଯାଇଛି ଯେ ସରକାର ଯୋଗ୍ୟ ଲୋକଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଏହି ଅର୍ଥ ପଠାଇବେ। ୩ ବର୍ଷ ଯାଏ କୋଭିଡ ମୃତଙ୍କ ପରିବାର ବର୍ଗଙ୍କୁ ଏପରି ୫ ହଜାର ଟଙ୍କା ଲେଖାଏ ମିଳିବ। ମୁଖ୍ୟମନ୍ତ୍ରୀ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ଏହି ଅର୍ଥ ଦିଆଯିବ।

## ସୁଧୁରି ଯାଅ, ନଚେତ ସର୍ଜିକାଲ ଷ୍ଟ୍ରାଇକ୍ : ଶାହ



**ପାଣାଜି:** ପାକିସ୍ତାନକୁ ଚେତାବନୀ ଦେଲେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ। ସୁଧୁରି ଯାଅ ନହେଲେ ପୁଣି ଏୟାର ଷ୍ଟ୍ରାଇକ୍ ହେବ। ସୀମାରେ ଯଦି ଅନୁପ୍ରେବେଶ ବନ୍ଦ ନହୁଏ କିମ୍ବା କଶ୍ମୀରରେ ସାଧାରଣ ନାଗରିକଙ୍କୁ ପ୍ରାୟୋଜିତ ହତ୍ୟା କରାଯାଏ ତେବେ ପରିଣାମ ସ୍ୱରୁପ ବାରମ୍ବାର ଏୟାର ଷ୍ଟ୍ରାଇକ୍ କରାଯିବ ବୋଲି ଶାହ ଧମକ ଦେଛନ୍ତି। ସେ କହିଛନ୍ତି ଯେ, ଆମେ ଆକ୍ରମଣକୁ ବରଦାସ୍ତ କରୁନାହୁଁ । ଯାହା ସର୍ଜିକାଲ ଷ୍ଟ୍ରାଇକ୍ ପ୍ରମାଣ କରିଦେଇଛି। ଯଦି ସ୍ଥିତାବସ୍ଥା ଉଲ୍ଲଂଘନ ହୁଏ ତେବେ ଜବାବରେ ସର୍ଜିକାଲ ଷ୍ଟ୍ରାଇକ୍ କରାଯିବ ବୋଲି ସେ କହିଛନ୍ତି। ଗୋଆର ଧରବନ୍ଦୋରାସ୍ଥିତ ନ୍ୟାସନାଲ ଫରେନସିକ୍ ସାଇନ୍ସ ୟୁନିଭରସିଟିର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ଯୋଗ ଦେଇ ଏକଥା କହିଛନ୍ତି ଶାହ। ଶାହ କହିଛନ୍ତି ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ମନୋହର ପାରିକରଙ୍କ ସମୟରେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ହୋଇଥିବା ସର୍ଜିକାଲ ଷ୍ଟ୍ରାଇକ୍ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଥିଲା। ଏହା ମାଧ୍ୟମରେ ଆମେ ଭାରତ ସୀମାରେ ବିଶୃଙ୍ଖଳାକୁ ବରଦାସ୍ତ କରାଯିବନି ବୋଲି ଏକ ବାର୍ତ୍ତା ଦେବାକୁ ଚାହୁଁଥିଲୁ। ଆଲୋଚନା ପାଇଁ ସମୟ ଥିଲା। କିନ୍ତୁ ବର୍ତ୍ତମାନ ଜବାବ ଦେବାର ସମୟ ଆସିଛି ବୋଲି ସେ କହିଛନ୍ତି। ଉରି, ପଠାନକୋଟ ଏବଂ ଗୁରୁଦାସପୁରରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ପ୍ରତିବାଦରେ ୨୦୧୬ ସେପଟ୍ମ୍ବରରେ ଭାରତ ପକ୍ଷରୁ ପାକିସ୍ତାନରେ ସର୍ଜିକାଲ ଷ୍ଟ୍ରାଇକ୍ କରାଯାଇଥିଲା। ଏଥିରେ ପାକିସ୍ତାନରେ ବହୁ ଆତଙ୍କବାଦୀ ଶିବିର ଧ୍ୱଂଶବିଧ୍ୱସ୍ତ ହୋଇଥିଲା। ଉରି ଆକ୍ରମଣର ୧୧ ଦିନ ପରେ ସେପଟ୍ମ୍ବର ୨୯ ୨୦୧୬ରେ ସର୍ଜିକାଲ୍ ଷ୍ଟ୍ରାଇକ୍ କରାଯାଇଥିଲା।

## କୋଲ୍ ଇଣ୍ଡିଆ ନେଲା ବଡ଼ ନିଷ୍ପତ୍ତି

# ଉଦ୍ୟୋଗ ଉପରେ ଗୁରୁତର ପ୍ରଭାବ ପକାଇବ କୋଇଲା ସଙ୍କଟ !

**ନୂଆଦିଲ୍ଲୀ :** ଦେଶରେ କୋଇଲା ସଙ୍କଟ ଉଗ୍ର ହେବାରେ ଲାଗିଛି। ମହାରାଷ୍ଟ୍ର ଏବଂ ପଞ୍ଜାବ ବ୍ୟତୀତ ଅଧିକାଂଶ ରାଜ୍ୟରେ ଥିବା ଥର୍ମାଲ ପାୱାର ପ୍ଲାଣ୍ଟର ଅନେକ ୟୁନିଟ୍ ବନ୍ଦ ହୋଇଗଲାଣି। ଏହାରି ମଧ୍ୟରେ କୋଲ ଇଣ୍ଡିଆ ଲିମିଟେଡ୍ ଗୁରୁବାର ବଡ଼ ନିଷ୍ପତ୍ତି ନେଇଛି। ବିଜୁଳୀ ଶକ୍ତି ବ୍ୟବହାର କରୁନଥିବା ଗ୍ରାହକଙ୍କୁ କୋଇଲା ଦେବ ନାହିଁ ବୋଲି ଘୋଷଣା କରିଛି କୋଲ ଇଣ୍ଡିଆ। ଏହା ଫଳରେ ଯେଉଁ ସେକ୍ଟର ବିଜୁଳୀ ଉତ୍ପାଦନ କରୁନାହାନ୍ତି ସେମାନଙ୍କ ଉପରେ ବେଶୀ ପ୍ରଭାବ ପଡ଼ିବ। କିଛି ବର୍ଷ ହେଲା ଭାରତ ବିଜୁଳୀ ଉତ୍ପାଦନରେ ପଛରେ ପଡ଼ିଛି। ନ୍ୟୁଜ ଏଜେନ୍ସି ରୟଟର୍ସ ଅନୁସାରେ,



ବିଶ୍ୱରେ ଚତୁର୍ଥ ସବୁଠୁ ବଡ଼ ଭଣ୍ଡାର ସହ ଭାରତ ଦୁନିଆର ଦ୍ୱିତୀୟ ବୃହତ୍ତ କୋଇଲା ଉତ୍ପାଦନକାରୀ ଦେଶ। କରୋନା ମହାମାରୀ ପୂର୍ବରୁ ଭାରି ଚାହିଦା ଯୋଗୁଁ ଦେଶର ସର୍ବବୃହତ୍ତ କୋଇଲା ଖନନ କମ୍ପାନୀ କୋଲ୍ ଇଣ୍ଡିଆ ଏବେ ପର୍ଯ୍ୟାପ୍ତ ପରିମାଣରେ ଉତ୍ପାଦନ କରିପାରୁ ନାହିଁ। ତେବେ ବିଜୁଳୀ କ୍ଷେତ୍ରକୁ ଛାଡ଼ି ଦେଲେ ଅନ୍ୟ ସେକ୍ଟର୍ସ ପାଇଁ ଅନଲାଇନ ମାଧ୍ୟମରେ କୋଇଲା ନିଲାମୀ ଉପରେ କୋଲ ଇଣ୍ଡିଆ ରୋକ ଲଗାଇଦେଇଥିବା ଜଣାପଡ଼ିଛି। ଏହା ପରେ ସବୁଠି ଅସନ୍ତୋଷ ପ୍ରକାଶ ପାଇଛି। ନିଲାମୀ ରୋକିବାକୁ ଅସ୍ଥାୟୀ ବୋଲି କମ୍ପାନୀ କହିଥିବା ବେଳେ ରାଷ୍ଟ୍ର ହିତ ପାଇଁ ପାୱାର ପ୍ଲାଣ୍ଟକୁ କୋଇଲା ଆବଣ୍ଟନ କରିବ ବୋଲି କହିଛି। କିନ୍ତୁ ଏହା ପରେ ଆଲୁମିନିୟମ ଆସୋସିଏସନ୍ ଅଫ୍ ଇଣ୍ଡିଆ ପୂର୍ବ ଭଳି କୋଇଲା ଯୋଗାଇବାକୁ ଦାବି କରିଛି। କୋଲ ଇଣ୍ଡିଆର ଏହି ନିଷ୍ପତ୍ତି ଉଦ୍ୟୋଗ ପାଇଁ 'ହାନିକାରକ'। ସେଗୁଡ଼ିକୁ ଅବାଧ କୋଇଲା ଯୋଗାଇବା ଜରୁରୀ ବୋଲି ମଧ୍ୟ ଆଲୁମିନିୟମ ଆସୋସିଏସନ୍ ପକ୍ଷରୁ କୁହାଯାଇଛି। ବିଜୁଳୀ ନମିଳିବାରୁ କମ୍ପାନୀରେ ଉତ୍ପାଦନ ଠପ ହୋଇଯାଉଛି। ଏପରିକି ଅନେକ ୟୁନିଟ୍ କମ୍ କ୍ଷମତାରେ କାର୍ଯ୍ୟ କରୁଛି। କାରଣ ସେଗୁଡ଼ିକ ପାଖରେ କୋଇଲା ଷ୍ଟକ୍ ଦ୍ରୁତ ଗତିରେ କମି ଚାଲିଥିବା ଆସୋସିଏସନ୍ ପକ୍ଷରୁ କୁହାଯାଇଛି। ଅଣ ବିଜୁଳୀ ଉତ୍ପାଦନ କମ୍ପାନୀଗୁଡ଼ିକ ପାଖରେ କୌଣସି ଠୋସ୍ ବିକଳ୍ପ ନାହିଁ। କାରଣ ଏହି ସବୁ କମ୍ପାନୀର ଉତ୍ପାଦନ କ୍ଷେତ୍ରରେ କୋଇଲାର ଯୋଗଦାନ ପାଖାପାଖି ୪୦ ପ୍ରତିଶତ। ଦେଶରେ କୋଇଲା ସଙ୍କଟକୁ ନେଇ କୋଲ୍ ଇଣ୍ଡିଆ ପକ୍ଷରୁ କୁହାଯାଇଛି, ବିଦେଶରେ କୋଇଲା ଦାମ ବୃଦ୍ଧି ପାଇବାରୁ ଅନେକ ଭାରତୀୟ କମ୍ପାନୀ ଏବେ ସ୍ଥାନୀୟ କୋଇଲା ଉପରେ ନିର୍ଭର କରୁଛନ୍ତି।

# 'କରୋନା ଯୋଗୁ ସରକାରୀ ଆର୍ଥିକ ବ୍ୟବସ୍ଥା ଉପରେ ରହିଯିବ ଅସମାନତା ଓ ଦାରିଦ୍ର୍ୟତାର ଅଭୁଲା ଛାପ'

**ୱାସିଂଟନ :** ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମଏଫ) ଆର୍ଥିକ ସମୀକ୍ଷା କରିଛନ୍ତି। ଏଥିରେ ୨୦୨୦ରେ ବୈଶ୍ୱିକ ଋଣ (ସାର୍ବଜନିକ ଅଣ ଅର୍ଥନୈତିକ ଋଣ ସମେତ) ୧୪ ପ୍ରତିଶତ ବଢ଼ି ୨୨୬ ଟ୍ରିଲିୟନ ଡଲାରର ରେକର୍ଡ ଉଚ୍ଚସ୍ତରରେ ପହଞ୍ଚି ଯାଇଥିବା ଜଣାପଡିଛି। କରୋନା ଭାଇରସ ମହାମାରୀର ଜବାବ ଲାଗି ବିଶ୍ୱ ଅର୍ଥ ବ୍ୟବସ୍ଥା ନେଇଥିବା କଠୋର ପଦକ୍ଷେପର ଏହା ପରିଣତି ବୋଲି କୁହାଯାଇଛି। ଯେଉଁଥି ଯୋଗୁ ସାର୍ବଜନିକ ଋଣ ଏବେ ୮୮ ଟ୍ରିଲିୟନ ଡଲାରରେ ପହଞ୍ଚିଥିବା ବେଳେ ଏହା ବୈଶ୍ୱିକ ଜିଡିପିର ଶତ ପ୍ରତିଶତ ପାଖାପାଖି ହୋଇ ଯାଇଛି। ତେବେ ବୈଶ୍ୱିକ ଅର୍ଥ ବ୍ୟବସ୍ଥା ଲାଗି କରୋନା ଭାଇରସ ମହାମାରୀ ଅସମାନତା ଓ ଦାରିଦ୍ର୍ୟର ଅଭୁଲା ଛାପ ଛାଡିଯିବା ନିଶ୍ଚିତ ବୋଲି ଆଇଏମଏଫ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। କାରଣ ରିପୋର୍ଟ ଅନୁସାରେ ୨୦୨୧-୨୨ ବର୍ଷରୁ ସାର୍ବଜନିକ ଋଣରେ ପ୍ରତି ବର୍ଷ ୧ ପ୍ରତିଶତ ଜିଡିପି ହ୍ରାସ ଦେଖା ଯିବ। ତେବେ ଏହି ହ୍ରାସ ୯୭ ପ୍ରତିଶତରେ ସ୍ଥିର ରହିଯାଇପାରେ ବୋଲି ଆଶାବ୍ୟକ୍ତ କରାଯାଇଥିବା ବେଳେ ୨୦୨୪ ମସିହା ପର୍ଯ୍ୟନ୍ତ ପୂର୍ବ କୋଭିଡ-୧୯ ପରିସ୍ଥିତିକୁ ଫେରିବା ପ୍ରାୟତଃ ଅସମ୍ଭବ ବୋଲି ଉଲ୍ଲେଖ



କରିଛନ୍ତି। ଏଥିରେ ଉନ୍ନତ ଅର୍ଥବ୍ୟବସ୍ଥାଙ୍କ ଟ୍ରେଜରୀ ପଲିସି ଏବେ ଆର୍ଥିକ ଗତିବିଧି ଓ ରୋଜଗାର ଲାଗି ସହାୟକ ସାବ୍ୟସ୍ତ ହେଉଥିବା ବେଳେ ସ୍ୱଳ୍ପ ଆୟକାରୀ ବିକାଶଶୀଳ ଦେଶଗୁଡ଼ିକର ଉଦୀୟମାନ ବଜାର ଏବେବି ଉନ୍ନତ ବ୍ୟବସ୍ଥାଙ୍କ ତୁଳନାରେ ସେପରି କିଛି କରିପାରୁନଥିବା ଦେଖା ଯାଉଛି । କରୋନା ଭାଇରସ ମହାମାରୀ ଲାଗି ଗୋଟିଏ ପଟେ କଟକଣା ଲାଗୁ କରୁଥିବା ବେଳେ ଅର୍ଥନୀତିକୁ ସହାୟକ ହେବା ଭଳି ନୀତି ନିର୍ଦ୍ଧାରଣରେ ଏପରି ବ୍ୟବସ୍ଥାମାନେ ପଛଘୁଞ୍ଚା ଦେଉଛନ୍ତି। ଫଳରେ ଏପରି ଦେଶଙ୍କ ଆଗାମୀ ଭବିଷ୍ୟତ ଏବେବି ସ୍ପଷ୍ଟ ହୋଇପାରୁନଥିବା କହିଛନ୍ତି। ଏଣୁ ମହାମାରୀରେ ଆର୍ଥିକ ବିକାଶ ସମ୍ଭାବନା ଲାଗି ଅର୍ଥବ୍ୟବସ୍ଥାମାନଙ୍କୁ ସେମାନଙ୍କ ନୀତି ବ୍ୟବସ୍ଥିତ କରିବାକୁ ଆଇଏମଏଫ ପରାମର୍ଶ ଦେଇଛନ୍ତି।

# ଓଡ଼ିଶାର ୬ ସ୍ୱାଧୀନତା ସଂଗ୍ରାମୀଙ୍କ ନାମରେ ସ୍ୱତନ୍ତ୍ର ଲଫାପା




**ଭୁବନେଶ୍ୱର :** ଇତିହାସ ପୃଷ୍ଠାରେ ଅନାଲୋଚିତ ଓଡ଼ିଶାର ୬ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ନାମରେ ଡାକ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଡ଼ାକ ଲଫାଫା ପ୍ରସ୍ତୁତ କରାଯାଇଛି। ଏହି ମହାନ ସ୍ୱାଧୀନତା ସଂଗ୍ରାମୀଗଣ ହେଲେ ସହିଦ ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ଚକରା ବିଷୋୟୀ, ଚାଖି ଖୁଂଟିଆ, ବାଜି ରାଉତ ଓ ପାର୍ବତି ଗିରି। ଆଜାଦୀ କା ଅମୃତ ମହୋତ୍ସବ ଓ ଡାକ ଟିକଟ ଦିବସ ସମାରୋହ ଉପଲକ୍ଷେ ନୂଆଦିଲ୍ଲୀର ଡାକ ଭବନରୁ ଭିଡିଓ କନ୍ଫରେନ୍ସିଂ ମାଧ୍ୟମରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅଶ୍ୱିନୀ ବୈଷ୍ଣବ ଏହାକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ କହିଥିଲେ, ବ୍ରିଟିସ୍ ବିରୋଧରେ ମହାନ ଯୋଦ୍ଧା ଜୟୀ ରାଜଗୁରୁଙ୍କ ସଂଗ୍ରାମ, ପାଇକ ବିଦ୍ରୋହରେ ବକ୍ସି ଜଗବନ୍ଧୁଙ୍କ ବଳିଷ୍ଠ ନେତୃତ୍ୱ, ଘୁମୁଷର ପାଇଁ ଆପ୍ରାଣ ଚେଷ୍ଟା କରିଥିବା ଜନଜାତି ଜନନାୟକ ଚକରା ବିଷୋୟୀ, ସିପାହୀ ବିଦ୍ରୋହରେ ଚାଖି ଖୁଣ୍ଟିଆଙ୍କ ଭୂମିକା, ସହିଦ ବାଜି ରାଉତଙ୍କ ସାହସ ଓ ପାର୍ବତି ଗିରିଙ୍କ ଦେଶସେବାର ଇଚ୍ଛାଶକ୍ତି ସର୍ବଦା ପ୍ରେରଣା ହୋଇ ରହିବ। ଭାରତର ସ୍ୱତନ୍ତ୍ରତା ସଂଗ୍ରାମରେ ଓଡ଼ିଶାର ଏହି ବୀର ଯୋଦ୍ଧାଗଣ ଯେଉଁ ତ୍ୟାଗ, ତପସ୍ୟା, ସାହସ ତଥା ବଳିଦାନ ଦେଖାଇଛନ୍ତି ତାହା ଅବିସ୍ମରଣୀୟ। ମାତ୍ର ସମସ୍ତ ଦେଶଭକ୍ତିପୂର୍ଣ୍ଣ କାର୍ଯ୍ୟ କିମ୍ବା ନିଃସ୍ୱାର୍ଥ ବଳିଦାନ ଇତିହାସରେ ଲିପିବଦ୍ଧ ହୋଇନାହିଁ। ଆଗାମୀ ଦିନରେ ଓଡ଼ିଶାର ମହାନାୟକଙ୍କ ତ୍ୟାଗ ତଥା ବଳିଦାନକୁ ଶତାବ୍ଦୀ ଶତାବ୍ଦୀ ଧରି ଉଜ୍ଜୀବିତ କରି ରଖିବାର ଆବଶ୍ୟକତା ରହିଛି। ଦୀର୍ଘ ୨୦୦ ଓ ୨୫୦ ବର୍ଷ ପୂର୍ବେ ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୋଇ ନ ଥିବା ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀଙ୍କ ଉପରେ ଗବେଷଣା କରିବା ପାଇଁ ଭାରତୀୟ ଇତିହାସ ଅନୁସନ୍ଧାନ ପରିଷଦ(ଆଇସିଏଚ୍ଆର) ପକ୍ଷରୁ ଉଦ୍ୟମ କରାଯିବ। ଆଜି ଉନ୍ମୋଚିତ ହୋଇଥିବା ଲଫାଫାକୁ କିଣି ବ୍ୟବହାର କରିବା ପାଇଁ ଶ୍ରୀ ପ୍ରଧାନ ଲୋକଙ୍କୁ ନିବେଦନ କରିଥିଲେ। କେନ୍ଦ୍ର ମନ୍ତ୍ରୀ ଶ୍ରୀ ବୈଷ୍ଣବ ଦେଶର ସ୍ୱାଧୀନତା ସଂଗ୍ରାମରେ ଏହି ୬ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ମୂଲ୍ୟବାନ ଯୋଗଦାନର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଉଭୟ ମନ୍ତ୍ରୀ ସଂଗ୍ରାମୀଙ୍କ ପରିବାର ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ଜୟୀ ରାଜଗୁରୁଙ୍କ ବଂଶର ଷଷ୍ଠ ପିଢ଼ିର ଦୟାନନ୍ଦ ମହାପାତ୍ର ଓ ତ୍ରିଦେବ ନନ୍ଦ, ବକ୍ସି ଜଗବନ୍ଧୁଙ୍କ ଷଷ୍ଠ ପିଢ଼ିର ବଂଶଜ ତଥା ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଚକରା ବିଷୋୟୀ ସାଂସ୍କୃତିକ ଏକାଡେମିର ସଭାପତି ଜଗବନ୍ଧୁ ଜେନା, ଚାଖି ଖୁଣ୍ଟିଆଙ୍କ ବଂଶର ଚତୁର୍ଥ ପିଢ଼ି ହଜୁରୀ ଭୀମସେନ ଖୁଣ୍ଟିଆ, ସହିଦ ବାଜି ରାଉତଙ୍କ ଦାୟାଦ କୁଳମଣି ରାଉତ ଓ ପାର୍ବତୀ ଗିରିଙ୍କ ଦାୟାଦ ଭରତ କୁମାର ଗିରିଙ୍କ ସହ କେନ୍ଦ୍ର ମନ୍ତ୍ରୀ କଥା ହୋଇଥିଲେ। ନୂଆଦିଲ୍ଲୀରେ ଡାକ ବିଭାଗ ସଚିବ ବିନୀତ ପାଣ୍ଡେ, ଡାକ ବିଭାଗ ମହାନିର୍ଦ୍ଦେଶକ ଆଲୋକ ଶର୍ମା, ଓଡ଼ିଶାରେ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ସୁରେଶ ଚନ୍ଦ୍ର ଦଳାଇ ଓ ଓଡ଼ିଶା ଡାକ ପରିମଣ୍ଡଳର ମୁଖ୍ୟ ମହାଡାକପାଳ ଶୁଭେନ୍ଦୁ ସ୍ୱାଇଁ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ବେଙ୍ଗାଲୁରୁ ଢାଞ୍ଚାରେ ବ୍ରହ୍ମପୁରରେ ହେବ ସ୍ମାର୍ଟ ରୋଡ଼

**ବ୍ରହ୍ମପୁର :** ରାଜ୍ୟ ସରକାରଙ୍କ ସ୍ମାର୍ଟରୋଡ୍ ଯୋଜନାରେ ବ୍ରହ୍ମପୁର ମହାନଗର ନିଗମର ୧୦ଟି ରାସ୍ତାକୁ ପ୍ରାଥମିକ ପର୍ଯ୍ୟାୟରେ ସାମିଲ କରାଯାଇଛି। ଅନ୍ୟାନ୍ୟ ରାସ୍ତା ଠାରୁ ଏହା ସ୍ୱତନ୍ତ୍ର ରହିବ ବୋଲି ଜଣାଯାଇଛି। ରାସ୍ତା, ନାଳନର୍ଦ୍ଦମା ସାଂଗକୁ ଦୁର୍ଘଟଣା ରୋକିବାକୁ ଦୃଷ୍ଟିରେ ରଖି ସ୍ମାର୍ଟରୋଡ଼ ଯୋଜନା କାର୍ଯ୍ୟକାରୀ କରାଯାଉଛି। ସାଧାରଣ ରାସ୍ତାରେ ଯାନବାହନ ସହ ଲୋକେ ଯାତାୟାତ କରୁଥିଲେ। ଫଳରେ ବିଭିନ୍ନ ସମୟରେ ଦୁର୍ଘଟଣା ହେଉଥିଲା। ଏହି ଯୋଜନାରେ ସହରର ଯେଉଁ ରାସ୍ତା ଗୁଡିକ ସ୍ମାର୍ଟରୋଡ଼ କରାଯିବା ନେଇ ପ୍ରସ୍ତାବ ରହିଛି ସେଗୁଡିକର ବିକାଶ ହେବା ସହ ରାସ୍ତାକଡ଼ରେ ଖୋଲା ନାଳନର୍ଦ୍ଦମା ଦେଖିବାକୁ ମିଳିବ ନାହିଁ। ବେଙ୍ଗାଲୁରୁର ସ୍ମାର୍ଟରୋଡ଼ ଢାଞ୍ଚାରେ ବ୍ରହ୍ମପୁର ସହରରେ ନିର୍ମାଣ ହେବ। ପ୍ରଥମ ପର୍ଯ୍ୟାୟରେ ସହରର ୧୦ଟି ପୁରାତନ ରାସ୍ତାକୁ ସ୍ମାର୍ଟ ରୋଡ୍ରେ ରୂପାନ୍ତରୀତ କରିବାକୁ ଯୋଜନା କରି ବ୍ରହ୍ମପୁର ମହାନଗର ନିଗମ ଡିପିଆର୍ ପ୍ରସ୍ତୁତ କରି ରାଜ୍ୟ




ସରକାରଙ୍କ ଅନୁମୋଦନ ପାଇଁ ପଠାଇଥିବା ଜଣାପଡିଛି। ରାଜ୍ୟ ସରକାରଙ୍କ ଅନୁମୋଦନ ପରେ କାର୍ଯ୍ୟାରମ୍ଭ କରାଯିବ ବୋଲି ସୂଚନା ମିଳିଛି। ଗତ କିଛି ଦିନ ପୂର୍ବେ ବ୍ରହ୍ମପୁର ମହାନଗର ନିଗମର ବରିଷ୍ଠ ଯନ୍ତ୍ରୀମାନେ ବେଙ୍ଗାଲୁରୁ ଗସ୍ତ କରି ସେଠାରେ ମହାତ୍ମାଗାନ୍ଧୀ ସ୍ମାର୍ଟରୋଡ଼ କାର୍ଯ୍ୟ ପରିଦର୍ଶନ କରିଥିଲେ। ସହରର ୧୦ଟି ରାସ୍ତା ମଧ୍ୟରେ ଗାନ୍ଧୀନଗର ମୁଖ୍ୟ ରାସ୍ତାର ଉଭୟପାର୍ଶ୍ୱ, ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟ ଶାଖା ଠାରୁ ସୁବାରାଓ ଛକ ପର୍ଯ୍ୟନ୍ତ ଉତ୍କଳ ଆଶ୍ରମ ରାସ୍ତା, ପୁରୁଣା ବସ୍ଷ୍ଟାଣ୍ଡର ଚର୍ଚ୍ଚ ରାସ୍ତା, ଭେଙ୍କେଟେଶ୍ୱର ମନ୍ଦିର ଠାରୁ ସାନବଜାର ଛକ ହୋଇ ଧାନମେରା ସାହି ଛକ, କମାପଲ୍ଲୀ ଛକ ଠାରୁ ଗୋଇଲୁଣ୍ଡି ଛକ, ଆଙ୍କୁଲି ଉଚ୍ଚବିଦ୍ୟାଳୟ ଠାରୁ ଜାତୀୟ ରାଜପଥ, ମେଣ୍ଟୁ ଛକ ଠାରୁ ଆଇନା ବନ୍ଧ ସାହି, ପଞ୍ଚୁଦେଉଳ ସାହି ଠାରୁ ରଙ୍ଗୁଣିବନ୍ଧ ସାହି ଏବଂ ଧାନମେରା ସାହି ଠାରୁ ଜଗନ୍ନାଥ ବିହାର ପର୍ଯ୍ୟନ୍ତ ରାସ୍ତା ରହିଛି। ଏହି ସମସ୍ତ ରାସ୍ତାର ମୋଟ ଦୂରତା ପ୍ରାୟ ୬ କିମି ହେବ। ଗୋଟିଏ କିଲୋମିଟର ସ୍ମାର୍ଟରୋଡ଼ ନିର୍ମାଣ ପାଇଁ ୫ରୁ ୭ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି। ସ୍ମାର୍ଟରୋଡ଼ ପାର୍ଶ୍ୱ ଖୋଲା ନାଳକୁ ଢାଙ୍କି ଦିଆଯିବ। ଯଦି ରାସ୍ତାର ଚଉଡ଼ା ଅଧିକ ରହିଥିବ, ତେବେ ଉଭୟ ପାର୍ଶ୍ୱରେ ନର୍ଦ୍ଦମା ନିର୍ମାଣ ହେବ। ଗୋଟିଏ ପାର୍ଶ୍ୱରେ ଏକ ମୋଟା ପାଇପ୍ ପଡ଼ିବ। ଏହା ଭିତରେ ଟେଲିଫୋନ, ଟିଭି ଏବଂ ଅନ୍ୟାନ୍ୟ କେବୁଲ ତାର ନିଆଯିବ। ଫଳରେ ରାସ୍ତାକୁ ବାରମ୍ବାର ଖୋଳିବାକୁ ପଡିବ ନାହିଁ। ସ୍ମାର୍ଟ ରୋଡ୍ରେ ଗାଡ଼ି ମୋଟର ଯିବା ସହିତ ଏହାର ପାର୍ଶ୍ୱରେ ପଥଚାରୀ ଓ ସାଇକେଲ ଚାଳକଙ୍କ ପାଇଁ ଫୁଟ୍ପାଥ୍ ବ୍ୟବସ୍ଥା କରାଯିବ। ରାସ୍ତାର ଓସାରକୁ ଦେଖି ଏହାକୁ ପିଚ୍, କଂକ୍ରିଟ କିମ୍ବା ପେଭର ବ୍ଲକ୍ ପକାଯିବ। ପେଭର ବ୍ଲକରେ ଯେଭଳି କେ?ଣସି ଗାଡ଼ି ଚଳାଚଳ ନକରେ ସେଥିପାଇଁ ପଦକ୍ଷେପ ନିଆଯିବ। ରାସ୍ତାର ବିଭିନ୍ନ ସ୍ଥାନରେ ଡଷ୍ଟବିନ୍ ରଖାଯିବ। ସ୍ମାର୍ଟ ରୋଡ୍ ଓ ଫୁଟ୍ପାଥରେ ଗଛ ଲଗାଯିବ। ବର୍ଷା ଜଳ ମାଟି ଭିତରକୁ ଯିବା ନେଇ ବ୍ୟବସ୍ଥା ରହିବ। ବର୍ଷା ପାଣି ସହଜରେ ନିଷ୍କାସନ ହେବ। ଖୁବ୍ ଶୀଘ୍ର ଏହା ଚୂଡ଼ାନ୍ତ ରୂପ ନେବ ବୋଲି ମହାନଗର ନିଗମ ପକ୍ଷରୁ ଜଣାପଡ଼ିଛି।

# ଟିକା ନେବେ ୧.୪ କୋଟି ପିଲା

**ଭୁବନେଶ୍ୱର :** ୨ରୁ ୧୮ବର୍ଷ ବୟସର ପିଲାଙ୍କୁ ଭାରତ ବାୟୋଟେକ୍ ଦ୍ୱାରା ପ୍ରସ୍ତୁତ 'କୋଭାକ୍ସିନ୍' କରୋନା ଟିକା ପ୍ରଦାନ ଲାଗି କେନ୍ଦ୍ରୀୟ ବିଶେଷଜ୍ଞ କମିଟି ଅନୁମୋଦନ ଦେଇଛି। ଖୁବଶୀଘ୍ର କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଗାଇଡଲାଇନ୍ ଜାରି କରିପାରନ୍ତି। ପିଲାଙ୍କ ପାଇଁ କରୋନା ଟିକାକୁ ଅନୁମୋଦନ ପରେ ରାଜ୍ୟ ସରକାର ଏଥିପାଇଁ ପ୍ରସ୍ତୁତ ରହିଥିବା କହିଛନ୍ତି। ରାଜ୍ୟରେ ୨-୧୮ବର୍ଗରେ ୧.୪ କୋଟିରୁ ଅଧିକ ପିଲା ରହିଛନ୍ତି। ଗାଇଡଲାଇନ୍ ଆସିବା ପରେ ରାଜ୍ୟରେ ଟିକାକରଣ ଆରମ୍ଭ କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟ ଟିକାକରଣ ନୋଡାଲ ଅଧିକାରୀ ଡା.ବିଜୟ ପାଣିଗ୍ରାହୀ କହିଛନ୍ତି, କେନ୍ଦ୍ରୀୟ ଟାସ୍କଫୋର୍ସର ରିପୋର୍ଟ ଅନୁଯାୟୀ ଡିସିଜିଆଇ ଟିକାକୁ



ଅନୁମୋଦନ କରିବେ। କେନ୍ଦ୍ରର ଗାଇଡଲାଇନ୍ ଆସିବା ପରେ ରାଜ୍ୟକୁ ପ୍ରତି ମାସରେ କେତେ ଟିକା ଆବଣ୍ଟିତ ହେବ ତାହା ସ୍ପଷ୍ଟ ହୋଇପାରିବ। ରାଜ୍ୟରେ ଟିକା ଦେବା ଲାଗି ଭ୍ୟାକ୍ସିନେଟରଙ୍କ ଅଭାବ ନାହିଁ। ଯେହେତୁ ପୂର୍ବରୁ ଶିଶୁମାନଙ୍କୁ ଡିପିଟି ଓ ପୋଲିଓ ଟିକା ଦିଆଯାଉଥିଲା, ତେଣୁ ରାଜ୍ୟରେ ପିଲାଙ୍କ ଟିକାକରଣରେ କେ?ଣସି ସମସ୍ୟା ହେବ ନାହିଁ। ଆକଳନ ଅନୁସାରେ ରାଜ୍ୟରେ ୨-୧୮ବର୍ଗରେ ୧.୪ କୋଟି ପିଲା ରହିଛନ୍ତି। ୧୮ବର୍ଷରୁ ଅଧିକ ୩.୯ କୋଟି ଲୋକଙ୍କୁ ଟିକା ଦେବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ତେବେ ପିଲାଙ୍କ ପାଇଁ କେନ୍ଦ୍ରର ଗାଇଡଲାଇନ୍ ଓ ଟିକାର ଉପଲବ୍ଧତାକୁ ବିଚାରକୁ ନେଇ ଟିକାକରଣ ପ୍ଲାନିଂ କରାଯିବ। ଡା.ପାଣିଗ୍ରାହୀ ଆହୁରିମଧ୍ୟ କହିଛନ୍ତି ଯେ ରାଜ୍ୟରେ ଏବେ ସୁଦ୍ଧା ୭୬ ପ୍ରତିଶତ ଯୋଗ୍ୟ ହିତାଧିକାରୀ ପ୍ରଥମ ଡୋଜ୍ ଟିକା ନେଇ ସାରିଲେଣି। ସେହିପରି ୯୬ଲକ୍ଷରୁ ଅଧିକ ଲୋକ ଦ୍ୱିତୀୟ ଡୋଜ୍ ଟିକା ନେଇଛନ୍ତି। ଉଭୟ ଡୋଜ୍ ଟିକା ନେଇଥିବା ହିତାଧିକାରୀଙ୍କ ଟିକାକରଣ ହାର ୩୧ ପ୍ରତିଶତ ରହିଛି। ଦଶହରା ସମୟରେ ରାଜ୍ୟରେ ଯଦିଓ ଟିକାକରଣ ଜାରି ରହିବ ତଥାପି କମ୍ ସଂଖ୍ୟକ ଲୋକ ଟିକା ନେବାକୁ ଆସିପାରନ୍ତି ବୋଲି ସେ ସୂଚନା ଦେଇଛନ୍ତି।

# ଖୋଲିବ ଅଷ୍ଟମ ଓ ଏକାଦଶ ଶ୍ରେଣୀ

**ଭୁବନେଶ୍ୱର :** ରାଜ୍ୟରେ ଦଶହରା ପରେ ଅଷ୍ଟମ ଓ ଏକାଦଶ ଶ୍ରେଣୀର ପିଲାମାନଙ୍କ ପାଇଁ ସ୍କୁଲ ଖୋଲିବ। ଅଷ୍ଟମ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଯାଇ ଅଫ୍ଲାଇନ୍ରେ କ୍ଲାସ୍ କରିବେ। ଗଣଶିକ୍ଷା ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ଯେ, ଦଶହରା ପରେ ଅଷ୍ଟମ ଓ ଏକାଦଶ ଶ୍ରେଣୀରେ ଅଫ୍ଲାଇନ୍ ମାଧ୍ୟମରେ କ୍ଲାସ ହେବ। ପିଲାମାନେ ସ୍କୁଲକୁ ଯାଇ ପାଠ ପଢ଼ିବେ। ସୂଚନାଯୋଗ୍ୟ, କୋଭିଡ କଟକଣା ମଧ୍ୟରେ ବର୍ତ୍ତମାନ ପରିପ୍ରେକ୍ଷୀରେ ନବମ, ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲାମାନଙ୍କ ପାଠ ପଢ଼ା ଅଫ୍ଲାଇନ୍ ମାଧ୍ୟମରେ ଜାରି ରହିଛି। ଏଥି ସହିତ ପ୍ରଥମ ଶ୍ରେଣୀ ଠାରୁ ଦ୍ୱାଦଶ ଶ୍ରେଣୀ ଯାଏଁ ଅନ୍ଲାଇନ୍ରେ କ୍ଲାସ ମଧ୍ୟ ଚାଲିଛି।

# ଜଗନ୍ନାଥ ଷ୍ଟାଡିୟମ ନିର୍ମାଣ କାର୍ଯ୍ୟର ସମୀକ୍ଷା କଲେ ୫-ଟି ସଚିବ

**ପୁରୀ :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ପୁରୀରେ ଜଗନ୍ନାଥ ଷ୍ଟାଡିୟମ ନିର୍ମାଣ କାମର ସମୀକ୍ଷା କରିଛନ୍ତି ୫-ଟି ସଚିବ ଭି.କେ.ପାଣ୍ଡିଆନ୍। ପୁରୀ ପେଣ୍ଟକଟା ନିକଟରେ ଷ୍ଟାଡିୟମ ନିର୍ମାଣ କରାଯାଉଥିବା ବେଳେ, ଏଠାରେ ଏକ କ୍ରିକେଟ୍ ଗ୍ରାଉଣ୍ଡ ସହ ସୁଇମିଙ୍ଗ ପୁଲ୍, ୧୦୦ ଶଯ୍ୟା ବିଶିଷ୍ଟ କ୍ରୀଡ଼ା ଛାତ୍ରାବାସ ଓ ଇଣ୍ଡୋର ହଲ୍ ମଧ୍ୟ ନିର୍ମାଣ କରାଯାଉଛି। ନବୀନଙ୍କ ଡ୍ରିମ୍ ପ୍ରୋଜେକ୍ଟ। ପୁରୀ ହେବ ବିଶ୍ୱସ୍ତରୀୟ ଐତିହ୍ୟ ସହର। ଏହି ପ୍ରକଳ୍ପ ଭିତରେ ଶ୍ରୀକ୍ଷେତ୍ରରେ ଶ୍ରୀମନ୍ଦିର ସହ ଜଡ଼ିତ ସମସ୍ତ କାର୍ଯ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କ୍ରୀଡ଼ା, ପର୍ଯ୍ୟଟନ ସବୁ କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ଜୋରସୋରରେ କାମ ମଧ୍ୟ ଆଗେଇ ଚାଲିଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ବୁଧବାର ପୁରୀରେ ଜଗନ୍ନାଥ ଷ୍ଟାଡିୟମ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଛନ୍ତି ୫-ଟି ସଚିବ ଭି.କେ.ପାଣ୍ଡିଆନ୍। ପୁରୀ ପେଣ୍ଟକଟା ନିକଟରେ



ଷ୍ଟାଡିୟମ ନିର୍ମାଣ କରାଯାଉଥିବା ବେଳେ ଏଠାରେ ଏକ କ୍ରିକେଟ୍ ଗ୍ରାଉଣ୍ଡ ସହ ସୁଇମିଙ୍ଗ ପୁଲ, ଟେବଲ ଟେନିସ, ଜିମ୍ନାଜିୟମ, ୧୦୦ଶଯ୍ୟା ବିଶିଷ୍ଟ କ୍ରୀଡ଼ା ଛାତ୍ରାବାସ ଓ ବହୁମୁଖୀ ଇଣ୍ଡୋର ହଲ୍ ମଧ୍ୟ ନିର୍ମାଣ କରାଯାଉଛି। ପୁରୀ ଜିଲ୍ଲାରେ କ୍ରୀଡ଼ାର ବିକାଶ, ପୁରୀରେ ଜାଗା ଆଖଡ଼ା ପରମ୍ପରାକୁ ଗୁରୁତ୍ୱ ଦେଇ ରେସଲିଂ, ୱେଟ୍ ଲିଫ୍ଟିଂ, ବଡି ବିଲଡିଂ, ଯୋଗ, ଜିମନାଷ୍ଟିକ୍, ବକ୍ସିଂ ଭଳି କ୍ରୀଡ଼ା ପାଇଁ ସୁବିଧା ସୁଯୋଗ ସୃଷ୍ଟି କରିବାକୁ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲା ୫-ଟି ସଚିବ ଭି.କେ. ପାଣ୍ଡିଆନ୍। ଏଥି ସହ ନୂଆ ସ୍ପୋର୍ଟସ୍ କମ୍ପଲେକ୍ସରେ ଆବାସିକ କ୍ରିକେଟ୍ ଏକାଡେମୀ ଏବଂ ରେସଲିଂ ଏକାଡେମୀ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ ୫-ଟି ସଚିବ। ଅବଢ଼ା ଯୋଜନାରେ ଏହି ପ୍ରକଳ୍ପ ୪୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ଆଗମୀ ଦିନରେ ପୁରୀରେ ନିର୍ମାଣ ହେଉଥିବା ଜଗନ୍ନାଥ ଷ୍ଟାଡିୟମରେ ରଣଜି ଟ୍ରଫି ସମେତ ଫାଷ୍ଟ କ୍ଲାସ୍ କ୍ରିକେଟ୍ ମ୍ୟାଚ୍ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଉଛି। ବୁଧବାର ପୁରୀରେ ନିର୍ମାଣଧୀନ ଜଗନ୍ନାଥ ଷ୍ଟାଡିୟମ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା ବେଳେ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ସହ ଉପସ୍ଥିତ ଥିଲେ କ୍ରୀଡ଼ା ସଚିବ ଆର ଭିନିଲ୍ କ୍ରିଷ୍ଣା, ପୁରୀ ଜିଲ୍ଲାପାଳ ସମର୍ଥ ବର୍ମା, ରାଜ୍ୟ କ୍ରୀଡ଼ା ଏବଂ ଯୁବ ବ୍ୟାପାର ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଶିଳ୍ପାଞ୍ଚଳ ରାସ୍ତା ପୂର୍ତ୍ତ ବିଭାଗ ଅଧିନକୁ ଯିବ !



**ଭୁବନେଶ୍ୱର :** ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ଥିବା ଶିଳ୍ପାଞ୍ଚଳର ୩୦ଫୁଟ୍ରୁ ଅଧିକ ଓସାର (୯ମିଟରରୁ ଅଧିକ) ରାସ୍ତା ଖୁବ୍ ଶୀଘ୍ର ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହେବ। ପୂର୍ତ୍ତ ବିଭାଗ ଉକ୍ତ ରାସ୍ତାଗୁଡ଼ିକର ରକ୍ଷଣାବେକ୍ଷଣ କରିବା ସହ ଏହାର ଉନ୍ନତୀକରଣ କରିବ। ଏ ନେଇ ଇଡ୍କୋ ପକ୍ଷରୁ ପୂର୍ତ୍ତ ବିଭାଗକୁ ପ୍ରସ୍ତାବ ଦିଆଯାଇଥିବାବେଳେ ଖୁବ୍ଶୀଘ୍ର ପୂର୍ତ୍ତ ବିଭାଗ ଏହା ଉପରେ ମୋହର ମାରିବ ବୋଲି ଜଣାପଡ଼ିଛି। ଏବେ ଇଡ୍କୋ ଅଧୀନରେ ରାଜ୍ୟର ସମସ୍ତ ଶିଳ୍ପାଞ୍ଚଳର ରାସ୍ତା ଥିଲେ ହେଁ ଏହାର ରକ୍ଷଣାବେକ୍ଷଣ ଠିକ୍ ଭାବେ ହେଉନଥିବାରୁ ରାସ୍ତାଗୁଡ଼ିକ ଶୋଚନୀୟ ହୋଇଯାଇଛି। ଏହାବାଦ୍ ପ୍ରତି ରାସ୍ତା କଡ଼ରେ ଡ୍ରେନ୍ ନିର୍ମାଣ ହେବାର ନିୟମ ଥିଲେ ହେଁ ଇଡ୍କୋ ଏହାକୁ କରୁନି। ଇଡ୍କୋ କର୍ତ୍ତୃପକ୍ଷ ଅର୍ଥାଭାବ ଦର୍ଶାଇ ରାସ୍ତା ମରାମତି ଓ ଉନ୍ନତୀକରଣ କରୁନଥିବାରୁ ଏହାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିବାକୁ ନିଷ୍ପତ୍ତି ନେଇଛି। ଅପରପକ୍ଷେ ଏବେ ଇଡ୍କୋ ସିଏମ୍ଡି ଏବଂ ପୂର୍ତ୍ତ ବିଭାଗର ସଚିବ ପଦବିରେ ଜଣେ ଅଧିକାରୀ ଥିବାରୁ ଇଡ୍କୋର ଏହି ପ୍ରସ୍ତାବ ଉପରେ ଖୁବ୍ ଶୀଘ୍ର ଚୂଡ଼ାନ୍ତ ମୋହର ବାଜିବ ବୋଲି କୁହାଯାଉଛି।

# 'ଅଲିଭ୍ ରିଡ୍ଲେ'ଙ୍କୁ ବିପଦ ଦେବୀ ମୁହାଣ

**ପୁରୀ :** ଦିନେ ଯେଉଁ ସ୍ଥାନ ଅଲିଭ୍ ରିଡ୍ଲେଙ୍କ ମିଳନସ୍ଥଳ ସାଜିଥିଲା, ତାହା ଏବେ ମରଣଯନ୍ତା। ହଜାର ହଜାର କଇଁଛଙ୍କ ମିଳନ ଓ ଅଣ୍ଡାଦାନର ଆକର୍ଷଣ କେନ୍ଦ୍ର ଏବେ ଏହି ଅତିଥି ଜୀବଙ୍କ ପାଇଁ ଅଲୋଡ଼ା। ଆଜି ବି ସେଇ ଦେବୀ ମୁହାଣ ଅଲିଭ୍ ରିଡ୍ଲେଙ୍କୁ ସ୍ୱାଗତ ପାଇଁ ଅପେକ୍ଷା କରିଛି, କିନ୍ତୁ ନିର୍ଦ୍ଦୟ ମଣିଷ ଓ ଉଦାସୀନ ଅଧିକାରୀମାନେ ତାହା କରାଇ ଦେଉନାହାନ୍ତି। ଗଣ ଅଣ୍ଡାଦାନ ଋତୁ ଆସିଲେ ଘନଘନ ବୈଠକ ହେଉଛି। ସୁରକ୍ଷା ପାଇଁ ଏସ୍ଓପି ଜାରି ହେଉଛି। ମାତ୍ର କାମ ବେଳକୁ କାହାର ଦେଖା ମିଳୁନାହିଁ। ତେଣୁ ୩୦ ହଜାରରୁ ଅଧିକ ଅଲିଭ୍ ରିଡ୍ଲେଙ୍କ ମିଳନ ହେଉଥିବା ଏହି ମୁହାଣରେ ଅଣ୍ଡାଦାନ ଋତୁରେ ହଜାର ହଜାର କଇଁଛଙ୍କ ଶବ ଦେଖିବାକୁ ମିଳୁଛି। ଅଲିଭ୍ ରିଡ୍ଲେ ମଧ୍ୟ ବନ୍ୟଜନ୍ତୁ ସଂରକ୍ଷଣ ଆଇନ ମୁତାବକ ସିଡ୍ୟୁଲ-୧ ଶ୍ରେଣୀର। କିନ୍ତୁ ଗହୀରମଥା ଓ ଋଷିକୂଲ୍ୟାରେ ଅଲିଭି ରିଡ୍ଲେଙ୍କ ମିଳନ ପାଇଁ ଯେପରି ବନ୍ଦୋବସ୍ତ ଓ ଆଇନ୍ କଡ଼ାକଡ଼ି ହେଉଛି ତାହା ଦେବୀ ମୁହାଣରେ ଦେଖିବାକୁ ମିଳୁନାହିଁ। ୧୯୯୭ ମସିହାରେ ଶେଷଥର ପାଇଁ ଦେବୀ ମୁହାଣରେ ୩୫ହଜାର ୪ଶହରୁ ଅଧିକ ଅଲିଭ୍ ରିଡ୍ଲେଙ୍କ ଆଗମନ ହୋଇଥିଲା। କୋଷ୍ଟାରିକାରୁ ପ୍ରାୟ ୪୫ ହଜାର କିଲୋମିଟର ସାମୁଦ୍ରିକ ପଥ ଅତିକ୍ରମ କରି କଇଁଛମାନେ ଏହି ଉପକୂଳ ଅଞ୍ଚଳକୁ ଭରସାରେ ଛୁଟି ଆସୁଥିଲେ। ଏହାକୁ ଦୃଷ୍ଟିରେ ରଖି ସରକାର ନଭେମ୍ବର ମାସରୁ ଏପ୍ରିଲ୍ ପର୍ଯ୍ୟନ୍ତ ସମୁଦ୍ର କୂଳଠାରୁ ୨୦କିଲୋମିଟର ଅଞ୍ଚଳ ପର୍ଯ୍ୟନ୍ତ ନିଷିଦ୍ଧାଞ୍ଚଳ ଘୋଷଣା କରୁଛନ୍ତି। ବନବିଭାଗ, ତଟରକ୍ଷୀ ବାହିନୀ, ମେରାଇନ୍ ପୁଲିସ୍ ସମେତ ପରିବେଶ



କର୍ମୀଙ୍କୁ ନେଇ ହେଡ୍ କ୍ୱାର୍ଟରରେ ବୈଠକ ବସୁଛି। ତେବେ ଋଷିକୂଲ୍ୟା ଓ ଗହୀରମଥାକୁ ଯେତିକି ଗୁରୁତ୍ୱାରୋପ କରାଯାଏ ସେଇ ବେ?ଠକର ପ୍ରଭାବ ଦେବୀ ମୁହାଣ ଉପରେ ସେତିକି ପଡ଼େ ନାହିଁ। ନିଷିଦ୍ଧାଞ୍ଚଳ ଘୋଷଣା ସତ୍ତ୍ୱେ ଦେବୀ ମୁହାଣର ପ୍ରାୟ ୨୦ କିମି ପରିମିତ ସାମୁଦ୍ରିକ ଅଞ୍ଚଳରେ ଶତାଧିକ ଟ୍ରଲର ବୁଲୁଥାଏ। ମୋଟର ଚାଳିତ ଡଙ୍ଗାରେ ମଧ୍ୟ ମାଛ ଧରା ଚାଲେ। ଯଦିଓ ମାଛ ଧରିବାରେ ରୋକ୍ ଲଗାଯାଇ ମତ୍ସ୍ୟଜୀବୀମାନଙ୍କୁ କିଛି ଆର୍ଥିକ ସହାୟତା ସରକାର ପ୍ରଦାନ କରନ୍ତି, କିନ୍ତୁ ତାହା ସମସ୍ତ ମତ୍ସ୍ୟଜୀବୀ ପାଆନ୍ତି ନାହିଁ। ତେଣୁ ମାଛ ଧରା କମିଯାଏ ସିନା, ବନ୍ଦ ହୁଏ ନାହିଁ। ଏସବୁ ତଟରକ୍ଷୀ ବାହିନୀ, ବନ ବିଭାଗ, ମେରାଇନ୍ ପୁଲିସ୍ର ଅଧିକାରୀମାନେ ଜାଣନ୍ତି। କିନ୍ତୁ କେହି ବି ଟ୍ରଲର ଓ ମୋଟର ଚାଳିତ ଡଙ୍ଗା ଚାଲିବା ଉପରେ ରୋକ୍ ଲଗାନ୍ତି ନାହିଁ। ପରିବେଶକର୍ମୀଙ୍କ କହିବା ମୁତାବକ, ଏବେ ମାତ୍ର ଏଠାରୁ ୩ଶହରୁ ୫ଶହ ଅଣ୍ଡା ସଂଗ୍ରହ କରି କୃତ୍ରିମ ଉପାୟରେ ଏହାକୁ ଫୁଟାଇବା ବ୍ୟବସ୍ଥା କରାଯାଉଛି। ତେବେ ମୃତାହତ ହେଉଥିବା କଇଁଛଙ୍କ ସଂଖ୍ୟା ୩ହଜାରରୁ ଅଧିକ। ଯଦିଓ ସରକାରୀ ହିସାବରେ ମାତ୍ର ୨ଶହରୁ ୩ଶହ କଇଁଛ ମରିଥିବା ଦେଖାଯାଏ, କିନ୍ତୁ ବାସ୍ତବ କଥାକୁ ଘଣ୍ଟ ଘୋଡ଼ାଯାଏ ବୋଲି ଅସ୍ତରଙ୍ଗର ପରିବେଶକର୍ମୀମାନେ କହିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଟ୍ରଲରରେ ଟେଡ୍ ନେଟ୍ ତଥା ଟର୍ଟଲ୍ ଏକ୍ସକ୍ଲୁସିଭ୍ ଡିଭାଇସ୍ ଲଗାଇବା ପାଇଁ ନିର୍ଦ୍ଦେଶ ରହିଥିଲେ ହେଁ ଏହାକୁ ମଧ୍ୟ କେହି ବ୍ୟବହାର କରନ୍ତି ନାହିଁ। ଅନ୍ୟ ପକ୍ଷରେ ପାଟ୍ରୋଲିଂ ପାଇଁ ନିର୍ଦ୍ଦେଶ ରହିଥିଲେ ହେଁ ଅସ୍ତରଙ୍ଗ ବନ ବିଭାଗ ନିକଟରେ ପାଟ୍ରୋଲିଂ ପାଇଁ ଆବଶ୍ୟକ ବୋଟିଏ ବି ନାହିଁ। ଏହି ବିରଳ ପ୍ରଜାତିର ଅତିଥି ଜୀବ ଅଲିଭ୍ ରିଡ୍ଲେଙ୍କୁ ସରକାର ମାସ୍କଟ ଭାବେ ଚୟନ କରିଛନ୍ତି। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଏ ସମ୍ପର୍କରେ 'ଓଲି' ସୂଚନା ଦେଉଛି। କିନ୍ତୁ ବାସ୍ତବରେ ହଜାର ହଜାର ଓଲି ବିପଦରେ ପଡୁଛନ୍ତି। ତେଣୁ ନୀତି ପ୍ରଣୟନ କରିବାରେ ସରକାର ଯେତିକି ତତ୍ପରତା ଦେଖାଉଛନ୍ତି, ସେତିକି ଆନ୍ତରିକତା ଯଦି କାର୍ଯ୍ୟସ୍ଥଳରେ ଦେଖାନ୍ତେ ତେବେ ଦେବୀ ମୁହାଣ ପୁଣି ଅଲିଭ୍ ରିଡ୍ଲେଙ୍କ ପାଇଁ ଗଣ ଅଣ୍ଡାଦାନର ସୁରକ୍ଷିତ ସ୍ଥଳରେ ପରିଣତ ହୋଇପାରନ୍ତା ବୋଲି ପରିବେଶକର୍ମୀମାନେ କହିଛନ୍ତି।



ସୁଖ ପାଖରେ ଜ୍ଞାନ ନଥାଏ । ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ ।

EKAMAATRA ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୮ - ୨୪ ଅକ୍ଟୋବର, ୨୦୨୧


# ସଚେତନତା ହିଁ ବୁଦ୍ଧିମାନର କାର୍ଯ୍ୟ

ସମୟର ଗତିପଥ ଓ ମଣିଷର ଗତିପଥ କେବେ ସମାନ ହୋଇନଥାଏ । କାଳର ଆହ୍ୱାନକୁ ସାମ୍ନା କଲାବେଳେ ଆକ୍ରାମାକ୍ରା ହୋଇପଡୁଥିବା ମଣିଷ ଯେତେବେଳେ ପ୍ରତିକୂଳ ପରିସ୍ଥିତିର କଠୋର କାଠଗଡା ଭିତରେ ନିଜକୁ ଆବିଷ୍କାର କରେ, ଜୀବନାନୁଭୂତିର ସନ୍ଦର୍ଭ ପ୍ରସ୍ତୁତ କଲାବେଳେ କେତେ କେତେ ମଧୁର ଓ ତିକ୍ତ ଅନୁଭୂତି ସନ୍ନିବେଶିତ ହୁଏ ତାହା ଶେଷ ଜୀବନରେ ଜଣାପଡେ । ଭାଗ୍ୟ ବୋଲି ଶବ୍ଦ ସହ କର୍ମର ସମ୍ପର୍କ ଯୋଡି ପାଦ ଆଗକୁ ବଢ଼ିଲାବେଳେ ସଫଳ ଓ ବିଫଳତାର ଚିତ୍ର ଉଭାସିତ ହୋଇଉଠେ । କଷ୍ଟ କଲେ କୃଷ୍ଣ ମିଳିବାର ଉପାଖ୍ୟାନ ତର୍ଜମା ସମୟରେ ଅନୁସୃତ ବାକ୍ୟ କିଭଳି କିଏ କେଉଁ ସମୟରେ କହିଥିଲେ ତାହା ମନକୁ ଭାରାକ୍ରାନ୍ତ କରିଥାଏ । ଜୀବନ ତମାମ ଦୁଃଖ କଷ୍ଟ ଭୋଗ କରି ଦୁଇ ଓଳା ଖାଦ୍ୟ ପାଉନଥିବା ମଣିଷ କଣ କିଛି କଷ୍ଟ କରିନାହିଁ ! ଏଭଳି ସଂଶୟ ମନକୁ ବାରମ୍ବାର ଆନ୍ଦୋଳିତ କରୁଥିଲେ ବି କଷ୍ଟରୁ ନିସ୍ତାର ପାଇବାର ମନ୍ତ୍ର ହାସଲ କରିବା ଆଦୌ ସହଜ ହୋଇନଥାଏ । ଅଥଚ ଜୀବନରେ ସାମାନ୍ୟ ଦୁଃଖ କଷ୍ଟ ଭୋଗ କରିନଥିବା ଲୋକ ବିଳାସମୟ ଜୀବନ ଅତିବାହିତ କରିପାରେ । ଏହାର କାରଣ କଣ ? ଦୁଃଖ ସହୁଥିବା ଓ ସୁଖ ଭୋଗ କରୁଥିବା ଉଭୟ ଈଶ୍ୱର ବିଶ୍ୱାସୀ । ଅଥଚ ଉଭୟଙ୍କ ଭାଗ୍ୟ ସମାନ ନୁହେଁ । ଜୀବନ ଦର୍ଶନର ଏହି ଗୂଢ ତତ୍ତ୍ୱ ପ୍ରଗାଢ ଭକ୍ତି କିମ୍ବା କର୍ମର ଫଳ ବୋଲି ବିଶ୍ୱାସ କରିବାକୁ ପଡିବ । ଯୋଜନା ମୁତାବକ କର୍ମ କରି ସୁଦ୍ଧା ସଫଳତାର ପାର୍ଶ୍ୱ ଦେଖୁନଥିବା ମଣିଷକୁ କଣ କହି ବୁଝିହେବ ଯେ, ସୁଖ ଭୋଗକାରୀ ମଣିଷର ସଫଳତା ପଛର ରହସ୍ୟକୁ ଭେଦ କରିହେବ । ଜୀବନରେ ଯିଏ ଯେତେ ଅଧିକ ସଫଳ, ସିଏ ନିରନ୍ତର ରୂପେ ଶୀର୍ଷ ଆରୋହଣର ସ୍ୱପ୍ନ ଦେଖୁଥାଏ । ଅଥଚ ପରାଜୟ ବରଣ କରି ବାରମ୍ବାର ଚେଷ୍ଟା ସତ୍ତ୍ୱେ କିଛି ଲୋକ ସେହି ବିଫଳତାର ସ୍ୱାଦ ଚାଖି ଚାଲିଥାନ୍ତି ।ତେଣୁ ସଫଳତା-ବିଫଳତାର ଆଧାର କେଉଁ ମାପକାଠିରେ ମାପି ହେବ ତାହା ହିଁ ଚିନ୍ତାର ବିଷୟ ।ଅଧିକନ୍ତୁ ସମସ୍ତଙ୍କ ମନ ଭିତରେ ଭଲ ଉପାର୍ଜନ ଓ ସୁଖୀ ଜୀବନର ଏକ ବଦ୍ଧ ଧାରଣା ଥିବା ସତ୍ତ୍ୱେ ଜୀବନରେ ଏଭଳି କାହିଁକି ହୁଏ ତାହାର ସ୍ୱଚ୍ଛ ଧାରଣା ଏଯାବତ ମୋ ଭିତରେ ସ୍ପଷ୍ଟ ହୋଇପାରିନାହିଁ । ବରଂ ଏକ ଦ୍ୱନ୍ଦ୍ୱାତ୍ମକ ପ୍ରଶ୍ନ ବାରମ୍ବାର ମନ ଭିତରେ ଆନ୍ଦୋଳିତ ହୋଇଚାଲିଛି । ଅଧିକାଂଶ କ୍ଷେତ୍ରରେ ଦେଖାଯାଇଛି ଯେ, କେଉଁଠି ନା କେଉଁଠି ସଫଳ ଚେଷ୍ଟା ବୋଲି ମନେ କରୁଥିବା ବିଚାରଧାରା କେଉଁଠି ନା କେଉଁଠି ପ୍ରତିହତ ହୋଇଚାଲିଥାଏ । ପ୍ରତିହତ ହୋଇ ଚାଲିଥିବା ପ୍ରଚେଷ୍ଟାରେ କେଉଁଠି କେଉଁ ଉପାଦାନ ଊଣା ରହିଯାଉଛି, ତାହା ସୂଚିତ ହେବାର ପ୍ରକ୍ରିୟା ସମ୍ପର୍କରେ ଶୁଦ୍ଧ ଧାରଣା ସହଜ ନୁହେଁ । ଅତଏବ ଅନେକ ଘଟଣାରେ ଦେଖାଯାଇଛି, ଆଜୀବନ କଷ୍ଟ ସ୍ୱୀକାର କରୁଥିବା ବ୍ୟକ୍ତି ଠାରୁ ସ୍ୱଳ୍ପ କଷ୍ଟ ସ୍ୱୀକାର କରିବା ବ୍ୟକ୍ତି ଅଧିକ ଧନୀ, ଅଧିକ ସଫଳ ।ବୁଲେଇ ବଙ୍କେଇ କହିବାକୁ ହେଲେ କଷ୍ଟ କଲେ ଯେ, ସବୁଠି ସଫଳତା ମିଳେ ଏହାର କିଛି ଗ୍ୟାରେଣ୍ଟି ନାହିଁ । ଉପଯୋଗ ହେଉଥିବା ଜ୍ଞାନ ସଠିକ ଜାଗାରେ ପ୍ରୟୋଗ କରିବା ହିଁ ସଫଳତାର ଆଧାର ବୋଲି କହିହେବ । ପ୍ରତ୍ୟେକ କାର୍ଯ୍ୟରେ ମନନଶୀଳତା ଉପଜୀବ୍ୟ ଆଧାର ମନେକଲେ କୃତକାର୍ଯ୍ୟର ସଫଳତା ହାର ଅଧିକ


ସମ୍ପାଦକୀୟ

ତାରକ ମହାନ୍ତି




ହୋଇଥାଏ । ଯେଉଁଠି ନିଜର ବ୍ୟବହାର, ବ୍ୟକ୍ତିତ୍ୱ ଓ ଉପସ୍ଥିତ ବୁଦ୍ଧି ପ୍ରୟୋଗ ମାଧ୍ୟମରେ ଅନେକ କିଛି କରାୟତ କରାଯାଇପାରେ । ସ୍ୱୟଂ ରୂପେ କେହି କେବେ ସଫଳ ବ୍ୟକ୍ତି ରୂପେ ଜନ୍ମ ଗ୍ରହଣ କରିନଥାଏ ।ନିଜର ଦକ୍ଷତା, କର୍ତ୍ତବ୍ୟନିଷ୍ଠ ଗୁଣ ଉପରକୁ ବଢିବାର ମାର୍ଗ ଦର୍ଶାଇଥାଏ । କିଛି ସ୍ଥଳରେ ଦେଖାଯାଇଛି, ପରାଜିତ ମଣିଷ ପରିସ୍ଥିତିର ଦାସ ଭାବେ ସବୁ ଗ୍ରହଣ କରିଥିଲେ ବି ମନ ଭିତରେ ବିଦ୍ରୋହର ସ୍ୱର ଦାନା ବାନ୍ଧୁଥାଏ । ବିଦ୍ରୋହ ଯେତେବେଳେ ବ୍ୟାପକ ହୁଏ ସେତେବେଳେ ଆନ୍ଦୋଳନ ଦାନା ବାନ୍ଧେ । ସମୟାନୁକ୍ରମେ ଆନ୍ଦୋଳନ ତୀବ୍ର ହେଲେ ଏହାର କୁଫଳ, ସୁଫଳ କଣ ମିଳେ ତାହା ସମୟ ହିଁ ପ୍ରତିପାଦିତ କରେ । ଯେଉଁ ସଫଳ ବ୍ୟକ୍ତିଙ୍କ ସମ୍ପର୍କିତ ଆଲୋଚନା ହୋଇଥାଏ ସେଥିରେ ସଂଖ୍ୟାଧିକ ବିଫଳ ମଣିଷଙ୍କ ଇତିହାସର କୌଣସି ବର୍ଣ୍ଣନା ନଥାଏ । ଯାହା ଦେଖାଯାଇଛି ସଫଳ ମଣିଷଙ୍କ ଅପେକ୍ଷା ବିଫଳ ମଣିଷଙ୍କ ସଂଖ୍ୟା କାହିଁ କେତେଗୁଣ ଅଧିକ । ବିଫଳତାର ଦୁଃଖ ଭୋଗ କରୁଥିବା ମଣିଷମାନେ କେତେବେଳେ ଆତ୍ମହତ୍ୟା କରୁଛନ୍ତି ତ ଆଉ କେବେ ପାଗଳ ସଦୃଶ ଜୀବନଯାପନ କରିବା ପାଇଁ ବାଧ ହୋଇଥାନ୍ତି । ବିଫଳ ମଣିଷ ସମାଜ ଓ ପରିବାର ପାଇଁ ବୋଝ ବୋଲି ମନେ ହେଉଥିଲା ବେଳେ ବାସ୍ତବରେ ଏମାନେ କ'ଣ କାହା ପାଇଁ ବୋଝ କି ? ଯାହା ବି ଜୀବନରେ ଏମାନେ କରିଛନ୍ତି ତାହା ତ ସେହି ସମାଜ ଓ ପରିବାର ପାଇଁ କରିଛନ୍ତି । କେବେ ସେମାନଙ୍କ ଅସହାୟ ସମୟରେ ପରିବାର ସଦସ୍ୟ ଏବଂ ସମାଜର ବ୍ୟକ୍ତି ବିଶେଷ ଏମାନଙ୍କ ପଛରେ ରହି ପ୍ରୋତ୍ସାହନ ଦେଇପାରୁଥିଲେ ହୁଏତ ପରିସ୍ଥିତି ଖରାପ ଆଡକୁ ଗତି କରନ୍ତା ନାହିଁ । ଅଥଚ ସଭ୍ୟ ସମାଜର ମଣିଷମାନେ ବିଫଳ ମଣିଷ ମାନଙ୍କୁ ନାନା ପ୍ରକାର ମାନସିକ ନିର୍ଯାତନା ଦେବା ସହିତ ଶାରୀରିକ ଯନ୍ତ୍ରଣା ଦେବାକୁ ମଧ ପଛାଇ ନଥାନ୍ତି । ଯାହାଫଳରେ ବିଫଳ ବ୍ୟକ୍ତିଟି କର୍ମ ବିମୁଖ ହେବାକୁ ବାଧ ହୋଇପଡେ । ପରିସ୍ଥିତି ଅଣାୟତ୍ତ ହେଲେ ଯେକୌଣସି ବ୍ୟକ୍ତି ମାନସିକ ସ୍ତରରେ ଭାଙ୍ଗି ପଡିବା ସହିତ ବଞ୍ଚିବାର ନୂଆ ଆହ୍ୱାନକୁ ସହଜରେ ସାମ୍ନା କରିପାରି ନଥାଏ । ଯେଉଁଥିପାଇଁ ଅତ୍ୟନ୍ତ ଦୟନୀୟ ସ୍ଥିତିକୁ ଯାଇ ପରିସ୍ଥିତି ସମ୍ପର୍କରେ ବାରମ୍ବାର ଚିନ୍ତା କରିବା ସହିତ ନିଜ ଜୀବନକୁ ଧିକ୍କାର କରିଥାଏ । ସଫଳ ମଣିଷମାନେ ଶିଡି ଉପରେ ଶିଡି ଚଢୁଥିଲା ବେଳେ ତଳେ ଠିଆ ହୋଇ ବିଫଳ ମଣିଷ ନିଜ ଜୀବନକୁ ତିରସ୍କାର କରିବା ସହିତ କେଉଁ କର୍ମ ଯୋଗୁ ନିଜର ଏଭଳି ପରିସ୍ଥିତି ସୃଷ୍ଟି ହେଲା ତାକୁ ନେଇ ଭାବନାରେ ଘାଣ୍ଟିହୁଏ । ତେଣୁ ଜୀବନରେ ସଫଳତା ଓ ବିଫଳତାର ଦୁଇଟି ଦିଗକୁ ନେଇ ତର୍ଜମା କଲା ବେଳେ ଜଣାପଡେ ଯେ, ଭାଗ୍ୟ ଫଳତି ସର୍ବତ୍ର । ଭାଗ୍ୟକୁ ବାଦ୍ ଦେଇ କେବଳ ଯେ କର୍ମ କରିଚାଲିଲେ ମଣିଷ ସଫଳ ହେବ ଏହାର କୌଣସି ଶତପ୍ରତିଶତ ପ୍ରମାଣ ନାହିଁ । ଅନେକ ଲୋକ ସାରାଜୀବନ କଷ୍ଟ କରିଥିଲେ ସୁଦ୍ଧା ଶେଷ ଜୀବନରେ ସାମାନ୍ୟ ସୁଖ ମଧ ପାଇପାରି ନଥାନ୍ତି । ଏହାର କାରଣ ହୁଏତ ବିଧାତାର ନିର୍ଦ୍ଦେଶ ଏପରିଥାଏ, କିମ୍ବା ନିଜ କର୍ମରେ ଏପରି କିଛି ତ୍ରୁଟି ଥାଏ ଯାହା ମଣିଷକୁ ଭୋଗ କରିବାକୁ ପଡେ । ଏସବୁ ହେଉଛି ମଣିଷ ଜୀବନର ସମୟ ସମୟର କାହାଣୀ । ଆଜିଯିଏ କୋଟିପତି ଅଛି ଆସନ୍ତାକାଲି ସିଏ ସେହି କୋଟିପତି ଆସନରେ ସ୍ଥିର ରହିବ କିମ୍ବା ପଦଚ୍ୟୁତି ଘଟିବ ତାହା ଆଗରୁ ଆକଳନ କରିବା ଅସମ୍ଭବ । ତେଣୁ ମୁଦ୍ରାର ଦୁଇପାର୍ଶ୍ୱ ଭଳି ମଣିଷ ଜୀବନରେ ସୁଖ ଓ ଦୁଃଖ ଲାଗି ରହିଥାଏ । ତେଣୁ ସୁଖ ବେଳେ ଅଧିକ ବିଭୋର ନ ହୋଇ କିମ୍ବା ଦୁଃଖ ବେଳେ ଅଧିକ ଅଧୀର ନହୋଇ ଜୀବନକୁ ଭଲ ଭାବେ ତର୍ଜମା କରି ଜୀବନଚର୍ଯ୍ୟାରେ ପରିବର୍ତ୍ତନ ଆଣିପାରିଲେ ଜଣେ ସଫଳ ମଣିଷ ହୋଇପାରିବାର ଯଥେଷ୍ଟ ପ୍ରମାଣ ରହିଛି । ତେଣୁ କରୁଥିବା କର୍ମ ପ୍ରତି ସଚେତନ ରହିବା ହିଁ ବୁଦ୍ଧିମାନର କାର୍ଯ୍ୟ ।


**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭


# ଆତ୍ମା, ପ୍ରେତାତ୍ମା, ପରମାତ୍ମା

ପଙ୍କଜ କୁମାର ପାଣିଗ୍ରାହୀ

ମନର ଉଦ୍‌ବେଗ / ପ୍ରକୋପ ଓ ବିବେକର ଶୀଥିଳତା ମଧ୍ୟରେ ସନ୍ନିବେଶିତ

ମଣିଷ ଆତ୍ମାର ସତ୍ୟତା ଉପରେ ଅନୁସନ୍ଧିତ୍ସୁ ମଣିଷ ଅଦ୍ୟାବଧି ସନ୍ଦେହରେ !

କାରଣ କ'ଣ ?

କୁହାଯାଏ ଆତ୍ମା ଶାଶ୍ୱତ, ଚିରନ୍ତନ, ଅମର । ମନୁଷ୍ୟର କର୍ମ, ଧର୍ମରେ ଆଧାରିତ ଆତ୍ମା ଗୋଟିଏ ଶରୀରରୁ ଅନ୍ୟ ଶରୀର ମଧ୍ୟରେ ପ୍ରବେଶ କରି ନୂତନ ଜୀବନ ପ୍ରବାହ କରିବା ପ୍ରାବନ୍ଧ ରହିଥାଏ ଯାହା ନିରାକାରଙ୍କ ଇଚ୍ଛାଧୀନ । ନିରାକାର ଏକ ବୃହତ୍ତର (ପରମାତ୍ମା) ଆତ୍ମା ଯିଏ ନିର୍ବିକାର । ଅର୍ଥାତ କୌଣସି ମନ୍ଦ ଉଦ୍ଦେଶ୍ୟ ତଥା ପକ୍ଷପାତିତାର ପୃଷ୍ଠପୋଷକ ହୋଇନଥା'ନ୍ତି ନିରାକାର ଯାହାଙ୍କୁ ଆମେ ଭଗବାନ ଭାବରେ ଜାଣୁ । ସେହି ନିରାକାର ଭଗବାନଙ୍କ ପ୍ରେମ ବତ୍ସଳ ସନ୍ତାନ ସ୍ୱରୂପ ଜନ୍ମ ମଣିଷର ସମସ୍ତ କାର୍ଯ୍ୟ ତଥା ପ୍ରେରଣାର ବାର୍ତ୍ତାବହ ଭଗବାନ କେବେ କାହା ପ୍ରତି ପାତର ଅନ୍ତର ନୀତି ପୋଷଣ କରିନଥା'ନ୍ତି ବୋଲି ସମସ୍ତଙ୍କ ବିଶ୍ୱାସ । କି'ନ୍ତୁ ନିଜ ଆତ୍ମା ସହିତ ପରିଚୟ ବିହୀନ ମଣିଷ ସେହି ବୃହତାତ୍ମାର ପରିଚୟ ପାଇବା କେତେଦୂର ସମ୍ଭବ ? ପ୍ରଶ୍ନବାଚୀ ସୃଷ୍ଟି କରିବା ସହିତ ସାଧାରଣ ଲୋକଙ୍କ ଭାବାବେଗ ଉପରେ ଯଥେଷ୍ଟ କୌତୁହଳ ସୃଷ୍ଟି ହୁଏ ଯେତେବେଳେ ସାଧାରଣ ଅଜ୍ଞାନ ଭଗବାନଙ୍କ ଉପରେ ତର୍ଜମା କରିଥା'ନ୍ତି । କୌଣସିମତେ ଗଲା ବାଟରେ କମ୍ ସମୟରେ ସମ୍ପୂର୍ଣ୍ଣତା ଅଧିଗ୍ରହଣ କରିବା ପ୍ରୟାସ ଜନିତ ମଣିଷ ମନର ଦୌରାତ୍ମ୍ୟ ସହଜରେ ବୁଝିବା ସମ୍ଭବ ନୁହେଁ ! ପ୍ରତ୍ୟେକ ମଣିଷ ବାଲ୍ୟ କାଳରୁ ବିଭିନ୍ନ ପ୍ରେତାତ୍ମା, ପରମାତ୍ମା ସହିତ ଅନେକ ଅଲୌକିକ ବିଷୟ ଗୁଡିଏ ଉପରେ ଆଧାରିତ ଗଳ୍ପ ହେଉକି ଆଲେଖ୍ୟ କିମ୍ବା ପ୍ରବଚନ ପଢି, ଶୁଣି ସଂସାରର ସମସ୍ତ ପାର୍ଥିବ ବସ୍ତୁ ଗୁଡିକୁ ନେଇ ଜୀବନ ପ୍ରବାହ କରୁଥିଲେ ମଧ ଅଲୌକିକତାକୁ ଜୀବନ ଶେଷ ପର୍ଯ୍ୟନ୍ତ ପ୍ରକାଣ୍ଡ ଦୃଢତାର ସହିତ ଜାବୁଡି ଧରିଥା'ନ୍ତି । କାରଣ ଅଲୌକିକ କେବେ ଦେଖି, ଆଘ୍ରାଣ କରି କିମ୍ବା ଅନୁଭବ କରିବା ସୁଯୋଗ ମିଳିନଥିଲେ ମଧ ତା'ର ମାନସ ମନ୍ଥନ ଜନିତ ଉପସ୍ଥିତ ସମୟର ଅନୁଭୂତିରେ ଯେଉଁ ଆନନ୍ଦ ମିଳିଥାଏ ତାହା ଅତ୍ୟନ୍ତ ମର୍ମସ୍ପର୍ଶୀ । ସେହି ଆନନ୍ଦ ଉପଭୋଗ କରିବା ସମ୍ପୂର୍ଣ୍ଣ ଭାବେ ଦେୟମୁକ୍ତ ଏବଂ କୌଣସି ପ୍ରତିବନ୍ଧକ ରହିତ ହୋଇଥିବା ହେତୁ ପ୍ରାୟତଃ ସମସ୍ତଙ୍କୁ ଆକର୍ଷିତ କରିଥାଏ । ସେହି ଆନନ୍ଦରେ ନିମଜ୍ଜିତ ଶିକ୍ଷିତ-ଅଶିକ୍ଷିତ, ଧନୀ-ଗରିବ, ଉଚ୍ଚ-ନୀଚ ନିର୍ବିଶେଷରେ ସମସ୍ତେ ସମ୍ପୃକ୍ତ ଚାରଣ ଭୂମିରେ ଉପନୀତ । ସର୍ବେ ସମାନ ଦୃଷ୍ଟିରେ ପରିଚାଳିତ କୌଣସି ସାମ୍ପ୍ରଦାୟୀକ ଗୋଷ୍ଠିରେ ସଂଶ୍ଳିଷ୍ଟ ସମସ୍ତ ସଦସ୍ୟ ଗୋଟିଏ ପରିବାର ସଦୃଶ୍ୟ ଦେଖିବାକୁ ମିଳନ୍ତି । ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ସମ୍ମିଳନୀ କ୍ଷେତ୍ର ବହିର୍ଭୁତ ପୁନଃ ସବୁ ମଣିଷର ଷଡ଼ରିପୁ ଗୁଡିକ ସତେଜ ହୋଇ ଉଠିଥାଏ ଯାହାର ପରିଣାମ ସ୍ୱରୂପ ସେମାନଙ୍କ ପ୍ରକାଶ ଜଣେ ସାଧାରଣ ମଣିଷ ଭଳି ହୋଇଥାଏ । ଅର୍ଥାତ ଜଣେ ସାଧାରଣ ମଣିଷ ତଥା କଥିତ ଗୁରୁଙ୍କ ପ୍ରବଚନ, କରୁଣାରୁ କୌଣସି ମତେ ନିଜ ଜୀବନ କାଳ ମଧ୍ୟରେ ସେହି ଅଲୌକିକ ନିରାକାରଙ୍କ ବାସ୍ତବ ସତ୍ତା ନପାଇ ପାରିଲେ ମଧ ପରଲୋକରେ ପ୍ରାପ୍ତି ହେବା ଲକ୍ଷ ରଖି ଯେଉଁ ଆନନ୍ଦ ପାଇଥାଏ ତାହା ସର୍ବଗ୍ରାହୀ ହେଉଥିବା ଆମେ ସମସ୍ତେ ଜାଣୁ ।

ଆତ୍ମା ଠାରୁ ପରମାତ୍ମା ପର୍ଯ୍ୟନ୍ତ ତ୍ରିସ୍ତରୀୟ ବିଶ୍ଳେଷଣାତ୍ମକ ଅନୁଶୀଳନୀ ଭାରତୀୟ ସାଂସ୍କୃତିକ, ଧାର୍ମିକ ବିଚାରରେ ବର୍ଣ୍ଣିତ । ମଣିଷ ଜୀବିତ ରହିଥିବା ସମୟରେ ତା' ଶରୀର ମଧ୍ୟରେ ଆତ୍ମା ସମ୍ପୃକ୍ତ ମଣିଷର ଆଚରଣ, ଭାବଧାରା, ସଂଚିତ ସାମାଜିକ ଚରିତ୍ର ଏବଂ କାର୍ଯ୍ୟକଳାପ ଗୁଡିକ ଉପରେ କୌଣସି ପ୍ରତ୍ୟକ୍ଷ ପ୍ରଭାବ ନପକାଇ କେବଳ ସେଗୁଡିକୁ ସଂରକ୍ଷିତ କରିଥାଏ ଯାହା ତାକୁ ପର ଜନ୍ମରେ ପୁନଃ ପ୍ରାପ୍ତି ହୋଇଥାଏ ବୋଲି ଅନୁଭବ ସମସ୍ତଙ୍କର ରହିଛି । ସେହି ବାର୍ତ୍ତାବହ ସଂରକ୍ଷଣକାରୀ ଆତ୍ମା ମଧ୍ୟରେ ଜଣେ ମଣିଷର ବାଲ୍ୟରୁ ମୃତ୍ୟୁ ପର୍ଯ୍ୟନ୍ତ ସଂରକ୍ଷିତ ସମସ୍ତ କୃତ କାର୍ଯ୍ୟଧାରାକୁ ବିଶ୍ଳେଷଣ କରି ପାପ-ପୁଣ୍ୟର ହିସାବ ଦେଖିବା ପରବର୍ତ୍ତୀ ନିର୍ଣ୍ଣାୟକ ନିଆଯାଇଥାଏ ପରମାତ୍ମାଙ୍କ ଦ୍ୱାରା ବୋଲି ଆମର ବିଶ୍ୱାସ । ଅର୍ଥାତ ଆତ୍ମାର ପରମାତ୍ମା ସହିତ ସାକ୍ଷାତ ପୂର୍ବବର୍ତ୍ତୀ ଗୋଟିଏ ମଧ ସୋପାନରେ ମଣିଷର ଉପସ୍ଥିତ କାର୍ଯ୍ୟାବଳୀର ସମୀକ୍ଷା ପୂର୍ବକ ନିର୍ଣ୍ଣାୟକ ହେତୁ ସେହି କାର୍ଯ୍ୟ ସମ୍ପାଦନ ନହେବା ପର୍ଯ୍ୟନ୍ତ ତାକୁ ପ୍ରେତାତ୍ମା ରୂପରେ ରହିବାକୁ ପଡିଥାଏ ବୋଲି କିମ୍ବଦନ୍ତୀ ସର୍ବ ଗ୍ରହୀତ ହୋଇଥାଏ । ହେଲେ ଆତ୍ମାର ପ୍ରେତାତ୍ମା ଅବସ୍ଥାରେ ମଧ ଅନେକ କାର୍ଯ୍ୟକଳାପ ବର୍ଣ୍ଣନା ସମଗ୍ର ମଣିଷ ସମାଜର ଏକ ପୁରାତନ ଗ୍ରହଣୀୟତା ଦେଖିବାକୁ ମିଳେ ସର୍ବ ବିଶ୍ୱବ୍ୟାପୀ । ପ୍ରେତାତ୍ମା ଉପରେ ଆଧାରିତ ଅନେକ ଆଲେଖ୍ୟ, କାହାଣୀ କେତେକ ଲିଖିତ ପୁସ୍ତକ, ଚଳଚିତ୍ର ମାଧ୍ୟମରେ ମଧ ଦେଖିବାକୁ ମିଳେ ସର୍ବତ୍ର । ହେଲେ ପ୍ରେତାତ୍ମା ସହିତ ସଂଯୋଗିକ ସମ୍ପର୍କ ରଖିପାରୁଥିବା ଦାବୀ କରି କେତେକ ମଣିଷ ସମାଜରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିଗ୍ରହଣ ପୂର୍ବକ ସାଧାରଣ ଲୋକଙ୍କୁ ତାହାର ପ୍ରଭାବ, ପ୍ରକୋପ ବିଷୟରେ ଆଶାତୀତ ବର୍ଣ୍ଣନା କରିଥା'ନ୍ତି ଯାହା ସବୁ ଅତ୍ୟନ୍ତ ଭୟାବହ ଭାବନା ସୃଷ୍ଟି କରେ ସାଧାରଣ ଲୋକଙ୍କ ମନରେ । ପ୍ରେତାତ୍ମା କୌଣସି ମାନବ ଆତ୍ମାର ପରବର୍ତ୍ତୀ ପର୍ଯ୍ୟାୟ ହୋଇଥିବା ହେତୁ ସମ୍ପୃକ୍ତ ମଣିଷର ଚରିତ୍ର, ବିଚାରକୁ (ଆଜି ସମୟର ସବୁ ମଣିଷଙ୍କ ବିଚାରଧାରା ଯାହା ସବୁ ଆମେ ଜାଣୁ) ନେଇ ତାହାର ପ୍ରେତାତ୍ମାର କାର୍ଯ୍ୟ କଳାପ ହୋଇଥିବା ଅନୁମାନ କରି ଜୀବିତ ମଣିଷ ଭୟଭୀତ ହୋଇଥା'ନ୍ତି । କି'ନ୍ତୁ ଏମିତି କେତେକ ମଣିଷ ମଧ ଦେଖିବାକୁ ମିଳନ୍ତି ଯେଉଁମାନେ ପରମାତ୍ମାଙ୍କ ସହିତ ସମ୍ପର୍କ ସ୍ଥାପନ କରି ପାରୁଥିବା ଦାବୀ କରି ସାଧାରଣ ଲୋକଙ୍କୁ ବିଭିନ୍ନ ଯୁକ୍ତି ବାଢୁଥିବା ବେଳେ ସମ୍ପୃକ୍ତ ବିଷୟ ଉପରେ ଆଲୋଚନାରେ ଭାବବିହ୍ୱଳ ନିର୍ବୋଧ ଅଜ୍ଞାନ ସ୍ୱର୍ଗାରୋହଣ କରିଥା'ନ୍ତି ସେହି ସମୟ ପାଇଁ । ପରବର୍ତ୍ତୀ ସମୟରେ ସେଗୁଡିକୁ ବିଶ୍ଳେଷଣ କରି ଅତ୍ୟନ୍ତ ତୃପ୍ତି ହୋଇ ତାହାର ପୁନଃ ପ୍ରଚାରରେ ମଧ ଲାଗି ପଡନ୍ତି । ପରମାତ୍ମାଙ୍କ ମାନବ ସମାଜ ପାଇଁ କୌଣସି ମନ୍ଦ ବିଚାର ନଥାଇ ବରଂ ସମସ୍ତେ ତାଙ୍କର ପ୍ରେମର ସନ୍ତାନ ବୋଲି ବର୍ଣ୍ଣିତ ସବୁ ଧର୍ମର ଲୋକେ ଏକ ଦିଗମୁଖୀ ହୋଇ ରହିଥବା ସ୍ୱୀକାର୍ଯ୍ୟ । ହେଲେ ସେହି ପରମାତ୍ମାଙ୍କ ଚର୍ଚ୍ଚା, ଜ୍ଞାନ ବାଣ୍ଟୁଥିବା ମଣିଷ ଗୁଡିକ ପରମାତ୍ମାଙ୍କ ଗୁଣଗାନ କରି କରି ନିଜକୁ ଭଗବାନଙ୍କ ଦ୍ୱାରା ପ୍ରେରିତ ପରିବ୍ରାଜକ, ଦୂତ କିମ୍ବା ତାଙ୍କର ଅଂଶବିଶେଷ ଭାବେ ଆବିର୍ଭୁତ ବୋଲି ବର୍ଣ୍ଣନା କରିଥା'ନ୍ତି ଯାହା ତାଙ୍କ ସହିତ ରହିଥିବା ଗୋଷ୍ଠୀର ମଣିଷଙ୍କ ଦ୍ୱାରା ଅତି ଗ୍ରହଣୀୟ ହେଉଥିବା ବେଳେ ସେମାନେ ମଧ ସହି ମହାନ ଆତ୍ମା ସହିତ ସମ୍ପୃକ୍ତ ବିଶିଷ୍ଟ ବ୍ୟକ୍ତିଙ୍କ ଗୁଣ, ବାଣୀକୁ ବ୍ୟାପ୍ତ ପ୍ରଚାର, ପ୍ରସାରରେ ଲାଗିପଡନ୍ତି । ଫଳ ସ୍ୱରୂପ ଆଜି ସମୟରେ ଅନେକ ଧାର୍ମିକ ସମ୍ପ୍ରଦାୟ ଦେଖିବାକୁ ମିଳୁଛି ବିଶ୍ୱବ୍ୟାପୀ । ଭାରତରେ ସବୁଠାରୁ ଅଧିକ ଭିନ୍ନ ଭିନ୍ନ ସମ୍ପ୍ରଦାୟ ରହିଥିବା ବେଳେ ଅନ୍ୟାନ୍ୟ ଦେଶ ଗୁଡିକରେ ତାହାର ବିଭାଜନ ଖୁବ୍ କମ୍ । ଏଠାରେ ପ୍ରଶ୍ନବାଚୀ ସୃଷ୍ଟି ହୁଏ ମନରେ ଯେ ନିରାକାର ଏମିତି ବିଭିନ୍ନତା ମଧ୍ୟରେ ଭିନ୍ନ ଭିନ୍ନ କୌଶଳ ପ୍ରୟୋଗ କରି ସମସ୍ତଙ୍କ ଲକ୍ଷ ଏକ ରଖିଥାନ୍ତି କାହିଁକି ଯାହା ସର୍ବ ଗ୍ରହଣୀୟ ହୋଇଥାଏ ?! ଏହା ବାସ୍ତବରେ କୌଣସି ଅଲୌକିକ ନିରାକାରଙ୍କ ପ୍ରେରିତ ବ୍ୟବସ୍ଥା ନା ଭିଭିନ୍ନ ସମୟରେ ସୁଯୋଗ ସୃଷ୍ଟି କରି କେତେକ ଚତୁର ମଣିଷ ନିଜସ୍ୱ ସ୍ୱାର୍ଥ ଦୃଷ୍ଟିରୁ ନିର୍ବୋଧଙ୍କୁ ଠକି ସ୍ୱାର୍ଥ ହାସଲ କରୁଛନ୍ତି ?!

ଯାହା ହେଉ ଯିଏ ଯେଉଁ ରାସ୍ତାରେ ଅଗ୍ରଗାମୀ ତାହା ସେମାନଙ୍କ ବ୍ୟକ୍ତିଗତ ବିଚାରଧାରାର ପ୍ରତିଫଳନ । କାହାର ବ୍ୟକ୍ତିଗତ ବିଚାରଧାରାକୁ କୁଠାରାଘାତ କରିବା ଅଧିକାର କାହାର ହେଲେ ନାହିଁ । ପ୍ରତ୍ୟେକ ମଣିଷ ଯଦି ନିଜର ବିଚାରଧାରକୁ ସନ୍ତୁଳିତ କରି ସତ୍ୟର ଉନ୍ମୋଚନ ପାଇଁ ଚେଷ୍ଟା ନକରି ସମାଜରେ ପ୍ରଚାରିତ, ପ୍ରସାରିତ ଚିରାଚରିତ ବିଚାରଧାରାକୁ ନିର୍ବିଘ୍ନରେ ସର୍ବଶେଷ ଭାବେ ନିର୍ଣ୍ଣୟ କରି ସେସବୁ ନିଜ ଜୀବନ ଶୈଳୀ ସହିତ ସଂଯୋଜିତ କରିବା ଲକ୍ଷ ରଖିବେ ସେମାନଙ୍କୁ କୌଣସି ଚାପ ପ୍ରୟୋଗ ପୂର୍ବକ ପରିବର୍ତ୍ତନ କରିବା ସମ୍ଭବ ନୁହେଁ । ସେମାନେ ନିଜର ବିଚାରଧାରାକୁ ପରିବର୍ତ୍ତନ କରିବା ପାଇଁ ନିଜସ୍ୱ ଆଗ୍ରହ ପ୍ରକାଶ କରନ୍ତେ ସତ୍ୟର ଉନ୍ମୋଚନ କରିପାରିବେ ଯାହା ନକରି କେବଳ ସହଜ ଉପାୟରେ ନିରାକାରଙ୍କ ସାନିଧ ଲାଭ କରିବା ଲକ୍ଷ ରଖିଥିବା ମଣିଷଙ୍କ ବିଶେଷତ୍ୱ ଭିନ୍ନ ! ଗୋଟିଏ ନିରାଟ ସତ୍ୟକୁ ବୁଝିବାକୁ ହେବଯେ ଆଲୋଚ୍ୟ ବିଷୟର ତିନୋଟି ଉପାଦାନ ମଧ୍ୟରୁ ଯଦି କୌଣସି ଗୋଟିଏ ସତ୍ୟ ସାବ୍ୟସ୍ତ ହୁଏ ତାହେଲେ ତିନୋଟିଯାକ ସତ୍ୟ ଏବଂ ଗୋଟିଏ ମିଥ୍ୟା ସାବ୍ୟସ୍ତ ହେଲେ ତିନିଟିଯାକ ମିଥ୍ୟା ସୁନିଶ୍ଚିତ, କାରଣ ସେଗୁଡିକର ଆଧାର ଗୋଟିଏ ଦିଗରୁ ହିଁ ସୃଷ୍ଟି । ତେଣୁ ଯେଉଁମାନେ ସତ୍ୟକୁ ଉନ୍ମୋଚନ କରି ବାସ୍ତବତାକୁ ଆପଣେଇବାକୁ ଆଗ୍ରହୀ ହେବେ ସେମାନେ ନିଜ ଜୀବନକୁ ସରଳ, ସୁଗମ କରିପାରିବେ କେମିତି ପରବର୍ତ୍ତି ସପ୍ତାହ ଗୁଡିକରେ ପର୍ଯ୍ୟାୟ କ୍ରମେ ଆତ୍ମା, ପ୍ରତାତ୍ମା ଏବଂ ପରମାତ୍ମା ବିଷୟରେ ସମ୍ପୂର୍ଣ୍ଣ ଦାର୍ଶନିକ ଗବେଷଣାତ୍ମକ ତତ୍ତ୍ୱର ବାସ୍ତବବାଦୀ ବିଶ୍ଳେଷଣ ବର୍ଣ୍ଣନା କରାଯିବା ଲକ୍ଷ ରଖାଯାଇଥିବା ଆମ ବିଚାରରେ ଆପଣଙ୍କ ଆଗ୍ରହ ପ୍ରକାଶ କରିବେ ବୋଲି ଆଶା..... !


*ସୋସିଆଲ ଫୋରମ (ଭାରତ)*
*ଛତ୍ରପୁର, ଗଞ୍ଜାମ.*
*ଦୂରଭାଷ.: ୯୪୩୭୩୨୪୯୧୭*


# ପରଦାରେ ଡ୍ରଗ୍ସ



ନାଟ୍ୟ ସାରଥି ଅଭୟ କୁମାର ଦାସ

ଏବେ ବ୍ରାଉନ ସୁଗାରକୁ ନେଇ କେବଳ ଓଡ଼ିଶା ନୁହେଁ ସମଗ୍ର ଦେଶ ଅନେକ ଚର୍ଚ୍ଚାକୁ ସାମ୍ନା କରିଛି । ଏହି ବିଷକୁ ନେଇ ସାଧାରଣ ଲୋକ ଅତିଷ୍ଠ ଥିବାବେଳେ ପୋଲିସ ଓ ପ୍ରଶାସନ ବି ନାକେଦମ ହୋଇସାରିଲେଣି । ବଲିଉଡର ଗ୍ଲାମରସ ଦୁନିଆ ସହ ଏହି ଡ୍ରଗ୍ସର ସମ୍ପର୍କ ନିବିଡ଼ । ଅନେକ ତାରକା ଏଥିରେ କବଳିତ ହେବା ପରେ ଏହାକୁ ନେଇ ଅନେକ ସିନେମା ବି ତିଆରି ହୋଇଛି । ତାହାରି ଉପରେ ଆଜିର ଉପସ୍ଥାପନା କରୁଛୁ ।

ସୂର୍ଯା ସିଂହମ୍ : ୨୦୦୩ରେ ମୁକ୍ତିଲାଭ କରିଥିବା ଏହି ତାମିଲ ଫିଲ୍ମରେ ଆକ୍ସନ, ରୋମାନ୍ସ, ଡ୍ରାମା ସବୁ ରହିଛି । ଏହାର ହିନ୍ଦୀ ଡବିଂ ହେଉଛି 'ମେଁ ହୁଁ ସୂର୍ଯା : ସିଂହମ୨' । ଏଥିରେ ସୂର୍ଯ୍ୟା 'ଦୁରାଇସିଂହମ୍' ଚରିତ୍ରରେ ନଜର ଆସିଛନ୍ତି । ପୋଲିସ ପଦରୁ ଇସ୍ତଫା ଦେବା ପରେ ସେ ଏକ ଘରୋଇ ସ୍କୁଲରେ ଏନସିସି ନେତା ଭାବେ ନଜର ଆସନ୍ତି । ଏହା ସହ ସେଠାରେ ସେ ଅନୈତିକ କାର୍ଯ୍ୟକଳାପ ଉପରେ ନଜର ରଖନ୍ତି । ଫିଲ୍ମରେ ଦୁର୍ଦ୍ଦାନ୍ତ ଗୁଣ୍ଡା ହେଉଛି ଡାନି ଯିଏକି ଡ୍ରଗ୍ସ ଜଗତର କିଙ୍ଗପିନ୍ ଭାବେ ପରିଚିତ । ଡାନି ତାର କେତେକ ସାଙ୍ଗମାନଙ୍କ ସହ ମିଶି କୋଟି କୋଟି ଟଙ୍କାରେ ଡ୍ରଗ୍ସ ଆମଦାନୀ କରିଥାଏ । ତେବେ ବର୍ଷ ବର୍ଷ ଧରି ଡ୍ରଗ୍ସ କାରବାର କରିଆସୁଥିବା ଡାନିର ସାମ୍ରାଜ୍ୟ ଉପରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ଦୁରାଇସିଂହମ୍ ।

ଉଡ୍‌ତା ପଞ୍ଜାବ : ଆଲିଆ ଭଟ୍ଟ ଓ ଶାହିଦ କପୁରଙ୍କ ଅଭିନୀତ ଫିଲ୍ମ 'ଉଡ୍‌ତା ପଞ୍ଜାବ' ଡ୍ରଗ୍ସ ଉପରେ ଆଧାରିତ । ୨୦୧୬ରେ ମୁକ୍ତିଲାଭ କରିଥିବା ଏହି ଫିଲ୍ମକୁ ନେଇ ବିବାଦ ମୁଣ୍ଡ ଟେକିଥିଲା । ଏଥିରେ ଜଣେ ସିଙ୍ଗର କିଭଳି ଡ୍ରଗ୍ସ ସେବନ କରି ନିଶା କବଳରୁ ବାହାରି ପାରୁନାହାନ୍ତି ତାହା ଦେଖାଯାଇଛି ।

ଫ୍ୟାଶନ : ଗ୍ଲାମର ଦୁନିଆର ସତ ଘଟଣାକୁ 'ଫ୍ୟାଶନ' ଫିଲ୍ମ ମାଧ୍ୟମରେ ଦର୍ଶାଯାଇଛି । ଡ୍ରଗ୍ସ ଯୋଗୁଁ କେମିତି ଜଣେ ମଡ଼େଲଙ୍କ ଜୀବନ ବର୍ବାଦ ହୋଇଛି ତାହା ବି ଏଥିରୁ ସ୍ପଷ୍ଟ ହୋଇଛି । ଅର୍ଥାତ୍ ଛୋଟ ସହରରୁ ଗୋଟିଏ ଝିଅ ମୁମ୍ବାଇକୁ କ୍ୟାରିଅର କରିବା ପାଇଁ ଆସୁଛି । ପରବର୍ତ୍ତୀ ସମୟରେ ସଫଳତା ମଧ୍ୟରେ କିଭଳି ଡ୍ରଗ୍ସ ଅଭ୍ୟାସରେ ପଡ଼ିଯାଇଛି ତାହା ଦେଖିବାକୁ ମିଳିଛି । ମୁଖ୍ୟ ଭୂମିକାରେ କଙ୍ଗନା ରଣାଓ୍ୱତଙ୍କ ସମେତ ପ୍ରିୟଙ୍କା ଚୋପ୍ରା ନଜର ଆସିଥିଲେ ।

ଗୋ-ଗୋଆ-ଗନ୍ : ସୈଫ ଅଲୀ ଖାନ୍‌ଙ୍କ ଅଭିନୀତ 'ଗୋ-ଗୋଆ-ଗନ୍'କୁ ବି ଦର୍ଶକ ବେଶ ପସନ୍ଦ କରିଥିଲେ । ଏହା ମଧ ଥିଲା ଡ୍ରଗ୍ସ ପାର୍ଟି ସହ ଜଡ଼ିତ । ଫିଲ୍ମରେ ତିନି ସାଙ୍ଗଙ୍କ କାହାଣୀ ରହିଛି ଯେଉଁମାନେ ରେଭ୍ ପାର୍ଟି ପାଇଁ ଗୋଆ ଯାଆନ୍ତି । ମାତ୍ର ସିଗାରେଟ ଭଳି ବିଭିନ୍ନ ଡ୍ରଗ୍ସ ସେବନ କରନ୍ତି । ଫିଲ୍ମରେ ସୈଫ ଅଲୀ ଖାନ, କୁନାଲ ଖେମୁ, ବୀର ଦାସ, ପୂଜା ଗୁପ୍ତା ଓ ଆନନ୍ଦ ତିଓ୍ୱାରି ପ୍ରମୁଖ ବିଭିନ୍ନ ଚରିତ୍ରରେ ନଜର ଆସିଥିଲେ ।

କବୀର ସିଂହ : ଏହା ହେଉଛି ଏକ ପ୍ରେମ କାହାଣୀ ଭିତ୍ତିକ ଫିଲ୍ମ । ଶାହିଦ କପୁର ଓ କିଆରା ଆଡ଼ଭାନୀ ଏଥିରେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି । ଶାହିଦ ଏଥିରେ ଡାକ୍ତର ଚରିତ୍ରରେ ନଜର ଆସିଛନ୍ତି । କିଆରାଙ୍କ ସହ ତାଙ୍କର ବ୍ରେକଅପ୍ ପରେ ସେ ନିଶା ସେବନ କରିବା ଆରମ୍ଭ କରନ୍ତି । ଏପରିକି ନିଶାଗ୍ରସ୍ତ ହୋଇ ସେ ଅପେରସନ କରନ୍ତି । ଫଳରେ ରୋଗୀର ମୃତ୍ୟୁ ଘଟେ । ଏହା ସହ ନିଶା ଯୋଗୁଁ ସେ ଦୋଷୀ ମଧ ସାବ୍ୟସ୍ତ ହୁଅନ୍ତି ।

ସଞ୍ଜୁ : ଅଭିନେତା ସଞ୍ଜୟ ଦତ୍ତଙ୍କ ଅସଲ ଜୀବନ କାହାଣୀ ଉପରେ ଆଧାରିତ ଫିଲ୍ମ 'ସଞ୍ଜୁ' । ଏଥିରେ ସଞ୍ଜୟ କିଭଳି ଡ୍ରଗ୍ସ ଲାଗି ପାଗଳ ଥିଲେ ତାହା ଦେଖିବାକୁ ମିଳିଛି । ଅବଶ୍ୟ ରାଜକୁମାର ହିରାନୀଙ୍କ ନିର୍ମିତ ଏ ଫିଲ୍ମରେ ସଞ୍ଜୁଙ୍କ ଜୀବନର ବିଭିନ୍ନ ଦିଗ ଉପରେ ଆଲୋକପାତ କରାଯାଇଛି । ତେବେ ସଞ୍ଜୟଙ୍କ ଜୀବନ ଡ୍ରଗ୍ସ ଯୋଗୁଁ ହିଁ ଖରାପ ହୋଇଛି । ତା'ସହ ସେ କିଭଳି ନିଶାରୁ ନିଜକୁ ବାହାର କରିଛନ୍ତି ତାହା ମଧ ଏଥିରେ ଦର୍ଶାଯାଇଛି ।

ଚରସ୍ : ରାମାନନ୍ଦ ସାଗର ୧୯୭୬ରେ 'ଚରସ' ଫିଲ୍ମ ନିର୍ମାଣ କରିଥିଲେ । ଫିଲ୍ମରେ ଧର୍ମେନ୍ଦ୍ର ଓ ହେମାମାଳିନୀ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ । ଡ୍ରଗ୍ସ କାରବାରକୁ କିଭଳି ରୋକାଯାଉଛି ତାହା ଏଥିରେ ଦର୍ଶାଯାଇଛି ।

ଦମ୍ ମାରୋ ଦମ୍ : ଅଭିଷେକ ବଚ୍ଚନଙ୍କ ଅଭିନୀତ ଉକ୍ତ ଫିଲ୍ମ ମଧ ଥିଲା ଡ୍ରଗ୍ସ ସ୍ମଗଲିଙ୍ଗ ଉପରେ ଆଧାରିତ । ଏହା ୨୦୧୧ରେ ରିଲିଜ ହୋଇଥିଲା । ରାଣା ଦୁଗୁବତୀ, ପ୍ରତୀକ ବବ୍‌ବର ପ୍ରମୁଖ ବିଭିନ୍ନ ଚରିତ୍ରରେ ନଜର ଆସିଛନ୍ତି । ତେବେ ଫିଲ୍ମର ଆଇଟମ୍ ଗୀତରେ ନଜର ଆସିଛନ୍ତି ଦୀପିକା ପାଦୁକୋନ ।

ଜାଁବାଜ୍ : ଅନିଲ କପୁର ଓ ଶ୍ରୀଦେବୀଙ୍କ ଅଭିନୀତ ଉକ୍ତ ଫିଲ୍ମ ମଧ ନିଶା ଉପରେ ଆଧାରିତ । ଏଥିରେ ଶ୍ରୀଦେବୀ ନିଶା ସେବନ କରିଛନ୍ତି ଏବଂ ଡ୍ରଗ୍ସ ଯୋଗୁଁ ତାଙ୍କର ମୃତ୍ୟୁ ମଧ ହୋଇଛି । ତାଙ୍କ ମୃତ୍ୟୁପରେ ଫିରୋଜ ଖାନ ପୁରା ଡ୍ରଗ୍ସ କଣ୍ଟ୍ରୋଲକୁ ରୋକିବା ଲାଗି ଯୋଜନା ପ୍ରସ୍ତୁତ କରନ୍ତି ।

ଜଲ୍‌ଓ୍ୱା : ନସିରୁଦ୍ଦିନ୍ ଶାହଙ୍କ ଉକ୍ତ ଫିଲ୍ମ ବି ଡ୍ରଗ୍ସ କାହାଣୀରୁ ବାଦ ପଡ଼ିନଥିଲା । ଫିଲ୍ମଟି ଥିଲା ସମ୍ପୂର୍ଣ୍ଣ ଡ୍ରଗ୍ସ ଉପରେ ଆଧାରିତ । ଅତ୍ୟଧିକ ଡ୍ରଗ୍ସ ସେବ ଯୋଗୁଁ ନସିରୁଦ୍ଦିନଙ୍କ ଭାଇଙ୍କ ମୃତ୍ୟୁ ହେଉଛି । ଏହା ପରେ ନସିରୁଦ୍ଦିନ ପୁରା ଡ୍ରଗ୍ସ ର୍ୟାକେଟକୁ ଶେଷ କରିବା ଯୋଜନା କରୁଛନ୍ତି ।

ସଇତାନ୍ : ୨୦୧୧ରେ ରିଲିଜ ହୋଇଥିଲା ସିନେମା 'ସଇତାନ' । ଏଥିରେ ମଧ କେତେକ ବନ୍ଧୁଙ୍କ କାହାଣୀ ରହିଛି ଯେଉଁମାନେ ଡ୍ରଗ୍ସ ଓ ନିଶାର ମାୟାଜାଲରେ ଫଶି ଯାଉଛନ୍ତି । ଫିଲ୍ମରେ ରାଜୀବ ଖଣ୍ଡଓ୍ୱାଲେ, କଲ୍‌କୀ କୋଚଲୀନ, ଶିବ ପଣ୍ଡିତ, ରଜତ କପୁର, ପବନ ମଲହୋତ୍ରା ଓ ରାଜ କୁମାର ରାଓ ପ୍ରମୁଖ ଅଛନ୍ତି ।

ହରେ ରାମ ହରେ କ୍ରିଷ୍ଣା : ୧୯୭୧ ମସିହାରେ ଏହି ଫିଲ୍ମରେ ମୁଖ୍ୟ ଭୂମିକାରେ ନଜର ଆସିଥିଲେ ଦେବ ଆନନ୍ଦ ଓ ଜିନତ୍ ଅମାନ । ଏଥିରେ ଜିନତ ଡ୍ରଗ୍ସ ନିଶାରେ ମତୁଆଲା ଥିଲେ । ଲୋକେ ମଧ ଫିଲ୍ମକୁ ବେଶ ପସନ୍ଦ କରିଥିଲେ । ଜିନତ୍ 'ଦମ୍ ମାରୋ ଦମ୍' ଗୀତଟି ସୁପରହିଟ ହୋଇଥିଲା ।


*ଗୋତରା, ମାହାଙ୍ଗା, କଟକ*
*ଦୂରଭାଷ : ୯୪୩୭୧୪୨୭୧୭*


# ଅମୂଲ୍ୟ ରତ୍ନ



ଅନୀତା ପଟ୍ଟନାୟକ

ସିଦ୍ଧାନ୍ତକୁ ତାର ବାପା ଡାକି ଖୁବ ତାଗିଦ କଲେ । ପଞ୍ଚମ ଶ୍ରେଣୀ ହେଲାଣି ତୋର କର୍ତ୍ତବ୍ୟ ବିଷୟରେ ସଚେତନ ରହ । ସବୁବେଳେ ବୁଲୁଚୁ କ'ଣ ? ପାଠପଢ଼ା ସମୟରେ ପାଠପଢ଼, ଶୋଇବା ସମୟରେ ଶୁଅ, ଖେଳିବା ସମୟରେ ଖେଳ, ସ୍କୁଲ ଯିବା ସମୟରେ ସ୍କୁଲ ଯାଅ, ସନ୍ଧ୍ୟା ସମୟରେ ପ୍ରାର୍ଥନା କର ଇତ୍ୟାଦି ଇତ୍ୟାଦି । ବାପା କହିଲେ ଜାଣିଛୁ ସମୟ ହିଁ ଭଗବାନ ସମୟର ଅପଚୟ କରନ୍ତି ନାହିଁ । ବରଂ ତାର ସମୁଦଯୋଗ କରିବା ଉଚିତ । ସିଦ୍ଧାନ୍ତ ତାର ମନର ବେଦନା ସାଙ୍ଗ ପ୍ରକାଶ ନିକଟରେ ପ୍ରକାଶ କଲା ଓ ଏକଥା ଶୁଣି ପ୍ରକାଶ କହିଲା ବାଜେ କଥା । ସମୟ ଯଦି ଏତେ ବଳବାନ ସେ ପଛକୁ ଫେରି ଦେଖାଉତ ? ରାତ୍ରିରେ ଶୋଇବାର ଅର୍ଥ ପୁଣି ସକାଳ ଦେଖିବା । ରାତ୍ରିରେ ଶୋଇ ଯଦି ତୁ ସକାଳ ନ ଦେଖିଲୁ ତାକୁ ମୃତ୍ୟୁ କୁହାଯାଏ । ତେଣୁ ସବୁ ସମୟ ଖେଳିବା ସମୟ ।

ସିଦ୍ଧାନ୍ତ ଘରକୁ ଫେରି ଦେଖେ ଏକ ବର୍ଷ ହେବ ଦୋଳିରେ ପଡ଼ି ଦୋଳି ଉପରେ ଲାଗିଥିବା ଏକ ଚକାଭଉଁରୀକୁ ଦେଖି ତାର ସାନ ଭାଇ ସ୍ୱାଗତ ସବୁବେଳେ ଖେଳୁଛି । ଏପରିକି ନିଜ କାମ ନିଜେ କରୁନାହିଁ । ମା'ତାର ସବୁକାମ କରୁଛନ୍ତି । ଯିଏ ଘରକୁ ଆସୁଛନ୍ତି ଦୋଳିରେ ତାକୁ ଗୋଟିଏ ଖେଳନା ଉପହାର ଦେଉଛନ୍ତି କୋଳକୁ ଉଠାଇ ନେଇ ଗେହ୍ଲା କରୁଛନ୍ତି ହେଲେ ତାକୁ ଦେଖିବା ମାତ୍ରେ ଖାଲି ଉପଦେଶ ହିଁ ଦିଆଯାଉଛି । ଏହା କ'ଣ ଠିକ୍ ? ସେ ଉପାୟ ପାଞ୍ଚି ଦେଖିଲା ବାପା, ମା' ଶୋଇଥିବାବେଳେ ଓ ସେମାନେ ଉଠିବା ପୂର୍ବରୁ ପ୍ରକାଶ ସହିତ କ୍ରିକେଟ ଖେଳି ହେବ । ପ୍ରକାଶ ଓ ତାର ସାଥି ମାନଙ୍କୁ ଡାକି ପଢ଼ା ଟେବୁଲ ଉପରେ ବସି ଚେସ ଲୁଡୁ ଇତ୍ୟାଦି ଖେଳି ହେବ । ଯଦି ଖେଳିବା ସମୟରେ ଖେଳିବା ଠିକ୍ ହୋଇଥାନ୍ତା ସ୍କୁଲରେ ଖେଳ ପିରିୟଡ଼ ନଥନ୍ତା ।

ଧୀରେ ଧୀରେ ସିଦ୍ଧାନ୍ତ ବଡ଼ ମଣିଷଟିଏ ହେଲା, ଭଲ ଚାକିରୀଟିଏ କରି ନଥିଲେ ମଧ ତାକୁ ଲୋକମାନେ ଜ୍ଞାନୀଗୁଣୀ ବୋଲି କହୁଥିଲେ । ତାର ଜ୍ଞାନଗର୍ଭକ ଓ ଉତ୍ତମ ସିଦ୍ଧାନ୍ତର କଥା ଲୋକଙ୍କୁ ଖୁବ ଭଲ ଲାଗୁଥିଲା । ଦିନେ ତାର ପଡ଼ୋଶୀ ତାକୁ ପଚାରିଲେ ଆପଣଙ୍କର ଏହି ଜ୍ଞାନ ଆସୁଛି କେଉଁଠୁ ? ଏତେ ସୁନ୍ଦର ସିଦ୍ଧାନ୍ତର କଥା କହି ପାରୁଛନ୍ତି କିପରି ? ଆପଣଙ୍କର ଘରେ ତ ଖଣ୍ଡିଏ ବହି ନାହିଁ ଆପଣ ଏତେ ଭଲ ନୀତିଗର୍ଭକ କଥା କହିପାରୁଛନ୍ତି କିପରି ? ସିଦ୍ଧାନ୍ତ କହିଲା ମୋ ପାଖରେ ତିନୋଟି ଅମୂଲ୍ୟ ଗ୍ରନ୍ଥ ରହିଛି । ମୁଁ ତାକୁ ଅତ୍ୟନ୍ତ ଆଗ୍ରହର ସହିତ ପଢ଼େ । ତାହା ହେଉଛି ଭଗବାନଙ୍କ ପ୍ରଦତ୍ତ କାମ ଯାହାକି ମତେ ଘେରି ରହିଛି ଓ ଅମୂଲ୍ୟ ଗ୍ରନ୍ଥ ଗୀତାରେ ତାହା ସନ୍ନିହିତ । ସେଥିପାଇଁ ମୋର ବାପା ସବୁଦିନ ଗୀତା ପଢୁଥିଲେ ଓ ମତେ କହୁଥିଲେ ବୁଝୁ ନବୁଝୁ ପଢ଼ ଗୀତା ରୁଚ ନ ରୁଚ ଖା ପିତା । ଭଗବାନଙ୍କର କର୍ମ ବୈକୁଣ୍ଠରେ ଓ ପୃଥିବୀରେ ଏକ ଖୋଲା ବହିପରି ଯାହାକି ଆମ ଆଖି ଆଗରେ ଥୁଆ ହୋଇଛି । ତାଙ୍କର ସର୍ବ ବ୍ୟାପକତା ସର୍ବତ୍ର ଉପସ୍ଥିତି ଓ ସର୍ବଶକ୍ତିମାନ ଗୁଣ ଗୁଡ଼ିକ ଆମ ଆଗରେ ପ୍ରତିଫଳିତ ହେଉଛି । ମୋର ବିବେକ ମତେ ପ୍ରତ୍ୟେକ ମୁହୂର୍ତ୍ତରେ ସୂଚାଇ ଦେଉଛି ମୁଁ କ'ଣ କରିବା ଉଚିତ ଓ କ'ଣ ଉଚିତ ନୁହେଁ । ଆମର ଅମୂଲ୍ୟ ଗ୍ରନ୍ଥ ଗୀତା ସବୁ ସମୟରେ ସମସ୍ତଙ୍କୁ ଶିକ୍ଷା ଦେଉଛି । ପୃଥିବୀର ଆରମ୍ଭରୁ ସେ କିପରି ନିଜକୁ ପ୍ରତ୍ୟେକ ମଣିଷ ମଧ୍ୟରେ ସ୍ଥାପନା କଲେ ଏବଂ ଦୁଃଖକଷ୍ଟ ଦୂର କଲେ ଓ ଆମକୁ ଆଶୀର୍ବାଦ ଓ ପବିତ୍ର ଜୀବନଯାପନ ପାଇଁ ଶିକ୍ଷା ଦେଲେ । ମନେରଖ ବନ୍ଧୁ ଯେ ଅନ୍ୟମାନଙ୍କୁ ଜ୍ଞାନୀ ବୋଲି ବିବେଚନା କରିଥାଏ ସେ ହିଁ ପ୍ରକୃତ ଜ୍ଞାନୀ । ଗୀତା ପ୍ରତିମୁହୂର୍ତ୍ତରେ ଆମକୁ ସୂଚାଇ ଦିଏ ଯେ ଭଗବାନ ହିଁ ସର୍ବଶକ୍ତିମାନ ଓ ଆମେ ନିମିତ୍ତମାତ୍ର । ସେ ସର୍ବତ୍ର ବିଦ୍ୟମାନ ତେଣୁ ଆମର ପ୍ରତ୍ୟେକ କର୍ତ୍ତବ୍ୟକୁ ବୁଝି ବିଚାରି ପରଖି କରିବା ଉଚିତ ଓ ମୋର ପିଲାଦିନର ଉଦ୍‌ଭ୍ରାନ୍ତ ଚିନ୍ତାଧାରା ପରି ନୁହେଁ । ପୃଥିବୀରେ ଉଭୟ ଭଲ ଓ ମନ୍ଦ ରାତି ଓ ଦିନ ଭଗବାନଙ୍କର ସୃଷ୍ଟି ଓ ଉପହାର ଏହା ସର୍ବଦା ରହିଛି ଓ ରହିଥିବ ତେଣୁ ଆମର କର୍ତ୍ତବ୍ୟ ସମସ୍ତଙ୍କ ଭିତରେ ସଦ୍‌ଗୁଣକୁ ଦେଖିବା । ଭାଇ ଏହା ମୋର ପ୍ରଥମ ଗ୍ରନ୍ଥର କଥା ଯାହାକି ମୁଁ ପୂଜାଘରେ ରଖି ପ୍ରତ୍ୟହ କିଛି ପଢ଼େ । ଆଜି ତ ଅନେକ ସମୟ ହେଲାଣି ମୋର ଅନେକ କାମ ଅଛି ଆଉ କେତେବେଳେ ସୁଯୋଗ ପାଇଲେ ଦ୍ୱିତୀୟ ଓ ତୃତୀୟ ଗ୍ରନ୍ଥ କଥା କହିବି ।


*ଅବସରପ୍ରାପ୍ତ ପ୍ରଧାପିକା, ରଘୁନାଥଜୀଉ ମହାବିଦ୍ୟାଳୟ, ଗଣିଆ*
*ଦୂରଭାଷ : ୯୮୬୧୧୧୮୬୭୩*

ଓଡ଼ିଆ ସାହିତ୍ୟ ଜଗତରେ ଅନ୍ୟତମ ଧୂରୀଣ ସ୍ରଷ୍ଟା ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ଏକାଧାରରେ ଜଣେ ସଫଳ ଗାଳ୍ପିକ ଏବଂ ଔପନ୍ୟାସିକ ଭାବେ ସୁପରିଚିତ। ତାଙ୍କ ଲେଖାରେ ବର୍ଣ୍ଣନା ଶୈଳୀର ସ୍ୱତନ୍ତ୍ରତା ଏବଂ ସରଳତା ପାଠକୀୟ ଆଦର ଲାଭ କରିଛି। ସାମାଜିକ ଜୀବନ ଓ ସମ୍ପର୍କର ଢେଉ ଢେଉକା ପାହାଡ ପରି ସୁନ୍ଦର ଆବେଗଭରା ଶବ୍ଦ ସଂଯୋଗ ହିଁ ଶ୍ରୀ ଧଳ ମହାପାତ୍ରଙ୍କ ଗଳ୍ପ ଓ ଉପନ୍ୟାସରେ ଶିହରଣ ସୃଷ୍ଟି କରେ। ବେଳ ଭଲ ନାହିଁ ଉପନ୍ୟାସ ତାଙ୍କର ଏକ ଅନନ୍ୟ କୃତୀ ଭାବେ 'ଏକମାତ୍ର'ରେ ସ୍ଥାନ ପାଇଛି।



ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର



ଭାଗ-୪୦

# ବେଳ ଭଲ ନାହିଁ

ବିଚିତ୍ର କହିଲେ- କ'ଣ କରିବେ ତମେ କିଛି ବୁଝିପାରୁନ। ସେଇଟା ତ ଦୁର୍ନୀତିର ଗନ୍ତାଘର। ସବୁ କାଣ୍ଡ କାରଖାନାର ମଞ୍ଜିତ ସେଇଠୁ ଆସୁଛି। ଶୁଣିଲି-ସୂଚନା ଅଧିକାର ଆଇନ୍ ଅନୁଯାୟୀ ସୁଦର୍ଶନ ବାବୁ ବିଡିଓଙ୍କୁ ମାଗିବେ ଏ ପାଞ୍ଚ ବର୍ଷ ଭିତରେ ଆମ ପଞ୍ଚାୟତର ଉନ୍ନତି ପାଇଁ କେତେ ଟଙ୍କା ଖର୍ଚ୍ଚ ହୋଇଛି ଓ କେଉଁଥିରେ ଖର୍ଚ୍ଚ ହୋଇଛି।

ବି.ଡି.ଓ. କ'ଣ ଦେଇଦେବେ?

ସେ କ'ଣ ଦେବେ, ତା'ର ବୁଆ ଦେବ, ଆଇନ୍ କ'ଣ ମାଗଣାରେ ହୋଇଛି।

ଆରେ ହେ- ମରୁଡି ମହାବନ୍ଧ ଯୋଜନାରେ ନୀହାର ତା' ଜମିରେ ଯେଉଁ ବିରାଟ ପୋଖରୀ ଖୋଳାଇ ମାଛଚାଷ କରିଛି, ତା' ହିସାବଟା ବି ଆସିବ ନା?

ସବୁ କାମର ହିସାବ ଯେତେବେଳେ ମାଗିବେ, ସେ କାମର ହିସାବଟା ନ ଆସିବ କେମିତି?

ଆସିଲେ କ'ଣ ହେବ, ନୀହାରର ହାତଟା ବହୁତ ଲମ୍ବା। ଆମ ମନ୍ତ୍ରୀଆଣୀଙ୍କର ତ ଖାସ୍ ଲୋକ ଇଏ। ଥାନାଠାରୁ ଏସ୍.ପି, କଲେକ୍ଟର ଯାଏ ଏହାର ହାତ। ତା'ର କିଏ କ'ଣ କରି ପକାଇବ।

ଆଇନର ହାତଠାରୁ ତ ଏମାନଙ୍କ ହାତ ଲମ୍ବା ନୁହଁ? ତା' ପରେ ସୁଦର୍ଶନବାବୁ ତ ତମ ଆମ ପରି ମୁଣ୍ଡ ନୁହଁ ନା, ସେ ଯେତେବେଳେ ଏଥିରେ ମୁଣ୍ଡ ପୂରାଇଛନ୍ତି କିଛି ଭାବି ଚିନ୍ତି କରିଥିବେ ନା?

ହଁ -ତାହାତ ନିଶ୍ଚୟ, ଆମର ଖାଲି ଦେଖିବା କଥା ଆଗକୁ କ'ଣ ହେଉଛି।

ନୀହାର ଓ ନାରଣଙ୍କୁ ଏ ଖବର ମିଳିଲାଣି ନା?

ମିଳିଥିବ ନା ନିଶ୍ଚୟ। ତାଙ୍କର ତ ସବୁଠି ଲୋକବାକ ଅଛନ୍ତି। ଇଏ ଯେତେବେଳେ ଦଳବଳ ନେଇ କରି ଯାଇଛନ୍ତି ତାଙ୍କ ଜାସୁସ ଖବର ଦେଇଥିବେ ନିଶ୍ଚୟ।

ହଁ- ଏ ଲଢ଼େଇ ହେବ ଧର୍ମ ଓ ଅଧର୍ମ ଭିତରେ। ମହାଭାରତରେ ଶ୍ରୀକୃଷ୍ଣ ସାରଥୀ ଥିଲେ ଯୁଦ୍ଧର, ଏବେ ତାଙ୍କର ସୁଦର୍ଶନ ସାରଥୀ ହେବେ।

ଭଲ କଥାଟିଏ କହିଲ ଭାଇ। ମହାଭାରତରେ ସିନା ଶ୍ରୀକୃଷ୍ଣ ସାରଥୀ ଥିଲେ, ହେଲେ ଅସଲ ଯୁଦ୍ଧ ସୁଦର୍ଶନ ଚକ୍ର କରିଥିଲେ ଅଦୃଶ୍ୟ ଭାବରେ। ଏବେ ଦୃଶ୍ୟ ହୋଇ ଯୁଦ୍ଧ କରିବେ।

ବୁଝିଲୁ ବିଚିତ୍ର, ଅଧର୍ମର ରାସ୍ତା ଲମ୍ବା ନୁହଁ, ଚାଲୁ ଚାଲୁ ହଠାତ୍ କେତେବେଳେ ସରିଯିବ କେହି ଜାଣିପାରିବେ ନାହିଁ।

ହଁ -ଭଗବାନ ବି ତ ଅପେକ୍ଷା କରୁଥିଲେ ଶିଶୁପାଳର ପାପ ଘଡା ପୂରିବା ପାଇଁ। ଶହେ ପୂରିବା କ୍ଷଣି ଛେଦିଲେ ମୁଣ୍ଡ। ନାରଣ ଠିକ୍ ସେମିତି ଯାହା କରୁଥିଲା କରୁଥିଲା, ସେ ଯେଉଁ ଭାଷା ହୁଡିଲା ନା କାଲି, ମୁଁ ତ ସେତିକି ବେଳୁ ଭାବି ନେଇଥିଲି ଏହାର ଘଡା ପୂରିଗଲା ବୋଲି। ଆରେ ସୁଦର୍ଶନ ବାବୁ ଛୋଟିଆ ଲୋକଟିଏ ହୋଇଛନ୍ତି। ନୀତି ଯେମିତି ଜ୍ଞାନ ବି ସେମିତି। ତାଙ୍କ ଚାକିରି କାଳରେ ଭୁବନେଶ୍ୱରରେ ଯିଏ ତାଙ୍କୁ ଦେଖିଛି, ସିଏ ହିଁ କେବଳ ଅନୁମାନ କରିପାରିବ ତାଙ୍କର କ୍ଷମତା ଓ ଜ୍ଞାନ ସମ୍ପର୍କରେ। ଆଉ ତମେମାନେ ଏ ଗାଆଁ ଗୋହିରା ଡେଇଁଲେ ତମର ବୁଦ୍ଧି ବଣା ହୋଇଯିବ, ତମେମାନେ ତାଙ୍କୁ ଏମିତି ଅସମ୍ମାନ କରି କଥା କହିବ?

ଯାହା କୁହ ବିଚିତ୍ର - ତାଙ୍କର ସାହସକୁ ମାନିବାକୁ ପଡିବ। ଏମାନଙ୍କୁ ଡରି ତ କେହି ପାଟି ଖୋଲୁନଥିଲେ। ଆଚ୍ଛା ଏ ଯୁବକ ସଂଘ ପିଲାମାନଙ୍କୁ ସେ କହିଥିଲେ ନା ସେମାନଙ୍କ ଛାଆଁକୁ ଛାଆଁ ଯାଇଥିଲେ।

ସିଏ କାହିଁକି କହିବେ ମ, ମାତ୍ର ସେ ପିଲାମାନେ ନୀହାର ଓ ନାରଣ ପ୍ରକୃତିକୁ ଜାଣି ସେହି ନ୍ୟାୟମଣ୍ଡପର ପାଖାପାଖି ପଇଁତରା ମାରୁଥିଲେ। ନାରଣ ଭାଷା ହୁଡିବା କ୍ଷଣି ଏମାନେ ଛପଟି ଯାଇନଥିଲେ ସୁଦର୍ଶନ ବାବୁଙ୍କ ଦେହରେ ହାତ ଲଗାଇବାକୁ ଆଉ କେତେ ବେଳେ ଥିଲା କି?

(କ୍ରମଶଃ)

# ଏକ ଗହନ କଥା

ମୂଳହିନ୍ଦୀ - ହସନ ଜମାଲ

ଅନୁସୃଜନ- ବିନୟ କୁମାର ଦାସ





" ବାବା , ସବୁବେଳେ ମୋତେ ତୁମେ ଚୁପ୍ ରହିବା ପାଇଁ କାହିଁକି କହୁଚ ଯେ ? ତୁମେ ତ ନିଜେ ଖୁବ୍ ବାହାଦୁର । ଯାହାକୁ ଦଂଶି ଦେବ , ସେ ପାଣି ମାଗିବା ପାଇଁ ବି ସମୟ ପାଇବ ନାହିଁ । ଖତମ୍ ହୋଇଯିବ କେଇଟା ମୁହୂର୍ତ୍ତରେ । ଅଥଚ ମୋତେ ତୁମେ ଏମିତି ଓଲଟା କଥା ଶିଖାଉଚ କାହିଁକି ?" ଛୁଆ ସାପ ପଚାରିଲା ତା ବାପକୁ ।

" ତୁ ବାପ ଯାହା କହୁଚୁ , ସତ କହୁଚୁ । ହେଲେ ... ।" ବାପ ସାପ କହୁକହୁ ଅଟକି ଗଲା ।

" ମୁଁ ତ ସେଇକଥା ପଚାରୁଚି । ଏମିତି କାହିଁକି ? ତାପରେ ତୁମେ ନିଜେ ବି ଲୁଚି ଲୁଚି ରହୁଚ ।"

" କଥା କଣ କି ବାପ , ତୁ ଏଇନା ସେ କଥା ଠିକ୍ ଭାବରେ ବୁଝି ପାରିବୁ ନାହିଁ । ବଡ ହୋଇଗଲେ ଆପେଆପେ ସବୁ ବୁଝି ଯିବୁ ।"

" ଆଚ୍ଛା ବାବା , ମାମା କହୁଥିଲା ମଣିଷ ନାମକ ଯେଉଁ ଜୀବ ଟିଏ ରହିଚି , ସେ କୁଆଡେ ଆମର ସବୁଠାରୁ ବଡ ଶତ୍ରୁ । ସତ ନା ବାବା ?"

" ହଁ , ସେ କଥା ବି ସତ । ତୋ ମାମା ଠିକ କହିଚି ।"

" ସେ ଏକଥା ବି କହୁଥିଲା , ମଣିଷ ବି ଖୁବ୍ ବାହାଦୂର । ଆଉ ସେଇଥିପାଇଁ ତା ଠାରୁ ଦୂରେଇ ରହିବା ଚାହି । ମୁଁ ବୁଝି ପାରୁନି , ତୁମେ ବାହାଦୂର , ଆଉ ସେ ମଣିଷ ବି ବାହାଦୂର । ତଥାପି ଆମେ ଦୁରେଇ ରହିବା କାହିଁକି ?" ଉତର ଆଶାରେ ଛୁଆ ସାପ ଅନାଇ ରହିଲା ତା ବାପକୁ । ଏଥର ବାପ ଗମ୍ଭୀର ହୋଇଗଲା ।

" କୁହନା ବାବା , ଏମିତି କାହିଁକି ?" ଅଳି କଲା ଛୁଆସାପ ।

" ତୋ ମାମା ସବୁ କଥା ଠିକ୍ ଭାବରେ ଜାଣି ନାହିଁ ମୁଁ ସବୁ ଜାଣିଚି । କିନ୍ତୁ ତାହା ବଡ ଗହନ କଥା । ଅସଲରେ ଏ ସଂସାରରେ କେହି ବି ବାହାଦୂର ନୁହଁନ୍ତି । ସମସ୍ତେ ନିଜକୁ ବାହାଦୂର ବୋଲି ଯାହା ଦେଖାଇ ହୁଅନ୍ତି । ଭିତରେ ଭିତରେ ସମସ୍ତେ ଡରୁଆ... କାପୁରୁଷ । ପ୍ରକୃତରେ ସେମାନେ ନିଜକୁ ପ୍ରଥମେ ବଂଚାଇବାକୁ ଚାହାନ୍ତି । ସେଇଥିପାଇଁ ଦରକାର ବେଳେ ଅନ୍ୟକୁ ଆଘାତ ଦିଅନ୍ତି । ହେଲେ ବାପ , ତୋତେ କହି ଦେଉଚି , ତୁ ସେ ମଣିଷଗୁଡାକୁ ଜମା ଡରିବୁ ନାହିଁ । ଦେଖିବୁ , ସବୁ ଠିକ୍ ହୋଇଯିବ । କିନ୍ତୁ ତା ମାନେ ନୁହେଁ ଯେ ତୁ ପୂରା ବେଫିକର ହୋଇଯିବୁ । ସବୁବେଳେ ନିଜକୁ ବଂଚାଇବାକୁ ଚେଷ୍ଟା କରୁଥିବୁ ।"

ଛୁଆ ସାପଟି ଏ ଗହନ କଥା କିଛି ବୁଝି ପାରିଲା ନାହିଁ । ବୁଝିଲା ସେହିଦିନ ଯୋଉଦିନ ସେ ଅନ୍ୟକୁ ଦଂଶନ କରିବାର କଳା କୁ ଭଲ ଭାବରେ ଶିଖି ନେଲା ।

*ଅନାମିକା ନୀଡ, ଅଂଗାରଗଡିଆ,*
*ବାଲେଶ୍ୱର-୭୫୬୦୦୧*
*ମୋ- ୭୯୭୮୮୬୦୩୬୩*

# କବିତାର କଥା

(ଭାଗ-୪୧)



ଉମାକାନ୍ତ ରାଉତ



## ପ୍ରକାଶଶୈଳୀର ଚିତ୍ରମୟତା ହିଁ ତାଙ୍କ କବିତାର ଲୁକ୍କାୟିତ ଶକ୍ତି

ପୂର୍ବ ଭାଗରେ କୁହାଯାଇଛି ଯେ ଗୁରୁପ୍ରସାଦଙ୍କ ସମଗ୍ର କବିତାର ସଂଖ୍ୟା ୭୫ ରୁ ଅଧିକ ହେବନାହିଁ। ତନ୍ମଧ୍ୟରୁ କେଇଟି ତାଙ୍କର ଦୁଇଟିଯାକ ସଂକଳନରେ ସ୍ଥାନିତ ହୋଇନାହିଁ। ସଂଖ୍ୟାରେ ଖୁବ୍ କମ୍ ହେଲେ ହେଁ ତାଙ୍କର କୌଣସି କବିତାକୁ ଉପେକ୍ଷା କରି ହେବନାହିଁ। ଗୁରୁପ୍ରସାଦଙ୍କ କବିତାଗୁଡ଼ିକ ତୁମେ ବୁଝ କି ନବୁଝ , ବୁଝିବା ଆଗରୁ ତାର ଆବେଦନ ଓ ଆକର୍ଷଣ ତୁମକୁ ନିଶ୍ଚିତଭାବେ କାବୁ କରିବ ହିଁ କରିବ। ତାର ମନ୍ତ୍ରମୁଗ୍ଧ ମାୟାଜାଲରେ ତୁମେ ଫଶିବାଟା ଥୟ। ଉଦାହରଣ ସ୍ୱରୂପ -

"ଚମ୍ପାଫୁଲ ମହକରେ ବାଟ ଭୁଲି ସମୁଦ୍ରର ଢେଉ
ଆସିଥିଲା କୂଳଡେଇଁ ଶୁଖିଥିଲା ଭରାନଈ ଛାତି
ପଥର ତରଳି ଥିଲା, ମଶାଣିର ଭୂତପ୍ରେତ ଛାଡ଼ି
ରଜବତୀ କନ୍ୟା ଲାଗି ଯୋଗୀ ଥିଲା ମଦନରେ
ମାତି"

ଭାଷା, ଅନୁଭବ,ଆବେଗ, ଦୃଷ୍ଟିଭଙ୍ଗୀ ତଥା ଉପସ୍ଥାପନାର ଶୈଳୀ ଓ ପ୍ରକାଶ ଶୈଳୀରେ ଚିତ୍ରମୟତା ତାଙ୍କ କବିତାର ଲୁକ୍କାୟିତ ଶକ୍ତି । ଏହି ସ୍ୱାତନ୍ତ୍ର୍ୟ , ନୂତନତା ଓ ତଦ୍ୱାରା ଉତ୍ତରପିଢୀଙ୍କୁ ଆଗକୁ ବଢ଼ିବାପାଇଁ ପ୍ରେରିତ କରିବାର ଅପୂର୍ବ ସାମର୍ଥ୍ୟ ଯୋଗାଇବାର ଯୋଗ୍ୟତା ତାଙ୍କୁ ଜଣେ ଯୁଗସ୍ରଷ୍ଟାର ମାନ୍ୟତା ପ୍ରଦାନ କରିଛି।

ଉଭୟ କାବ୍ୟଦୃଷ୍ଟି ଓ କାବ୍ୟସଂଗଠନରେ ତାଙ୍କ କବିତା ଗଢଣର ପାକଳପଣ ଓ ଶକ୍ତି ଯେ ଓଡ଼ିଆ କବିତା କ୍ଷେତ୍ରରେ ଏକ ନୂତନ ଦିଗକୁ ଉନ୍ମୋଚନ କରିଛି,ଏହା ସ୍ୱୀକାର କରିବାକୁ ପଡ଼ିବ। ଓଡ଼ିଆ କବିତାର ଉଭୟ ଆତ୍ମିକ ଓ ଆଙ୍ଗିକ ଦିଗବଳୟର ଉଦୟାଚଳକୁ ଖୁବ୍ ସଂପ୍ରସାରିତ କରିବାର ଦକ୍ଷତା ଥାଏ ଗୁରୁବାବୁଙ୍କର ପ୍ରାୟ ପ୍ରତ୍ୟେକଟି କବିତାର ପଂକ୍ତିରେ........ଏଇ ଯେମିତି....

"ଏ ଅନ୍ଧାର ଶୋଇପଡେ ଜାକିଜୁକି ନିର୍ବିବାଦେ
ନିଃଶବ୍ଦ ଘୋଡିଘାଡି ହୋଇ
ନିଶବ୍ଦ ଚଇତ୍ର ଯାଏ ଗଳି ଗଳି ରାସ୍ତା ରାସ୍ତା
ଘୋଡାଗାଡି ରିକ୍ସାଗାଡି ଚଢ଼ି
ଇଲେକ୍ଟ୍ରିକ୍ ଆଲୁଅରେ ସାବୁନ୍ ଆଉ ବାସ୍ନା ତେଲ
ଗୁଡାଖୁ ଓ ହାଇଦର୍ ବିଡ଼ି
ଚୈତ୍ରର ସପନ ନେଇ ତୁମଠାରୁ ଇନ୍ଦ୍ରଜାଲ ନେଇ
ଗାନ୍ଧି ଟୋପି ପିନ୍ଧି ଚାଲେ ଏ ରାସ୍ତାରେ ଭିଡ଼ ଠେଲି
ଠେଲି।"

ଦୁଇଟି ପର୍ଯ୍ୟାୟର ତାଙ୍କର ଦୁଇଟି କବିତା ସଂକଳନ ତାଙ୍କର ସର୍ଜନ ଶକ୍ତିକୁ ବୁଝିବାପାଇଁ ଓ ବୁଝେଇବା ପାଇଁ ଯଥେଷ୍ଟ ।ସେ ଦୁଇଟି ହେଲା ୧୯୭୦ ରେ "ସମୁଦ୍ରସ୍ନାନ" ଓ ୧୯୮୮ ରେ "ଆଶ୍ଚର୍ଯ୍ୟ ଅଭିସାର"।

"କାଳପୁରୁଷ" ତାଙ୍କର ଏକ ଦୀର୍ଘ କବିତା। ଏହାର ପ୍ରଥମ ନାମ ଥିଲା "ନିର୍ମୁଳି"। ତ୍ରୈମାସିକ ପତ୍ରିକା "'ପ୍ରଜ୍ଞା"ର ୧୯୬୦ ମସିହା ଅଗଷ୍ଟ ସଂଖ୍ୟାରେ ଏହା ପ୍ରଥମେ ପ୍ରକାଶ ପାଇବା ପରଠାରୁ ଓଡ଼ିଆ କାବ୍ୟ ସାହିତ୍ୟର ସାମ୍ରାଜ୍ୟରେ ଏକ ପ୍ରଭାବଶାଳୀ ମୌଳିକ କବିତା ରୂପେ ଗୃହୀତ ଓ ପ୍ରତିଷ୍ଠିତ ହୋଇ ଆସିଛି। ସୁଦକ୍ଷ ସମ୍ପାଦକ ଡକ୍ଟର ଯତୀନ୍ଦ୍ର ମହାନ୍ତି ଏହାର ନାମକରଣକୁ ପରିବର୍ତ୍ତନ କରି ଏହାକୁ "କାଳପୁରୁଷ" ନାମରେ ଛାପିଥିଲେ। ଗୁରୁବାବୁ ଏହି ଦୀର୍ଘ କବିତାଟିକୁ ସର୍ଜ୍ଜନାକରିବାକୁ ପ୍ରାୟ ଦୁଇ ବର୍ଷ ସମୟ ନେଇଥିଲେ। ଏହା ୧୯୫୭ ମସିହାରୁ ଲେଖା ହୋଇସାରିଥିଲେ ହେଁ ୧୯୬୦ରେ ପ୍ରକାଶିତ ହୋଇଥିଲା।

ଏହାକୁ ଅନେକ ଗବେଷକ ଟି.ଏସ୍. ଏଲିୟଟ୍ ଙ୍କର କବିତା "ଓ୍ୱେଷ୍ଟଲ୍ୟାଣ୍ଡ୍" ସହ ତୁଳନା କରିଥାନ୍ତି। (ଗୁରୁପ୍ରସାଦ ଅନେକାଂଶରେ ଟି.ଏସ୍. ଏଲିୟଟ୍ଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ ବୋଲି ପୂର୍ବରୁ କୁହାସରିଛି) ସମସାମୟିକ ସଭ୍ୟତା ଓ ତତ୍ ସୃଷ୍ଟ ଜଟିଳତା ସଚେତନ ମଣିଷ ମନରେ ସୃଷ୍ଟି କରୁଥିବା ଜଟିଳ ପ୍ରତିକ୍ରିୟା, ଉଭଟତା, ନିରାଶାଭାବ, କ୍ଷୟିଷ୍ଣୁ ମୂଲ୍ୟବୋଧ, ଅସଂଜମତା, ଆଶଙ୍କା, ଭୟ, ଆନନ୍ଦଶୂନ୍ୟତାର ନରକ ଯନ୍ତ୍ରଣା, ବିଫଳତା ଆଦି ବାସ୍ତବତାର ଆବେଗିକ ରୂପାୟନ ଘଟିଛି "କାଳପୁରୁଷ"ରେ ଯେଉଁଠି କବି ନିଜେହିଁ ନାୟକ ଅର୍ଥାତ୍ କାଳପୁରୁଷ ଭୂମିକାରେ ଅବତୀର୍ଣ୍ଣ। ଏଥିରେ ବର୍ଣ୍ଣନା କରାଯାଇଥିବା ବିଭିନ୍ନ ପରିସ୍ଥିତି ହିଁ ନାୟକ(କବି)ର ମାନସିକ ଅବସ୍ଥାର ଭିନ୍ନ ଭିନ୍ନ ଅଂଶ ମାତ୍ର। ଗୋଟେ ଉଦାହରଣକୁ ନେଇ ଏକଥା ବୁଝିବା......

"ଥଣ୍ଡା ଆଖି ଡୋଳା ତଳେ ଖାଲି ବ୍ୟର୍ଥ ଅବ୍ୟକ୍ତ
ବିଷାଦ
ଟାଇ କୋଟ୍ ପ୍ୟାଣ୍ଟ୍ ଅବା ଗାନ୍ଧି ଟୋପି ସିଲ୍କ୍ ଶାଢୀ
ତଳେ
ଖାଲି ବ୍ୟର୍ଥ ବ୍ୟକ୍ତହୀନ କୀଟ ଆଉ ପତଙ୍ଗ
ଶବଦ।"

୧୯୪୮-୧୯୫୦ ମସିହାରେ ବମ୍ବେରୁ ସ୍ୱର୍ଗତ ଦେବ ମହାପାତ୍ରଙ୍କ ଦ୍ୱାରା ସମ୍ପାଦିତ ଲୋକପ୍ରିୟ ହାତଲେଖା ପତ୍ରିକାର ନାମ ଥିଲା "କୁଙ୍କୁମ" ।ଏହି'କୁଙ୍କୁମ'ରେ ଗୁରୁପ୍ରସାଦଙ୍କର କେଇଟି ସନେଟ୍ ପ୍ରକାଶ ପାଇଥିଲା। ସେଗୁଡିକ ମଧ୍ୟରୁ "ସ୍ମୃତି ରହେ ଛାଇନିଦ ପରି" ଅନ୍ୟତମ। ଏହା ତାଙ୍କର କୌଣସି ସଂକଳନରେ ସ୍ଥାନିତ ହୋଇନାହିଁ। ସୁତରାଂ, ଏହି ଲେଖକ ସେଇଟିକୁ ସଂଗ୍ରହ କରିପାରିଥିବାରୁ କାବ୍ୟାମୋଦୀର ପାଠକମାନଙ୍କ ପାଇଁ ନିମ୍ନରେ ପ୍ରଦତ୍ତ କରୁଛି .......

ବିଛଣା ଉପରେ ତାର ସ୍ମୃତି ରହେ ଛାଇନିଦ ପରି
ଘାରି ରହେ ପାଖେ ପାଖେ ନିଭିଥିବା ତା' ନିଆଁର
ଧାସ,
ଆରକ୍ତ ଓଠର ବ୍ୟଥା ଦୂରନ୍ତ ତା' ଛାତିର ବିଦ୍ୟୁତ
ରକ୍ତର ମୂର୍ଚ୍ଛନା ତା'ର ଆଉ ତା'ର ଦୂରନ୍ତ ନିଶ୍ୱାସ
ବିଛଣା ଉପରେ ତା'ର ସ୍ମୃତି ରହେ ଛାଇନିଦ
ପରି
ଦେହର ହଳଦୀ ଛାପ,ଆଖି କଳା ସିନ୍ଦୂରର ଦାଗ
ଅଣ୍ଟାସୂତା ଆଉ ଫୁଲ....ଚିହ୍ନ ତା'ର ଲାଗିରହେ
ଶୁଖି
ଉଚ୍ଛିଷ୍ଟ ତା' ଯୌବନର କଳଙ୍କିତ ମ୍ଳାନ ଅସ୍ତରାଗ।
ସ୍ମୃତି ତା'ର ଲାଗିରହେ ଅବାସ୍ତବ ଏତେ
ଅବାସ୍ତବ
ଏକୁଟିଆ ବିଛଣାରେ ରୂପାୟିତ ହୋଇ ତା'ର
ମୋହ
ବିଧ୍ୱସ୍ତ ରାତିର ନିଆଁ,ଆକାଶର ବିଧ୍ୱସ୍ତ ବିଦ୍ୟୁତ୍
ଏକୁଟିଆ ଦେହେ ଦେହେ ଜୀବନର ଧ୍ୱସ୍ତ
ସମାରୋହ।
ବର୍ଷା ପଡ଼େ ଝରି ଝରି ଝରିଉଠେ......
ଆଉ ଉଠେ ଆକାଶର କୋହ
ରକ୍ତର ବିହ୍ୱଳ କ୍ଳାନ୍ତି.......ସ୍ମୃତି ତା'ର, ସ୍ୱାଦୁ
ତା'ର
ଘାରିଆସେ ତାହାରି ବିରହ।

(କ୍ରମଶ)


*କଥା ହୁଅନ୍ତୁ : ୯୪୩୭୨୬୭୧୨୫*

# କୈଶୋର କବିତା

## ଜୀବନଟା ଏକ ସୁଖର ପାହାନ୍ତି

ରାଜେଶ ପୂଜାରୀ






ଜୀବନଟା ଏକ ସୁଖର ପାହାନ୍ତି
କେବ ଦୁଃଖ ଅମାରାତି
କେବେ ପୁଣି ଇଏ ଯାତନା ଜଙ୍ଗଲ
କେବେ ଅସରନ୍ତି ପ୍ରୀତି (୦)

କେବେ ପ୍ରତିଜ୍ଞାର ତୀବ୍ର ଅଗ୍ନିଶିଖା
କେବେ ହତାଶାର ଝଡ଼
କେବେ ଦୟା କ୍ଷମା ଅନ୍ତହୀନ ମୋଡ଼
ନିଷ୍ଠୁରପଣର ନୀଡ଼
ଜାଣି ତ ହୁଏନା ବୁଝି ତ ହୁଏନା
କେବେ ତାର କେଉଁ ଗତି (୧)

ଅସ୍ଥିର ନଈର ଦ୍ରୁତ ଢେଉମାଳା
ଭାସିଯାଏ ଭାସୁ ଭାସୁ
ବହଳ ଅନ୍ଧାର କଲେ ଅତ୍ୟାଚାର
ହଜଇ ନୂତନ ଅଂଶୁ
କେବେ ପ୍ରତିଶ୍ରୁତି କେବେ ପ୍ରତାରଣା
ଏହି ତ ତାହାର ରୀତି (୨)

*କୁଶମେଲ ,ଝାରସୁଗୁଡ଼ା*
*ମୋ-୮୧୪୪୭୭୯୦୬୧*

## ଜୀବନ ଉନ୍ମେଷ



ସୁନନ୍ଦା ତ୍ରିପାଠୀ

ସାରାବିଶ୍ୱ ଚିତ୍କାର କରୁଥିଲା
ଜୈବିକ ଅସ୍ତ୍ର ପ୍ରହାରର ଆଘାତରେ
ମୃତ୍ୟୁ ନାଚୁଥିଲା ତାଣ୍ଡବ ମୁଦ୍ରାରେ
ଚେତନା ବିବାକ୍।
ନିତିଦିନ ପରି ମୋତେ ଭୋକ ହେଉଥିଲା
ବରଂ କିଛିଟା ଅଧିକ ଭୋକ



ମୁଁ ନାନା ବ୍ୟଞ୍ଜନ ପ୍ରସ୍ତୁତ କରି ଖାଉଥିଲି
ନାନା ବନ୍ଧରେ ସଜାଉଥିଲି ମୋର ଶୃଙ୍ଗାରର ଶେଯ।
ତୋଳୁଥିଲି ସୁନ୍ଦରରୁ ଆହୁରି ସୁନ୍ଦର କରି
ଗୃହ ଗୃହାଙ୍ଗନ, ଦେବକକ୍ଷ, ଶୟନ କକ୍ଷ ମୋର
ସ୍ୱପ୍ନର ବର୍ଷା ଝରି ଘର, ଶଂଖ ମର୍ମରର।
ଏସବୁ ପରେ, ପ୍ରକୃତିସ୍ଥ ବେଳାରେ ଭାବୁଥିଲି
ଶ୍ମଶାନ ବୈରାଗ୍ୟଠୁ ବଳି ଦୀର୍ଘ ଏ ବିରାଗ କାଳରେ
କୋଉଠୁ ଆସୁଛି ମୋ ଭିତରେ
ଏତେ ଜୀବନର ମୋହ!
ତେବେକି ମୃତ୍ୟୁଠୁ ବଳି ଶକ୍ତ
ମାୟାମୟ ଜୀବନ ଉନ୍ମେଷ?

*ପିପିଲି କଲେଜ, ପିପିଲି, ପୁରୀ*

## ଦେବୀ




ସ୍ମୃତି ରଞ୍ଜନ ତ୍ରିପାଠୀ



ଜହ୍ନ ରାଇଜ କଥା
ପିଲାବେଳୁ ଶୁଣିଛି।
ଶୁଣିଛି ବି ଅୟୁତ ଯନ୍ତ୍ରଣାର କାରାଗାରରୁ
ଶିଶୁହନ୍ତା ରାକ୍ଷସର ନୀଳଜହରରୁ
ଦେବୀଟିଏ କେମିତି ମୁକୁଳେଇପାରେ
ଆଉ ଜଣଙ୍କ ଦେବୀତ୍ୱ।
ମୁଁ ତ କେବେଠୁ ସମର୍ପି ଦେଇଛି
ଦେହ ମନ ସବୁ ତୋ' ଆଡେ।
ତୋ' ଗାଢ଼ ସିନ୍ଦୁରରେ
ଚତୁଃଦିଗ ଦେବୀମୟ ବୋଲି
ବୋଳି ଦେଇଛି ଅଭୟ ଚନ୍ଦନ
ଫିଟେଇ ଦେଇଛି ମଥାର ଶିକୁଳି।
ବସେଇ ଦେଇଛି ଦୁଇ ହଳ ପାଦ ଚିହ୍ନ
ପ୍ରସାରି ଦେଇଛି ଅଭିଯୋଗର ହାତରେ
ମୋ ଅବଶିଷ୍ଟ ପାପପୁଣ୍ୟର ପୃଥିବୀକୁ
ନିରୁଦ୍ଦିଷ୍ଟ ଆକାଶର ଅଗଣାରେ।
ମୁଁ ଏବେ ଫେରନ୍ତା ମୁଦ୍ରାରେ।
ପାରିବୁ ଯଦି କୋଳେଇ ନେବୁ
ତୋ'ରି ଅଭୟ ବରଦା ହସ୍ତରେ
ମୋ ଲୁହର ଭାଗ୍ୟ।
ପରଖିନେବୁ
ସାଷ୍ଟାଙ୍ଗ ମୁଦ୍ରାରୁ ସରି ଆସୁଥିବା ସଂଯମ
ନିୟତିର ମୁଠାରୁ ଝରିପଡୁଥିବା
ଶେଷ ଚରିତ୍ରର ସଂଳାପ
ପ୍ରତିକ୍ଷଣେ ଭିଜୁଥିବା ସମୟ।
ବଦଳରେ
ତ୍ରିଶୂଳ ଭିଜା ରକ୍ତ ଛାଟି
ବରଂ ମୋର ହେଉ
ସବୁଆଡ
ଈଶ୍ୱରୀ ଈଶ୍ୱରୀରେ
ହେଉ ମହମହ
ତୁ କିନ୍ତୁ ଦେବୀ ଟିଏ ହୋଇ ରହ।

*ଜଟଣୀ ଖୋର୍ଦ୍ଧା*
*ଦୂରଭାଷ : ୯୪୩୮୩୧୫୩୮୧*

# ପିଲାଙ୍କ ଦୁନିଆ






ସାଇସ୍ୱରୂପ ପଣ୍ଡା
ଷ୍ଟାଣ୍ଡାର୍ଡ - ୨
ସେଣ୍ଟ ଜାଭିଅର ସ୍କୁଲ
ମାର୍କୋଣା, ବାଲେଶ୍ୱର

# ୧୧ ବର୍ଷରେ ୪୬ରୁ ଅଧିକ ହାଜତ ମୃତ୍ୟୁ

**ଭୁବନେଶ୍ୱର :** ୧୧ ବର୍ଷ ମଧ୍ୟରେ ରାଜ୍ୟରେ ୪୬ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ହାଜତରେ ମୃତ୍ୟୁ ହୋଇଛି। ବିଧାନସଭା ରିପୋର୍ଟ ଅନୁଯାୟୀ ୨୦୧୦ ମସିହାରୁ ୨୦୧୯ ମସିହା ମଧ୍ୟରେ ୪୩ଟି ହାଜତ ମୃତ୍ୟୁ ହୋଇଥିବାବେଳେ ଏନ୍‌ସିଆରବି ରିପୋର୍ଟ ଅନୁସାରେ ୨୦୨୦ ମସିହାରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ସଦ୍ୟତମ ଭାବେ ୨୦୨୧ ମସିହା ସେପ୍ଟେମ୍ବର ମାସରେ ବରଗଡ଼ ଜିଲ୍ଲା ତୁରି ପଡ଼ାର ଗୋବିନ୍ଦ କୁମ୍ଭାରଙ୍କ ହାଜତରେ ମୃତ୍ୟୁ ହୋଇଛି। ଗୋବିନ୍ଦଙ୍କ ୪ ଏବଂ ୫ ବର୍ଷର ୨ ଶିଶୁ ଅନାଥ ଏବଂ ୨୩ ବର୍ଷୀୟା ସ୍ତ୍ରୀ ବିଧବା ହୋଇଯାଇଛନ୍ତି। ବରଗଡ଼ ସହରର ଦୁଇଟି ପଡ଼ାର ବିବାଦ ମାମଲାରେ ଗୋବିନ୍ଦ କୁମ୍ଭାରଙ୍କୁ ଆଧାର କାର୍ଡ ଧରି ଥାନାକୁ ଆସିବାକୁ କହିଥିଲା ପୁଲିସ। ମାତ୍ର ଗୋବିନ୍ଦ ଥାନାକୁ ନଯିବାରୁ ବିଳମ୍ବିତ ରାତିରେ ପୁଲିସ ତାଙ୍କ ଘରକୁ ପଶି ପିଟିପିଟି ଥାନାକୁ ନେଇଯାଇଥିଲା। ପରବର୍ତ୍ତୀ ଦିନ ପରିବାର ତାଙ୍କ ମୃତଶରୀର ଉଦ୍ଧାର କରିଥିଲା। ଗୋବିନ୍ଦଙ୍କ ବେକ, ପିଠି ସମେତ ଶରୀରର ବିଭିନ୍ନ ସ୍ଥାନରେ ମାଡ଼ ଦାଗ ରହିଥିବାରୁ ପୁଲିସ ପିଟିପିଟି ହତ୍ୟା କରିଥିବା ପରିବାର କହିଛି। କିନ୍ତୁ ବରଗଡ଼ ଟାଉନ ଥାନା ପୁଲିସ ଅନୁସାରେ, ଦୀର୍ଘ ସମୟ ଧରି ମୃତଶରୀରକୁ ରାସ୍ତାରେ ରଖି ପରିବାର ଏବଂ ସ୍ଥାନୀୟ ଅଧିବାସୀ ଆନ୍ଦୋଳନ କରିବାରୁ ଏଭଳି ଦାଗ ହୋଇଛି। ଅନ୍ୟଦିଗରେ ଏହି ଘଟଣାରେ କିଛି ପୁଲିସ କର୍ମଚାରୀଙ୍କୁ ଛୁଟିରେ ପଠାଯାଇଥିଲେ ମଧ୍ୟ କାହାକୁ ନିଲମ୍ବିତ କରାଯାଇ ନାହିଁ। ଏଥିପୂର୍ବରୁ ୨୦୨୦ ମସିହା ନଭେମ୍ବର ୧୯ ତାରିଖରେ ସୁନ୍ଦରଗଡ଼ ଜିଲ୍ଲା ବୀରମିତ୍ରପୁରର ତାରିକ ସଲିମ, ଡିସେମ୍ବର ୫ ତାରିଖରେ ପୁରୀ ଜିଲ୍ଲାରେ କେ ରମେଶ ନାମକ ଅନୁସୂଚିତ ଜାତିର ଯୁବକଙ୍କ ପୁଲିସ ହାଜତରେ ମୃତ୍ୟୁ ହୋଇଥିଲା। ୨୦୧୮ ମସିହା ଫେବୃଆରି ମାସ ୮ ତାରିଖରେ ସମ୍ବଲପୁର ଆଦିବାସୀ ଯୁବକ ଅବିନାଶ ମୁଣ୍ଡାଙ୍କ ମୃତ୍ୟୁ ପରେ ଅଇଁଠାପାଲି ଥାନା ପୋଡ଼ି ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଏଥିରେ ଦାୟୀ ପୁଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ସାମୟିକ ଥିଲା। ଢେଙ୍କାନାଳ ହାଜତ ମୃତ୍ୟୁ ଘଟଣାରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ପାଇବା ପାଇଁ ୧୫ ବର୍ଷ ଲାଗିଥିଲା। ଉଚ୍ଚତମ ନ୍ୟାୟାଳୟ ପକ୍ଷରୁ ତାଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ବଡ଼ କଥା ହେଲା; ହାଜତରେ ମୃତ୍ୟୁ ହେଉଥିବା ଅଧିକାଂଶ ବ୍ୟକ୍ତି ଅନୁସୂଚିତ ଜାତି, ଜନଜାତି ବର୍ଗ ଏବଂ ସମସ୍ତେ ଗରିବ ଶ୍ରେଣୀର। ଚୋରି କିମ୍ବା ଅତି ଛୋଟ ମାମଲାରେ ପୁଲିସ ତାଙ୍କୁ ଗିରଫ କରିଥାଏ, ପରବର୍ତ୍ତୀ ଦିନ ପରିବାର ରହସ୍ୟଜନକ ସ୍ଥିତିରେ ତାଙ୍କ ମୃତଶରୀର ଉଦ୍ଧାର କରେ। ପୁଲିସ ହାଜତ ମୃତ୍ୟୁରେ କାର୍ଯ୍ୟାନୁଷ୍ଠାନ, କ୍ଷତିପୂରଣ ବ୍ୟବସ୍ଥା ଥିଲେ ମଧ୍ୟ ଅଧିକାଂଶ ପୀଡ଼ିତ ପରିବାର କ୍ଷେତ୍ରରେ ଏହା କାର୍ଯ୍ୟକାରୀ କରାଯାଉନଥିବା ମାନବାଧିକାର ସଙ୍ଗଠନ ଗାସ୍ କହିଛି। ସଙ୍ଗଠନର ଅଭିଯୋଗ ଅନୁସାରେ, ୨୦୧୩ ମସିହାରେ ଘଣ୍ଟା ଚୋରି ମାମଲାରେ ମାଲକାନଗିରିର ଆଦିବାସୀ ଯୁବକ ତ୍ରିନାଥ ସମରଥଙ୍କୁ ପୁଲିସ ଉଠାଇ ନେଇଥିଲା। କିନ୍ତୁ ସେ ଆଜି ପର୍ଯ୍ୟନ୍ତ ଘରକୁ ଫେରି ନାହାନ୍ତି। ଏଭଳି ନିଖୋଜ ଘଟଣାର ହିସାବ ରାଜ୍ୟ ସରକାରଙ୍କ ପାଖରେ ନାହିଁ। ମାନବାଧିକାର କର୍ମୀ ଦେବରଞ୍ଜନ କହିଛନ୍ତି, ହାଜତ ମୃତ୍ୟୁ ସଂକ୍ରାନ୍ତ ବିଭିନ୍ନ ରାୟରେ ସମ୍ବିଧାନ ବଞ୍ଚିବାର ଅଧିକାର ଉଲ୍ଲେଖ କରିଛନ୍ତି। ଗିରଫ ହୋଇଥିବା ବ୍ୟକ୍ତିର ସୁରକ୍ଷା ଦାୟିତ୍ୱ ପୁଲିସର। କିନ୍ତୁ ବ୍ୟକ୍ତିର ମୃତ୍ୟୁ ପାଇଁ ସ୍ଥାନୀୟ ପୁଲିସ ଦାୟୀ ଏହା ପ୍ରମାଣିତ ହେଉନାହିଁ। ହାଜତ ମୃତ୍ୟୁ ରୋକିବା ଦିଗରେ ସିଆରପିସି ଧାରା୪୧(ଏ), ଉଚ୍ଚତମ ନ୍ୟାୟାଳୟ ଏବଂ ଜାତୀୟ ମାନବାଧିକାର କମିସନଙ୍କ ବିଭିନ୍ନ ନିର୍ଦ୍ଦେଶାବଳି ରହିଛି। ମାତ୍ର ପୁଲିସ ପକ୍ଷରୁ ସେହି ବ୍ୟକ୍ତିଙ୍କୁ ଉଠାଇ ଆଣିବାବେଳେ ଏହାର ପାଳନ ହେଉନଥିବା ଅଭିଯୋଗ ହୋଇଛି। ଉଲ୍ଲେଖଯୋଗ୍ୟ ଯେ ମାନବାଧିକାରର ସୁରକ୍ଷା ପାଇଁ ଅକ୍ଟୋବର ମାସ ୧୨ ତାରିଖରେ ପ୍ରତିଷ୍ଠା ହୋଇଥିଲା ମାନବାଧିକାର କମିସନ। ବର୍ତ୍ତମାନ ମନବାଧିକାର ବିପନ୍ନ ହେଉଥିବାବେଳେ କମିସନ ନିଜ ଦାୟିତ୍ୱ କେତେ ନିର୍ବାହ କରୁଛି ଏହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



# ପାପଡାହାଣ୍ଡି ସହିଦ ମିନାର ପରିସରରେ ୧୦୦ ଫୁଟ ଉଚ୍ଚତାରେ ଲାଗିବ ଜାତୀୟ ପତାକା



**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ସହିଦ ପୀଠ ପରିସରରେ ଲାଗିବ ୧୦୦ ଫୁଟ ଉଚ୍ଚ ରେ ଉଡ଼ିବ ଜାତୀୟ ପତାକା । ଏଥିନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ତୁରୀ ନଦୀ କୂଳରେ ଥିବା ସହିଦ ମିନାର ପରିସରରେ ଲାଗିବାକୁ ଯାଉଛି ୧୦୦ ଫୁଟ ଉଚ୍ଚତା ରେ ୩୦ ଫୁଟ ଓସାର ଏବଂ ୨୦ଫୁଟ ଲମ୍ୱା ର ଜାତୀୟ ପତାକା, ଏନେଇ ଆଜି ଏହାର ଶୁଭାରମ୍ଭ କରାଯାଇଛି, ଏଥି ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ୧୯୪୨ ମସିହା ଅଗଷ୍ଟ ମାସ ୨୪ ତାରିଖରେ ଏହି ଅଂଚଳର ୧୨ ଶହ ସ୍ୱାଧୀନତା ସଂଗ୍ରାମୀ ଡାବୁଗାଁ ଥାନା କୁ ଯିବା ସମୟରେ ପାପଡାହାଣ୍ଡି ତୁରୀ ନଦୀ ନିକଟରେ ସାମନା ପଟୁ ବ୍ରିଟିଶ ସୈନ୍ୟ ଙ୍କ ଗୁଳିରେ ଘଟଣା ସ୍ଥଳରେ ୧୧ ଜଣ ଟଳି ପଡ଼ିଥିବା ବେଳେ ଆଉ ୮ ଜଣଙ୍କର ଡାକ୍ତରଖାନା ରେ ମୃତ୍ୟୁ ହୋଇଥିଲା।ସେହି ଶହୀଦ ମାନଙ୍କ ସ୍ମୃତି ଉଦେଶ୍ୟରେ କୋରାପୁଟ ଜିଲ୍ଲାର ପ୍ରଥମ ମନ୍ତ୍ରୀ ତଥା ସ୍ୱାଧୀନତା ସଂଗ୍ରାମୀ ରାଧାକୃଷ୍ଣ ବିଶ୍ୱାସ ରାଓ ତୁରୀ ନଦୀକୂଳରେ ଶହୀଦ ମିନାର କରିବାଲାଗି ୧୯୮୦ ମସିହା ରେ ଶୁଭ ଦେଇଥିଲେ। ପରବର୍ତୀ ସମୟରେ ୧୯୮୩ ମସିହା ରେ ସେତେବେଳର ରାଜ୍ୟପାଳ ତଥା ସ୍ୱାଧୀନତା ସଂଗ୍ରାମୀ ସେହି ସ୍ଥାନରେ ଶୁଭ ପକାଇ ଶହୀଦ ସ୍ମୃତି ସ୍ତମ୍ଭ ନିର୍ମାଣ ଆରମ୍ଭ ହୋଇଥିଲା । ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ ଏଠାରେ ପ୍ରତିବର୍ଷ ଅଗଷ୍ଟ ମାସ ୨୪ ତାରିଖ କୁ ଶହୀଦ ଦିବସ ରୂପେ ପାଳନ କରାଯାଉଛି। ଏହି ଶହୀଦ ଦିବସ କୁ ରାଜ୍ୟ ସ୍ତରରେ ପାଳନ କରିବାପାଇଁ ଦାବି ହେଉଥିବା ବେଳେ ଏଠାର ପରିସରକୁ ଅଧିକରୁ ଅଧିକ ସୌନ୍ଦର୍ଯ୍ୟ କରଣ କରିବାପାଇଁ ଜିଲ୍ଲା ପ୍ରଶାସନ ଏବଂ ଲୋକ ପ୍ରତିନିଧି ପ୍ରମୁଖ ଚେଷ୍ଟା ଚଳାଇ ଆସିଛନ୍ତି । ବିଗତ ୨୦୨୦ ମସିହା ଶହୀଦ ଦିବସ ଅବସରରେ ଶହୀଦ ମିନାର ପରିସରରେ ଏକ ବିରାଟ ଜାତୀୟ ପତାକା ସ୍ଥାପନ କରିବାପାଇଁ ଆଦିବାସୀ ଶହୀଦ ସଂସ୍କୃତି କେନ୍ଦ୍ର ସଭାପତି ତଥା ସଂଗ୍ରାମୀ ଶହୀଦ ସ୍ମୃତି ସାଂସଦ କାର୍ଯ୍ୟକାରୀ ସଭାପତି ମୁନା ତ୍ରିପାଠୀ ପ୍ରସ୍ତାବ ଦେଇଥିଲେ । ଚଳିତ ବର୍ଷ ଅଗଷ୍ଟ ୨୪ ଶହୀଦ ଦିବସ ଅବସରରେ ସାଂସଦ ରମେଶ ଚନ୍ଦ୍ର ମାଝୀ ଶହୀଦ ମିନାର ପରିସରରେ ଜାତୀୟ ପତାକା ସ୍ଥାପନ ପାଇଁ ନିଜ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ମଂଜୁର କରିବା ନେଇ ଘୋଷଣା କରିଥିଲେ। ଘୋଷଣା କରିବାର ଅଳ୍ପ ଦିନ ମଧ୍ୟରେ ଏବେ କାର୍ଯ୍ୟ ଆରମ୍ଭ କରାଯାଇଛି ।ଆସନ୍ତା ଏକ ସପ୍ତାହ ମଧ୍ୟରେ କାର୍ଯ୍ୟ ସମ୍ପାଦନ ହେବ ବୋଲି ଆଶା କରାଯାଉଛି । ଏହି ବିରାଟ ଜାତୀୟ ପତାକା ଜାତୀୟ ସ୍ମାରକୀ ହୋଇ ସବୁଦିନ ପାଇଁ ରହିବ ବୋଲି ସାଂସଦ ଶ୍ରୀ ମାଝୀ କହିଥିବା ବେଳେ, ଏଥିପାଇଁ ସାଂସଦ ଙ୍କୁ ଶହୀଦ ସ୍ମୃତି କମିଟି ଏବଂ ଜିଲ୍ଲାବାସୀ ଧନ୍ୟବାଦ ଜଣାଇଛନ୍ତି ।ଲୋକ ପ୍ରିୟ ସାଂସଦ ନବରଙ୍ଗପୁର ଜିଲ୍ଲା ସହିଦ ମାନଙ୍କୁ ସ୍ମରଣ ରଖିବା ଉଦେଶ୍ୟରେ ଏପରି କାର୍ଯ୍ୟ ପାଇଁ ଅନୁଦାନ ପାଣ୍ଠି ରୁ ଅନୁଦାନ ଦେବା ନେଇ ସାଂସଦ ସବୁଦିନ ପାଇଁ ଜନ ସାଧାରଣ ଙ୍କ ମାନସ ପଟରେ ରହିଗଲେ ବୋଲି ମତ ପ୍ରକାଶ ପାଉଛି।

# ପାର୍ବଣ ପରେ କରୋନା ସ୍ଥିତି ବିଗିଡି ପଞ୍ଚାୟତ ନିର୍ବାଚନ ବେଳକୁ କାୟା ବିସ୍ତାର କରିବ

**ଜଗତ୍‌ସିଂହପୁର, (ଜ୍ୟୋତିରଞ୍ଜନ ପଟ୍ଟନାୟକ):** ଦଶହରା ପର୍ବ ଆରମ୍ଭଠାରୁ ବିଭିନ୍ନ ପର୍ବପର୍ବାଣୀ ଯଥା ଗଜଲକ୍ଷ୍ମୀ ପୂଜା, କାଳୀପୂଜା, ଦିପାବଳୀ ଓ ରାହାସ ପୂଜାର ପର୍ବ ପରେ ଛାଡଖାଇରେ ଲୋକମାନଙ୍କ ବେଧଡକ ଭୋଜିଭାତ ସାଙ୍ଗକୁ ପଞ୍ଚାୟତ ନିର୍ବାଚନ ଜିଲ୍ଲାରେ କୋଭିଡ଼ ପରିସ୍ଥିତିକୁ ବିଗାଡି ଦେବାର ସମ୍ଭାବନା ସୃଷ୍ଟି ହେଲାଣି । ଏହି ପାର୍ବଣ ଋତୁ ପରେ ପଞ୍ଚାୟତ ଓ ପୌର ପରିଷଦ ନିର୍ବାଚନେ ଆଗକୁ ଥିବାରୁ ଗାଁ ଗହଳି ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଜଳଖିଆ ଦୋକାନ, ଚିକେନ ଓ ମଟନ ଭୋଜି ଆଦିର ମାହୋଲ ପରିବେଶ ସୃଷ୍ଟି ହେବାର ଆଶଙ୍କା ଥିବାରୁ ମାସ୍କ କିମ୍ବା ସାମାଜିକ ଦୂରତ୍ୱ ଉପରେ ଆଦୌ ଗୁରୁତ୍ୱ ଦିଆଯିବ ନାହିଁ, ଫଳରେ ସଂକ୍ରମଣ ସଂଖ୍ୟା ବଢ଼ି ବଢ଼ି ଚାଲିବ । ଆଗକୁ ଶୀତ ଋତୁର ଆଗମନ ଥିବାରୁ ୩ମାସ ବି କରୋନା ପରିସ୍ଥିତିକୁ ବିଗାଡି ଦେବ। ପଞ୍ଚାୟତ ନିର୍ବାଚନର ବିଗୁଲ ବାଜି ଯାଇଥିବାରୁ ଗାଁ ଗହଳିରେ ମଦ୍ୟପାନ ସାଙ୍ଗକୁ ଭୋଜିଭାତର ମଉଜ ଲାଗି ରହିବ ଫଳରେ କୋଭିଡ଼ କଟକଣାକୁ ଫୁ କରିଦେବାରୁ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବ । ପାର୍ବଣ ସମୟ ପରି ଯଦି ଏଭଳି ଭିଡ ଆଗକୁ ଲାଗି ରହେ ତେବେ ସଂକ୍ରମଣ ବଢ଼ିବା ସହ ତୃତୀୟ ଲହର ଆଡକୁ ଯାଇପାରେ ବୋଲି ସମ୍ଭାବନା ସୃଷ୍ଟି ହେଲାଣି । ତୃତୀୟ ଲହର ଉପରେ ଲୋକେ ଗୁରୁତ୍ୱ ନଦେଇ ଦୋକାନବଜାରଠୁ ଆରମ୍ଭ କରି ବାହାଘର ପର୍ଯ୍ୟନ୍ତ ଅସମ୍ଭବ ଗହଳି କରୁଥିବା ବେଳେ ମାସ୍କ ପନ୍ଧିବା ଯୋଗୁଁ କରୋନାକୁ ନିମନ୍ତ୍ରଣ କରୁଥିବାର ବାରିହୋଇପଡୁଛି। ଏପରି ହେଲେ ଦୈନିକ ସଂକ୍ରମଣ ଦ୍ରୁତ୍ ଗତିରେ ବଢ଼ିବା ସହିତ ଲୋକମାନଙ୍କ ଜୀବନ ଜିବୀକା ଉପରେ ପ୍ରଭାବ ପକାଇବ । ସରକାର ଲକ୍‌ଡାଉନ୍ ଉଠାଇ ନେଇଥିଲେ ବି ପରିସ୍ଥିତି ଭୟଙ୍କର ଆଡକୁ ଗତି କଲେ ପୁନଃର୍ବାର ଲକଡାଉନ୍ କରିବା ପାଇଁ ବାଧ ହେବେ । ଜିଲ୍ଲାର ୨ଗୋଟି ସ୍ଥାନରେ ପୌର ନିର୍ବାଚନ ସାଙ୍ଗକୁ ପଞ୍ଚାୟତ ନିର୍ବାଚନ ଥିବାରୁ ଯୁବପିଢ଼ୀମାନଙ୍କ ମଦୁଆ, ମାତାଲ ଅବସ୍ଥା ତୃତୀୟ ଲହର ଆଡକୁ ମୁହାଁଇବ । ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଖିଳେଶ୍ୱର ସିଂ ଦଶହରା ପର୍ବଠାରୁ ଆରମ୍ଭ କରି ପଞ୍ଚାୟତ ନିର୍ବାଚନ ସରିବା ପର୍ଯ୍ୟନ୍ତ ମଦ ଓ ବ୍ରାଉନସୁଗାର ଉପରେ ଗୁରୁତ୍ୱ ଦେଇ ଅମାନିଆମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୃଦ୍ଧଜୀବୀ ମହଲରେ ଦୃଢ଼ ଦାବି ହେଉଛି।

# ବିଭିନ୍ନ ପୂଜା ମଣ୍ଡପରେ ଦୁର୍ଗାପୂଜା

**ଜଗତ୍‌ସିଂହପୁର :** ଜିଲ୍ଲାର ସହରଠାରୁ ଆରମ୍ଭ କରି ଗାଁ ଗହଳି ମାନଙ୍କରେ ଖୁବ୍ ଶାନ୍ତିଶୃଙ୍ଖଳାର ସହିତ ଶାରଦୀୟ ଦୁର୍ଗାପୂଜା ମହାସମାରୋହରେ ପାଳିତ ହୋଇଥିବା ବେଳେ କୋଭିଡ଼ କଟକଣାକୁ ଭକ୍ତମାନେ ହୁଅନ୍ତୁ ବା ସେବାୟତମାନେ କେହି ମାନୁନଥିବାର ଦେଖାଯାଇଥିଲା । ଶହ ଶହ ଭକ୍ତମାନେ ମହାସପ୍ତମୀ ଭୋଗ, ମହାଷ୍ଟମୀ ଭୋଗ, ସନ୍ଧିହାଣ୍ଡି ଭୋଗ ଓ ମହାନବମୀ ଭୋଗଆଣି ଭୋଗ କରିନେଉଥିବା ବେଳେ ଏଠାରେ କୋଭିଡ୍ କଟକଣା ନଥିବାର ବାରି ହୋଇପଡୁଥିଲା । ବିଭିନ୍ନ ମଣ୍ଡପମାନଙ୍କରେ ଚାହା, ଜଳଖିଆ ଓ ଷ୍ଟେସନାରୀ ଦୋକାନମାନ ଖୋଲାଯାଇନଥିଲା କି, କୌଣସି ମଣ୍ଡପମାନଙ୍କରେ ପ୍ରସାଦ କରାଯାଇନଥିଲା । ଜିଲ୍ଲାର କର୍ତ୍ତୃପକ୍ଷମାନଙ୍କ ପକ୍ଷରୁ କଟକ-ଭୁବନେଶ୍ୱର ଟୁଇନ୍ ସିଟି ପରି ପୋଲିସ୍ ମାନଙ୍କର ତଦାରଖ କରିବା ଘଟଣା ଦେଖିବାକୁ ମିଳୁନଥିଲା । ଏପରିକି କୌଣସି ଦେବାଦେବୀ ପୀଠ, ପୂଜାମଣ୍ଡପ ଓ ଶକ୍ତିପୀଠମାନଙ୍କରେ ପୋଲିସ୍ କର୍ମଚାରୀ ବି ନୟୋଜିତ କରାଯାଇନଥିଲା, କେବଳ କଟକ ଜିଲ୍ଲା ଅନ୍ତର୍ଗତ ଶିର୍ଲୋ ଦୈବୀପୀଠାରେ ଭକ୍ତମାନଙ୍କର ଅସମ୍ଭବ ଭିଡ ଦେଖି ଓ ସାମାଜିକ ଦୂରତ୍ୱ ରକ୍ଷା କରିବାରେ ବିଶୃଙ୍ଖଳା ହେବାରୁ କିଶନନଗର ଥାନା ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇ ସମସ୍ତ ପ୍ରକାର ନୀତିନିୟମକୁ ପାଳନ କରାଯାଇ ଶାନ୍ତିଶୃଙ୍ଖଳା ସହିତ ପାଳନ କରାଯାଇଥିଲା । ଜିଲ୍ଲାର ଶାରଳାଙ୍କ ପୀଠସ୍ଥଳିରେ ୧୪୪ଧାରା ଜାରି ହୋଇ ପୋଲିସ୍ ଓ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତ ଥିବା ବେଳେ ଅନ୍ୟକୌଣସି ପୀଠସ୍ଥଳୀରେ ନିୟମ ପାଳନ କରାଯାଇନଥିଲା । ସବୁସ୍ଥାନମାନଙ୍କରେ ଶ୍ରଦ୍ଧାଳୁମାନଙ୍କ ଅସମ୍ଭବ ଭିଡ ସାଙ୍ଗକୁ ଭୋଗହାଣ୍ଡି ଗୁଡିକ ଖୁବ୍ ଶାନ୍ତିଶୃଙ୍ଖଳାର ସହିତ ପୂଜା ହେଉଥିଲା । ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ ଭାସିଲପୁରଠାରେ ସନ୍ଧିପୂଜା ରାତ୍ର ୧୧ଘଟିକା ପରେ ଅନୁଷ୍ଠିତ ହୋଇଥିବାବେଳେ ଏହି ଶକ୍ତିକୁଞ୍ଜ ପୀଠରେ ହଜାର ହଜାର ଶ୍ରଦ୍ଧାଳୁ ପଣାହାଣ୍ଡି ଆଣିଥିଲେ ଓ ପୂଜା ସମୟରେ ବହୁ ଭକ୍ତ ନିଆଁରେ ଝୁଣା ମାରି ଘଣ୍ଟଘଣ୍ଟା ଏବଂ ବାଜା, ଶଙ୍ଖ ଫୁଙ୍କି ଉପସ୍ଥିତ ଥିବା ଭକ୍ତମାନଙ୍କୁ ଆନନ୍ଦିତ କରିଦେଉଥିଲେ । ଜିଲ୍ଲାର ବିଭିନ୍ନ ମଣ୍ଡପମାନଙ୍କରେ ଭିଡ ନିୟନ୍ତ୍ରଣ ପାଇଁ ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇନଥିବାରୁ ପୋଲିସ୍‌ର ବିଫଳତା ନେଇ ସନ୍ଦେହ ପ୍ରକାଶ ପାଉଛି। କୋଭିଡ଼ କଟକଣାର ମାର୍ଗଦର୍ଶିକା ସବୁଠି ଉଲଘଂନ କରାଯାଉଥିବା ବେଳେ କୌଣସି ମଣ୍ଡପରେ ବିଶୃଙ୍ଖଳା ହେବା ଘଟଣା ଦେଖିବାକୁ ମିଳିନଥିଲା ।



## ଗ୍ରାମାଞ୍ଚଳରେ ଭୁଶୁଡ଼ିଲାଣି ସ୍ୱାସ୍ଥ୍ୟସେବା

# ଭୂତକୋଠି ପାଲଟିଛି ସ୍ୱାସ୍ଥ୍ୟ ଉପକେନ୍ଦ୍ର



**ଦଶପଲ୍ଲା :** ଗ୍ରାମାଞ୍ଚଳରେ ସାଧାରଣ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ତଥା ଲୋକଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତା ସୃଷ୍ଟି କରିବା ପାଇଁ ବିଭିନ୍ନ ପଞ୍ଚାୟତରେ ସ୍ୱାସ୍ଥ୍ୟ ଉପକେନ୍ଦ୍ରମାନ ସ୍ଥାପନ କରାଯାଇଛି। ଏହି ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ନିଯୁକ୍ତି ଦିଆଯାଇଛି। ଗର୍ଭବତୀ ମହିଳା ଓ ଶିଶୁଙ୍କୁ ଟିକାକରଣଠାରୁ ଆରମ୍ଭ କରି ରୋଗୀଙ୍କ ରକ୍ତ ନମୁନା ସଂଗ୍ରହ ଏବଂ ପରୀକ୍ଷା ନିରୀକ୍ଷା କରିବା ଭଳି ସାଧାରଣ ଚିକିତ୍ସା ଲୋକମାନଙ୍କୁ ଯୋଗାଇ ଦେବା ସହ ସରକାରଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଲୋକଙ୍କ ନିକଟରେ ପହଞ୍ଚାଇବା ହେଉଛି ଏହାର ମୂଳ ଉଦ୍ଦେଶ୍ୟ। ବିଶେଷକରି ମହାମାରୀ କରୋନା ସମୟରେ ଗ୍ରାମାଞ୍ଚଳଗୁଡ଼ିକରେ ଲୋକଙ୍କୁ ସଚେତନ କରିବା କ୍ଷେତ୍ରରେ ଏସବୁ କର୍ମଚାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ହେଲେ ଦଶପଲ୍ଲା ବ୍ଲକ୍ ଏବଂ ଏନ୍‌ଏସିରେ ବ୍ୟାପକ ବ୍ୟତିକ୍ରମ ଦେଖିବାକୁ ମିଳିଛି। କିଛି ସ୍ୱାସ୍ଥ୍ୟକର୍ମୀଙ୍କ ଖିଆଲି ମନୋଭାବ ପାଇଁ ଲୋକଙ୍କ ନିକଟରେ ସ୍ୱାସ୍ଥ୍ୟସେବା ହେଉକି ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତା ବାର୍ତ୍ତା ଅପହଞ୍ଚ ହୋଇ ରହୁଥିବା ବେଳେ ସରକାରୀ ଯୋଜନା ଦିଗହରା ହେବାରେ ଲାଗିଛି। ବିଶେଷକରି ମଧ୍ୟଖଣ୍ଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଦଶପଲ୍ଲା ବ୍ଲକ୍ରେ ୧୮ଟି ସ୍ୱାସ୍ଥ୍ୟ ଉପକେନ୍ଦ୍ର ରହିଛି। ଅନେକ ସ୍ଥାନରେ ଭିତ୍ତିଭୂମିର ଅଭାବ ପାଇଁ ସ୍ୱାସ୍ଥ୍ୟକର୍ମୀମାନେ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ରହୁନଥିବା ବେଳେ ଅନେକ ସ୍ଥାନରେ ଲକ୍ଷଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ସ୍ୱାସ୍ଥ୍ୟ ଉପକେନ୍ଦ୍ରଗୁଡ଼ିକ ଭୂତକୋଠି ପାଲଟିଲାଣି। ଏପରିକି ଅନେକ ନବନିର୍ମିତ କୋଠରିରେ ତ୍ରୁଟି ପରିଲକ୍ଷିତ ହୋଇଥିବା ଅଭିଯୋଗ ହେଉଛି। ଯାହାକୁ ନେଇ ଏସବୁ ଘରଗୁଡ଼ିକ ମଧ୍ୟରେ ଏବେ ଅସାମାଜିକ ବ୍ୟକ୍ତିଙ୍କ ଆଡ଼ା ଜମୁଛି। ଦଶପଲ୍ଲା ବ୍ଲକ୍ର ଖମାରସାହି, ନରାଜିପଡ଼ା, ଟାକରା, ବାଣିଗୋଛା, କୁଜାମେଣ୍ଢି, ପୋଖରୀଗୋଛା, ଚଢ଼େୟାପଲ୍ଲୀ, କଳସାଖମଣ, ତେଣ୍ତାବାଡ଼ି, ପୋଇବାଡ଼ି, ଦେଢ଼ଶର, ଘୋଳାହାଣ୍ତି, ମଧ୍ୟଖଣ୍ଡ, ଡିହଗାଁ ଏବଂ ଘୁଗୁଡିପଡା ସମେତ ଦଶପଲ୍ଲା ଏନ୍‌ଏସିର ଖଣ୍ତପଡ଼ା, ସାତପାଟଣା ଏବଂ କୁଞ୍ଜବନଗଡ଼ଠାରେ ଏସବୁ ସ୍ୱାସ୍ଥ୍ୟ ଉପକେନ୍ଦ୍ର ରହିଛି। କାଁ ଭାଁ କିଛି ସ୍ଥାନକୁ ଛାଡ଼ିଦେଲେ ଅଧିକାଂଶ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ସ୍ୱାସ୍ଥ୍ୟ କର୍ମୀମାନେ ସ୍ୱାସ୍ଥ୍ୟ ଉପକେନ୍ଦ୍ର ମାଡୁନାହାନ୍ତି। ଘରଗୁଡ଼ିକ ବର୍ଷ ବର୍ଷ ଧରି ବନ୍ଦ ହୋଇ ରହିଥିବା ବେଳେ କେଉଁଠି ଅଙ୍ଗନବାଡ଼ିରେ ତ ପୁଣି କେଉଁଠି ପର ବାରଣ୍ତାରେ ଟିକାକରଣ କରି ସ୍ୱାସ୍ଥ୍ୟକର୍ମୀମାନେ ନିଜ ନିଜ ଘରକୁ ଚାଲି ଯାଉଛନ୍ତି। ଯାହାକୁ ନେଇ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ଠପ୍ ହୋଇ ପଡ଼ିବା ସହ ଲୋକଙ୍କ ନିକଟରେ ସରକାରୀ ସଚେତନତା ବାର୍ତ୍ତା ପହଞ୍ଚି ପାରୁନାହିଁ। ଏ ଦିଗରେ ଜିଲ୍ଲା ପ୍ରଶାସନ ବିଶେଷ ଦୃଷ୍ଟି ଦେବାକୁ ଦୃଢ଼ ଦାବି ହେଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପଛୁଆ ବର୍ଗଙ୍କ ...

ପଛୁଆ ବର୍ଗର ସଂରକ୍ଷିତ ଆସନ କମିଥିବା ସ୍ପଷ୍ଟ ହୋଇଛି। ଅବଶ୍ୟ ଚିଠା ସଂରକ୍ଷଣ ତାଲିକା ଉପରେ ସରକାର ଆପତ୍ତି, ଅଭିଯୋଗ ମଗାଇଛନ୍ତି। ତାହା ପରେ ଚୂଡ଼ାନ୍ତ ତାଲିକା ଜଣାପଡ଼ିବ। କିନ୍ତୁ ଛୋଟ ଛୋଟ ସଂଶୋଧନକୁ ବାଦ୍ ଦେଲେ ଚୂଡ଼ାନ୍ତ ତାଲିକାରେ ସେପରି କିଛି ବଡ଼ ଧରଣର ପରିବର୍ତ୍ତନ ହେବାର ସମ୍ଭାବନା କମ୍। ଏସ୍‌ସି ଓ ଏସ୍‌ଟି ବର୍ଗଙ୍କ ପାଇଁ ସଂରକ୍ଷିତ ଆସନ ଆପାତତଃ ସମାନ ରହିଛି। ଜିଲ୍ଲା ପରିଷଦ ସଦସ୍ୟ ଆସନରେ ୨୦୧୭ ନିର୍ବାଚନରେ ଏସ୍‌ସିଙ୍କ ପାଇଁ ୧୪୯ ଓ ଏସ୍ଟିଙ୍କ ପାଇଁ ୨୨୮ ଆସନ ସଂରକ୍ଷିତ ଥିଲା। ଏଥର ଏହି ସଂଖ୍ୟା ଯଥାକ୍ରମେ ୧୪୨ ଓ ୨୨୨ ହୋଇଛି। ସେହିପରି ବ୍ଲକ୍ ଅଧକ୍ଷ କ୍ଷେତ୍ରରେ ଗତ ନିର୍ବାଚନରେ ଏସ୍ସିଙ୍କ ପାଇଁ ୪୨ ଓ ଏସ୍ଟିଙ୍କ ପାଇଁ ୧୩୦ ଆସନ ସଂରକ୍ଷିତ ଥିଲା। ଏଥର ଏହି ସଂଖ୍ୟା ଯଥାକ୍ରମେ ୪୨ ଓ ୧୩୦ ରହିଛି। ସଂରକ୍ଷଣ କୋଟା କମିଲେ ପଛୁଆ ବର୍ଗଙ୍କ ଭିତରେ ଅସନ୍ତୋଷ ସୃଷ୍ଟି ହେବାର ଆଶଙ୍କା ଥିବାରୁ ସଂଶୋଧିତ ଆଇନରେ ଚତୁରତାର ସହ ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷିତ ଆସନର ପରିମାଣ ଲେଖାଯାଇ ନ ଥିଲା। ତେବେ ପଛୁଆ ବର୍ଗ କୋଟା କମିବା ଏକ ପ୍ରକାର ସ୍ପଷ୍ଟ ଥିଲା। ମୋଟ୍ ଉପରେ ପଞ୍ଚାୟତ ଆଇନ ଅନୁଯାୟୀ ସବୁ ପ୍ରକାର ଆସନରେ ୫୦% ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ରାଜ୍ୟରେ ସାତଟି ଜିଲ୍ଲା ସମ୍ପୂର୍ଣ୍ଣ ଭାବେ ଅନୁସୂଚିତ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ସେଗୁଡ଼ିକ ହେଲା ମୟୂରଭଞ୍ଜ, ସୁନ୍ଦରଗଡ଼, କୋରାପୁଟ, ମାଲକାନଗିରି, ରାୟଗଡ଼ା, ନବରଙ୍ଗପୁର ଓ କନ୍ଧମାଳ। ସେଠାରେ ଅନୁସୂଚିତ ଜନଜାତିଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ଅଧିକ ରହିଛି। ଏହା ବାଦ୍ ଦେବଗଡ଼, କେନ୍ଦୁଝର, ଗଜପତି, କଳାହାଣ୍ଡି, ବାଲେଶ୍ୱର, ସମ୍ବଲପୁର ଓ ଗଞ୍ଜାମ ଜିଲ୍ଲାର କିଛି ଅଂଶକୁ ଅନୁସୂଚିତ ଅଞ୍ଚଳ ଭାବେ ଘୋଷଣା କରାଯାଇଛି।

### ପିଲାଙ୍କୁ ଟାଣୁଛି ...

ସରକାର ପ୍ରତି ସରକାରୀ ବିଦ୍ୟାଳୟରେ ସିବିଏସ୍‌ଇ ଢାଞ୍ଚାରେ 'ଆମ୍ମାବାଡ଼ି ଶିକ୍ଷାଦାନ' ଯୋଜନା ହାତକୁ ନେଇଛନ୍ତି। ନିକଟରେ ମୁଖ୍ୟମନ୍ତ୍ରୀ ୱାଇ.ଏସ୍ ଜଗନମୋହନ ରେଡ୍ଡୀ 'ଆମ୍ମାବାଡ଼ି ଯୋଜନା' କାର୍ଯ୍ୟକାରୀ ନେଇ ଘୋଷଣା କରିଛନ୍ତି। ଯାହାର ରୂପରେଖ ଅନୁସାରେ, ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସରକାରୀ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ପରିବାରକୁ ମାଗଣା ଶିକ୍ଷା ଓ ହଷ୍ଟେଲ୍ ସୁବିଧା ସହିତ ପ୍ରତି ପିଲାଙ୍କୁ ବାର୍ଷିକ ୧୫ ହଜାର ଟଙ୍କା ଷ୍ଟାଇପେଣ୍ଡ୍ ବ୍ୟବସ୍ଥା ରହିଛି। ଏଥିସହ ସ୍କୁଲ ପୋଷାକ, ସ୍କୁଲ୍ ବ୍ୟାଗ, ଜୋତା ଏବଂ ପାଠ୍ୟ ପୁସ୍ତକ ସବୁ ମାଗଣାରେ ପିଲାମାନଙ୍କୁ ଯୋଗାଇ ଦିଆଯିବ। ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟକୁ ମିଶାଇ ଆନ୍ଧ୍ର ସରକାରଙ୍କ ଏହି ଯୋଜନା ଆନ୍ଧ୍ର-ଓଡ଼ିଶା ସୀମାନ୍ତରେ ଥିବା ବିଭିନ୍ନ ଗ୍ରାମ ଓ ସହରରେ ଓଡ଼ିଆ ସ୍କୁଲରେ ପଢୁଥିବା ଅଭିଭାବକଙ୍କ ଉପରେ ବିଶେଷ ପ୍ରଭାବ ପକାଇଛି। ସେମାନଙ୍କ ପିଲାଙ୍କୁ ଆନ୍ଧ୍ର ସ୍କୁଲରେ ନାମ ଲେଖାଇବା ପ୍ରକ୍ରିୟା ଆରମ୍ଭ କରି ଦେଇଛନ୍ତି। ସୂଚନାଥାଉ କି, ଆନ୍ଧ୍ରର ପୁରୁଣାପାଟଣା ଏବଂ ଚାପରାରେ ପାରଳାଖେମୁଣ୍ଡି ସହରରୁ ଯାଇ ଅନେକ ଛାତ୍ରଛାତ୍ରୀ ତେଲୁଗୁ ବିଦ୍ୟାଳୟରେ ନାମ ଲେଖାଇଲେଣି। ଫଳରେ 'ଆମ୍ମାବାଡ଼ି ଯୋଜନା' ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ପାଇଁ ଏକ ସତର୍କ ଘଣ୍ଟି ହେବ ବୋଲି ଆଶଙ୍କା କରାଯାଉଛି। ବିଶେଷକରି ଅବିଭକ୍ତ ଗଞ୍ଜାମ ଓ କୋରାପୁଟ ଜିଲ୍ଲାର ଓଡ଼ିଆ ସ୍କୁଲ ଶିକ୍ଷାଦାନ ବ୍ୟବସ୍ଥାକୁ ଏହା ପ୍ରଭାବିତ କରିପାରେ ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି। ଓଡ଼ିଶା ସରକାର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷାଦାନ କ୍ଷେତ୍ରରେ ଅନେକ ସଂସ୍କାରମୂଳକ ପଦକ୍ଷେପ ହାତକୁ ନେଇଛନ୍ତି, ସ୍ମାର୍ଟ ସ୍କୁଲ୍ ଓ ସ୍ମାର୍ଟକ୍ଲାସ୍ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହାସହ ସିବିଏସ୍‌ଇ ଢାଞ୍ଚାରେ ଗ୍ରାମାଞ୍ଚଳ ପିଲାଙ୍କ ପାଇଁ ଆଦର୍ଶ ବିଦ୍ୟାଳୟ ଖୋଲା ଯାଇଥିବା ସହ ସରକାରୀ ବିଦ୍ୟାଳୟରେ ପିଲାଙ୍କୁ ମାଗଣା ପୋଷାକ ଓ ଜୋତା ଆଦି ବଣ୍ଟନ କରାଯାଉଛି। କିନ୍ତୁ ଆନ୍ଧ୍ର ସୀମାନ୍ତରେ ଓଡ଼ିଆ ସ୍କୁଲରେ ପଢୁଥିବା ତେଲୁଗୁ ଭାଷାଭାଷୀ ପିଲାମାନେ ଶିକ୍ଷାଦାନ କ୍ଷେତ୍ରରେ ଅନେକ ସମସ୍ୟାରେ ପଡୁଥିବାର ନଜିର ରହିଛି। ତାହା ପାଠ୍ୟପୁସ୍ତକର ଅଭାବ ହେଉ ବା ବିଦ୍ୟାଳୟରେ ଶିକ୍ଷକ ସଂକଟ। ଏଭଳି ଘଡ଼ିସନ୍ଧି ସମୟରେ ଆନ୍ଧ୍ର ସରକାରଙ୍କ 'ଆମ୍ମାବାଡ଼ି ଯୋଜନା' ଏବଂ ଏଥିରେ ବାର୍ଷିକ ୧୫ ହଜାର ଟଙ୍କା ଷ୍ଟାଇପେଣ୍ଡ୍ ସୁବିଧା ସୀମାନ୍ତ ତେଲୁଗୁ ଭାଷାଭାଷୀ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ ସବୁଠାରୁ ବେଶି ଆକର୍ଷିତ କରିଛି। ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବାପାଇଁ ଛାତ୍ରଛାତ୍ରୀଙ୍କ ବିଦ୍ୟାଳୟରେ ୭୫% ଉପସ୍ଥାପନ ବାଧ୍ୟତାମୂଳକ। ଷ୍ଟାଇପେଣ୍ଡ୍ ସହ ମାଗଣାରେ ପିଲାଙ୍କୁ ସବୁ ସୁବିଧା ମିଳିବ। ଫଳରେ ଏହି ଯୋଜନା ପ୍ରତି ଏବେଠାରୁ ଆନ୍ଧ୍ର ସୀମାନ୍ତରେ ରହୁଥିବା ଗଜପତି ଜିଲ୍ଲାର ତେଲୁଗୁ ପରିବାରଙ୍କୁ ପ୍ରଲୋଭିତ କରିସାରିଛି।

### ୭୬ ବର୍ଷରେ ...

ସାମିଲ ହେଲେ ତାହା ତାଙ୍କ ପାଇଁ ଶୁଭେଚ୍ଛା ହେବ ବୋଲି ନବୀନ କହିଛନ୍ତି। ପୂର୍ବରୁ ନବୀନଙ୍କ ଜନ୍ମଦିନକୁ ବିଜେଡି କର୍ମୀ ମାନେ ବେଶ ଧୂମଧାମରେ ପାଳନ କରୁଥିଲେ। ନବୀନ ନିବାସରେ ହଜାର ହଜାର ସମର୍ଥକଙ୍କ ଭିଡ ଜମୁଥିଲା। କିନ୍ତୁ ଗତ କିଛି ବର୍ଷ ହେବ ଜନ୍ମଦିନ ପାଳନରୁ ଦୂରେଇ ରହିଛନ୍ତି ନବୀନ। କେତେବେଳେ ସହିଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଉଦ୍ଦେଶ୍ୟରେ ତ ପୁଣି କେବେ କରୋନା ମହାମାରୀ ପାଇଁ ଜନ୍ମଦିନ ପାଳୁନାହାନ୍ତି ନବୀନ। ଚଳିତବର୍ଷ ମଧ୍ୟ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଜନ୍ମଦିନ ନ ପାଳିବାକୁ ନିଷ୍ପତ୍ତି ନେଇଥିଲେ ନବୀନ।

# ଭଗବତୀ ପୂଜା ଓ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଦର୍ଶନରେ ଶାରଦୀୟ ପୂଜା



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଇଂରାଜୀ ୧୯୪୮ ମସିହା ପାଖରୁ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରତିବର୍ଷ ବିଜୟା ଉପଲକ୍ଷେ ଆଶୀର୍ବାଣୀ ଦେଉଥିଲେ। ଏହି ଆଶୀର୍ବାଣୀ ମାଧ୍ୟମରେ ଶାରଦୀୟ ପୂଜାର ରହସ୍ୟ ଓ ଜଗନ୍ମାତାଙ୍କର ପ୍ରକୃତ ସ୍ୱରୂପ ସମ୍ବନ୍ଧରେ ବହୁ ତଥ୍ୟ ବ୍ୟକ୍ତ କରିଛନ୍ତି ଯୁଗପୁରୁଷ ଠାକୁର ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ର। ମହାମାୟା ସମ୍ବନ୍ଧରେ ଜ୍ଞାନ-ତାପସ-ପ୍ରବୀଣ ଭକ୍ତବୃନ୍ଦ ବିଭିନ୍ନ ଆଲୋଚନା କରୁ କରୁ ଦେଖାଯାଉଥିଲା ଶ୍ରୀ ଶ୍ରୀ ଠାକୁର ନୀରବ, ଧ୍ୟାନ ଗମ୍ଭୀର ଓ ଉର୍ଦ୍ଧ୍ୱନିମିଳୀତ ନୟନରେ ସମାଧିସ୍ଥ ହୋଇଯାଉଥିଲେ। ଅର୍ଥାତ୍ ସେତେବେଳେ ହିଁ ମହାମାୟା ସମ୍ପୃକ୍ତ ଭାବରାଶି ପ୍ରଭୁଙ୍କର ଚିଦ୍ ଜଗତରେ ତରଙ୍ଗ ସଂଚାରିତ କରି ଶ୍ରୀମୁଖରୁ ଝରଣାର ସ୍ରୋତ ଭଳି ନିର୍ଗତ ହେଉଥିଲା ଅପୂର୍ବ କମନୀୟ ଭାବ, ଭାଷା, ଛନ୍ଦ ଓ ତାଳର ଅନୁସରଣ ନେଇ।

ଶ୍ରୀ ଶ୍ରୀ ଠାକୁର ମା'ଦୁର୍ଗାଙ୍କୁ କେବେହେଲେ ମାଟିର ପ୍ରତିମା ହିସାବରେ ଦେଖୁନାହାଁନ୍ତି। ପ୍ରତିମାରେ ଯାହାଙ୍କୁ ପୂଜା ହେଉଛି ସେ ହେଉଛନ୍ତି ପ୍ରତି ଘରେ ଘରେ ଦେହଧାରୀ ମା'। ନିଜ ମା'ଙ୍କ ଉପରେ ଭକ୍ତି ଓ ଭଲ ପାଇବା ଯେତେ ଜୀବନ୍ତ, ଦୁର୍ଗାପୂଜାର ସାର୍ଥକତା ତାଙ୍କ ପାଖରେ ସେତେ ବେଶୀ। ଶ୍ରୀ ଶ୍ରୀ ଠାକୁର କହିଛନ୍ତି - ଭଗବତୀ ପୂଜା କରିବା ଅର୍ଥ ନିଜ ମା'ଙ୍କୁ ହିଁ ଉପାସନା କରିବା। ମା' କେବଳ ପୂଜାର ବେଦୀରେ ଦଶଭୁଜା ପ୍ରତିମା ନୁହଁନ୍ତି, ଘରେ ଘରେ ଜୀବନ୍ତ ଦ୍ୱିଭୁଜା ଜନନୀ। ଘରର ମା' ଓ ଜଗତର ମା'ଙ୍କର ଏକ ରୂପ। ଦଶଭୁଜା ଅର୍ଥ ହେଉଛି ଦୁଇ ହାତରେ ମା' ଦଶହାତର କାମ କରନ୍ତି। ମା'ଙ୍କର ଦଶହାତରେ ତ୍ରିଶୂଳ, ପାଶ, ପରଶୁ ଓ ଧନୁର୍ବାଣ ଇତ୍ୟାଦି ଦଶ ପ୍ରକାର ଅସ୍ତ୍ର ରହିଛି। ତେଣୁ ମା'ହେଉଛନ୍ତି ଦଶପ୍ରହର ଧାରିଣୀ। ଶ୍ରୀ ଶ୍ରୀ ଠାକୁର କହିଲେ - ଏହି ଅସ୍ତ୍ର ହେଉଛି ମାତୃ ଐଶ୍ୱର୍ଯ୍ୟର ବିଭିନ୍ନ ଶକ୍ତି ଯାହାଦ୍ୱାରା ମା' ଅସତ୍ ବା ଅସୁରଶକ୍ତିକୁ ପରାଭୂତ ଓ ପ୍ରତିହତ କରନ୍ତି ସ୍ୱୀୟ ସନ୍ତାନକୁ ରକ୍ଷା କରିବା ପାଇଁ। ଶ୍ରୀ ଶ୍ରୀ ଠାକୁର କହିଲେ - ମା'ଦୁର୍ଗତି ନାଶିନୀ ହୋଇ ଦଶପ୍ରହରଣ ଧାରଣ କରି ସନ୍ତାନ ସଂରକ୍ଷଣରେ ନିୟୋଜିତା। ଚଣ୍ଡ, ମୁଣ୍ଡ, ଶୁମ୍ଭ, ନିଶୁମ୍ଭ ଓ



ମହିଷାସୁର ପ୍ରଭୃତି ଅସୁରଦଳକୁ ଦମନ କରିଛନ୍ତି ମା'ଦୁର୍ଗା। ଏହି ଅସୁରମାନେ କିଏ? ଭଗବତ୍ ଗୀତାର ଷୋଡଶ ଅଧ୍ୟାୟରେ ଭଗବାନ କୃଷ୍ଣ ଅସୁର ବ୍ୟକ୍ତିଙ୍କର ଚରିତ୍ର ବର୍ଣ୍ଣନା କରିବାକୁ ଯାଇ କହିଛନ୍ତି - ସେମାନଙ୍କ ପାଖରେ ଥାଏ ଦମ୍ଭ, ଦର୍ପ, ଅଭିମାନ, କ୍ରୋଧ, ନିଷ୍ଠୁରତା, ଅଜ୍ଞାନତା ଓ ଶୁଚିତା ଏବଂ ସତ୍ୟନିଷ୍ଠାର ଅଭାବ। ସେମାନେ ବର୍ତ୍ତମାନର ସୁଖଭୋଗ ନେଇ ବ୍ୟସ୍ତ ରହନ୍ତି। ଅର୍ଥ ସଞ୍ଚୟ କରି କାମନା, ବାସନାର ଅଗ୍ନିରେ ସଦା ଜର୍ଜରିତ ହୁଅନ୍ତି। ସେମାନେ ବିଭ୍ରାନ୍ତ ଚିତ୍ତ, ମୋହାଚ୍ଛନ୍ନ ଓ ଐଶ୍ୱୀ ପୁରୁଷରେ ବିଦ୍ୱେଷ ପରାୟଣ। ଏହି ପ୍ରକାର ଅସୁର ଭାବସମ୍ପନ୍ନ ମନୁଷ୍ୟ ସମାଜକୁ ମା'ନିୟନ୍ତ୍ରିତ କରନ୍ତି। ସତ୍ତା ବିରୋଧି ଚଳନ ଗତିକୁ ନିରୁଦ୍ଧ କରନ୍ତି। ସେଥିପାଇଁ ମା'ଙ୍କୁ ଅସତ୍‌ଦଳନୀ ଓ ଅସୁର ନାଶିନୀ କୁହାଯାଏ। ମହିଷାସୁର ବଧ କରିଥିଲେ ବୋଲି ମା'ଙ୍କର ଅନ୍ୟ ଏକ ନାମ ମହିଷମର୍ଦ୍ଦିନୀ। ସେଥିପାଇଁ ମା' ହେଉଛନ୍ତି ଅଭୟା। ଶ୍ରୀ ଶ୍ରୀ ଠାକୁର ବିଜୟା ଉପଲକ୍ଷେ ପ୍ରଦତ୍ତ ବାଣୀରେ କହିଛନ୍ତି - ଏହି ମା'ମୋର ଐଶ୍ୱର୍ଯ୍ୟଶାଳିନୀ, ଦଶପ୍ରହରଣୀ ଯାହାଙ୍କ ପାଖରେ ଅଚ୍ୟୁତ ଆନତି ହିଁ ମୋର ଦୁର୍ଗ, ସେହି ଆନତି ଭିତର ଦେଇ ଯେତେବେଳେ ମା'ଙ୍କ ଚରଣରେ ମୁଁ ଆନତ ହୁଏ ସ୍ୱତଃସମ୍ବିତ ଓ ସକ୍ରିୟତାରେ ସେତେବେଳେ ମା'ମୋର ଦୁର୍ଗତିନାଶିନୀ ଦୁର୍ଗ। ମା'ସିଂହବାହିନୀ। ମହାପରାକ୍ରମୀ ପଶୁରାଜର ପୃଷ୍ଠରେ ମା'ଙ୍କର ଚରଣ ନ୍ୟସ୍ତ, ତାର ଅର୍ଥ ପଶୁଭାବର ଉପରେ ମାତୃଭାବର ପ୍ରତିଷ୍ଠା। ଦୁର୍ଗାପୂଜା ଶରତ ଋତୁରେ ପାଳିତ ହୁଏ ବୋଲି ମା'ଦୁର୍ଗାଙ୍କର ଅନ୍ୟ ଏକ ନାମ ଶାରଦା।

କିନ୍ତୁ ଶ୍ରୀ ଶ୍ରୀ ଠାକୁର କହିଲେ - ଶାରଦା ବା ଶରତ ଆସିଛି ଶୃ ଧାତୁ ଠାରୁ - ଅର୍ଥ ବଧ ଓ ହିଂସା। ହିଂସାତ୍ମକ ଯାହା କିଛିକୁ ନିହତ କରି ମା'ରକ୍ଷାକୁ ସମ୍ବୃଦ୍ଧକରି ତୋଳନ୍ତି। ସେ ଅସତ୍ ନିରୋଧି ପ୍ରଚଣ୍ଡା। ମା'ଦୁର୍ଗାଙ୍କ ଧ୍ୟାନମନ୍ତ୍ରରେ ମଧ୍ୟ ଅଛି ତାଙ୍କର ଅଷ୍ଟଶକ୍ତିର କଥା - ଉଗ୍ରଚଣ୍ଡା, ପ୍ରଚଣ୍ଡା, ଚଣ୍ଡୋଗ୍ରା, ଚଣ୍ଡନାୟିକା, ଚଣ୍ଡା, ଚଣ୍ଡବତୀ, ଚଣ୍ଡରୂପା ଓ ଅତି ଚଣ୍ଡିକା। ମା'ହେଉଛନ୍ତି ଶିବଙ୍କ ଘରଣୀ - ଶିବାନୀ ଅର୍ଥାତ୍ ମଙ୍ଗଳବିଧାୟିନୀ। ମା'ସବୁ ସନ୍ତାନଙ୍କର ମଙ୍ଗଳ କାମନା କରନ୍ତି। ସମସ୍ତଙ୍କୁ କୋଳରେ ଧରନ୍ତି। ତେଣୁ ତାଙ୍କର ଅନ୍ୟ ନାମ ଜଗଦ୍ଧାତ୍ରୀ। ସେ ବିକ୍ଷୁବ୍ଧତା ଓ ବିଚ୍ଛିନ୍ନତାକୁ ସୁସଂଶ୍ଳିଷ୍ଟ କରିଉଠାନ୍ତି। ତେଣୁ ଦୁର୍ଗାପୂଜା କେବଳ ମାତ୍ର ପୁଷ୍ପବିଲ୍ୱପତ୍ରର ପୂଜା ନୁହେଁ, ଏହା ମାନବତାର ଏକ ବିରାଟ ମିଳନ ଉତ୍ସବ। ଶ୍ରୀ ଶ୍ରୀ ଠାକୁର କହିଲେ - ମା' ଆସିଛନ୍ତି, ପୁତୁଳା ପରି ତାଙ୍କୁ ପୂଜା କଲେ ଆମ୍ଭମାନଙ୍କ ପ୍ରାଣରେ ତାଙ୍କର ପ୍ରତିଷ୍ଠା ହେବନାହିଁ। ସେ ପୂଜା ସମ୍ବର୍ଦ୍ଧନା ଓ ଚାରିତ୍ରିକ ଦ୍ୟୁତି ଆଣିପାରିବ ନାହିଁ। ପୂଜା ସମୟରେ ପ୍ରତିମାରେ ଚକ୍ଷୁଦାନ ଓ ପ୍ରାଣପ୍ରତିଷ୍ଠା କରାହୁଏ। ଶ୍ରୀ ଶ୍ରୀ ଠାକୁର କହିଲେ - ପ୍ରକୃତ ଚକ୍ଷୁଦାନ ହେଉଛି - ମୋର ଚକ୍ଷୁ ତାଙ୍କର ଚକ୍ଷୁରେ ଦାନ କରିବା। ମୋର ଚକ୍ଷୁ ଯେପରି ତାଙ୍କର ଚକ୍ଷୁ ହୋଇଉଠେ। ମା'ବ୍ୟକ୍ତି, ବିଷୟ ଓ ବ୍ୟାପାରକୁ ଯେଭଳି ଭାବରେ ଦେଖିବା ପସନ୍ଦ କରନ୍ତି ଆମ୍ଭେମାନେ ଯେଭଳି ସେହିଭାବରେ ଦେଖିବାରେ ଅଭ୍ୟସ୍ତ ହେବୁ। ଆଉ ପ୍ରାଣ ପ୍ରତିଷ୍ଠା ହେଉଛି ଦେବତାଙ୍କର ଦିବ୍ୟଗୁଣରାଜି ଅନୁଶୀଳନ ଭିତରେ ନିଜ ନିଜ ଚରିତ୍ରରେ ଫୁଟାଇ ଉଠାଇବା। ଗୁରୁପୁରୁଷୋତ୍ତମ ଯେତେବେଳେ ଆର୍ବିଭୂତ ହୁଅନ୍ତି ସେତେବେଳେ ସେ ଦେବତାଙ୍କୁ ଏହି ଭାବରେ ଜୀବନ୍ତ କରି ଉଠାଇବାକୁ ଶିକ୍ଷା ଦିଅନ୍ତି। ଦୁନିଆର ସବୁକିଛି ଓ ସମସ୍ତଙ୍କୁ ନେଇ ମା'ହେଉଛନ୍ତି ମହାମାୟା, ବିଶ୍ୱପ୍ରସବିନୀ ଓ ବିଶ୍ୱ ପରିବ୍ୟାପ୍ତା। ତାଙ୍କର ସ୍ତୁତିରେ ତାଙ୍କୁ କ୍ଷମାରୂପେ, ନିଦ୍ରା ରୂପେ, କ୍ଷୁଧାରୂପେ, ତୃଷ୍ଣାରୂପେ, ଶକ୍ତିରୂପେ, ଲଜ୍ଜାରୂପେ, ଶାନ୍ତିରୂପେ ଓ ଶ୍ରଦ୍ଧାରୂପେ ପୂଜା କରାଯାଏ। ପରମା ପ୍ରକୃତି ସେ। ପ୍ରକୃଷ୍ଟ ଭାବେ ଯାହା କରା ହୋଇଅଛି ତାହା ହିଁ ପ୍ରକୃତି। ମା'ଦୁର୍ଗା ଅନେକ ନାମରେ ପରିଚିତା। ତାଙ୍କର ପ୍ରତି ଗୁଣ ଓ ବୈଶିଷ୍ଟ୍ୟର ଏକ ଏକ ନାମ ହୋଇଛି। ଯଥା ନାରାୟଣୀ, ଭଦ୍ରକାଳୀ, ହୈମବତୀ, ଈଶ୍ୱରୀ, ବୈଷ୍ଣବୀ ଓ ମାହେଶ୍ୱରୀ ପ୍ରଭୃତି। ତାଙ୍କର ବୀଜମନ୍ତ୍ର ହ୍ରିଂ, ମାନେ ଲଜ୍ଜା। ସେ ଭଗବତୀ ଦୁର୍ଗା। ଭଗ ଅର୍ଥ ଐଶ୍ୱର୍ଯ୍ୟ। ଐଶ୍ୱର୍ଯ୍ୟ, ବୀର୍ଯ୍ୟ, ଯଶ, ଶ୍ରୀ, ଜ୍ଞାନ ଓ ବୈରାଗ୍ୟର ଏହି ଛଅଟି ଐଶ୍ୱର୍ଯ୍ୟର ନାମ ଭଗ। ଏହା ପୂର୍ଣ୍ଣମାତ୍ରାରେ ବିରାଜିତ ମା'ଭଗବତୀଙ୍କ ପାଖରେ। ମହାମାୟା ମାନେ ମହାପରିମାପନକର୍ତ୍ତୀ। ବିଶ୍ୱର ପ୍ରତିଟି ବସ୍ତୁକୁ ସେ ପରିମାପିତ କରି ସୃଷ୍ଟି କରିଛନ୍ତି। ପୁରୁଷୋତ୍ତମ ଶ୍ରୀକୃଷ୍ଣ ଭଗବତ୍ ଗୀତାରେ ଉଲ୍ଲେଖ କଲେ - ଏହି ଯେଉଁ ମାୟା ଦେଖୁଛ, ମାୟାର ଯେଉଁ ଖେଳା ଦେଖୁଛ, ଏହି ମାୟାର ଅଧୀଶ କିନ୍ତୁ ମୁଁ। କୃଷ୍ଣ (ଈଶ୍ୱର) ସ୍ୱୀୟ ମାୟା ଶକ୍ତି ଦ୍ୱାରା ଜଗତ ପରିମାପିତ କରନ୍ତି। ମାୟା ମଧ୍ୟ ପ୍ରକୃତି। ଏହି ପ୍ରକୃତି ହେଉଛନ୍ତି ମା'ଦୁର୍ଗା। ଅନେକ ସ୍ଥାନରେ ଦୁର୍ଗାପୂଜାରେ ବଳିଦାନ କରାହୁଏ। ଶ୍ରୀ ଶ୍ରୀ ଠାକୁର ଏହି ବଳିଦାନକୁ ନିଷେଧ କରିଛନ୍ତି। ଶ୍ରୀ ଶ୍ରୀ ଠାକୁର କହିଲେ - ବଳି ଅର୍ଥ ଉର୍ତ୍ସଗ। ମା'ଙ୍କର ଚରଣରେ କାମନା - ବାସନା, କ୍ରୋଧ-ଲାଳସା ପ୍ରଭୃତି ବୃତ୍ତିଗୁଡ଼ିକୁ ଉତ୍ସର୍ଗ କରିବା ହିଁ ପ୍ରକୃତ ବଳିର ଅର୍ଥ। ବଳି ଶବ୍ଦ ଆସିଛି ବଲ୍ ଧାତୁ ଠାରୁ, ମାନେ ବର୍ଦ୍ଧନ। ମା'ଙ୍କର ପୂଜାରେ ଯେଉଁ ବଳି ହୁଏ ତା'ର ମାନେ ବର୍ଦ୍ଧନ, ବଳୀୟାନ ହୋଇ ଉଠିବା, ସମ୍ବର୍ଦ୍ଧିତ ହେବା, ସମସ୍ତ ରିପୁ ଗୁଡ଼ିକୁ ବିଶ୍ୱମାତାଙ୍କର ସେବାରେ ଉତ୍ସର୍ଗ କରି ବର୍ଦ୍ଧନ ପଥରେ ଆଗେଇବା ହେଉଛି ବଳିଦାନର ପ୍ରକୃତ ରହସ୍ୟ। ଦୁର୍ଗାପୂଜା ଚତୁର୍ଥ ଦିବସରେ ଦଶମୀରେ ଦୁର୍ଗା ପ୍ରତିମାଙ୍କର ବିସର୍ଜନ ହୁଏ। ମା'ଙ୍କୁ କ'ଣ ପାଣିରେ ବା ନଦୀରେ ଭସାଇ ଦେବାକି ବିସର୍ଜନ? ଶ୍ରୀ ଶ୍ରୀ ଠାକୁର କହିଲେ - ବିସର୍ଜନ ଶବ୍ଦଟି ବି ଓ ସୃଜ୍ ଧାତୁରୁ ଉତ୍ପନ୍ନ, ଅର୍ଥ ବିଶେଷ ପ୍ରକାରେ ସୃଷ୍ଟି କରିବା। ଯେଉଁ ମାତୃପୂଜା ଆମ୍ଭେମାନେ କଲୁ, ସେହି ମା'ଙ୍କର ସର୍ବମଙ୍ଗଳ କାରିଣୀ ସ୍ନେହ ସୁନ୍ଦର ଭାବ ଓ ଚରିତ୍ରକୁ ନିଜ ଅନ୍ତରରେ ବିଶେଷ ଭାବରେ ସୃଷ୍ଟି ଅର୍ଥାତ୍ ଦୃଢ଼ ନିବଦ୍ଧ କରି ଉଠାଇବା ହିଁ ପ୍ରକୃତ ବିସର୍ଜନ। ଆମ୍ଭେମାନେ ଯେଭଳି ଦିବ୍ୟ ଭାବରେ ଭାବିତ ହୋଇଉଠି ଓ ମା'ଙ୍କର ସେବାରେ ଆମ୍ଭମାନଙ୍କର ବୃତ୍ତିଗୁଡ଼ିକୁ ନିୟୋଜିତ କରୁ - ସେତେବେଳେ ହୁଏ ବିସର୍ଜନର ସାର୍ଥକତା। ପ୍ରତିମାକୁ ଆଉ ବେଶୀ ଦିନ ରଖିହୁଏ ନାହିଁ। ତେଣୁ ନଦୀରେ ନିରଞ୍ଜନ ହେବାର ବ୍ୟବସ୍ଥା କରାଯାଏ। ଶ୍ରୀ ଶ୍ରୀ ଠାକୁର କହିଲେ - ଭାବ ନାହିଁ, ମା'ଙ୍କୁ ବିଜୟା ଦଶମୀରେ ବିସର୍ଜନ ଦେଇଛ, ବରଂ ଭାବ, ଏହି ଦଶଭୁଜା, ଦଶପ୍ରହରଣ ଧାରିଣୀ, ଅସୁରଦଳନୀ ମା' ତୁମ ଠାରେ ଉତ୍ସୃଜିତ ହୋଇ ଜୀବନ୍ତ ଦୀପ୍ତିରେ ତୁମ ଜୀବନରେ ଜୀବନ୍ତ ହୋଇଉଠିଛନ୍ତି। ବିଜୟା ମା'ଙ୍କର ବିଳୟ ନୁହେଁ, ବିସର୍ଜନମାନେ ହେଉଛି ବିଶେଷ ବିସୃଷ୍ଟି।





*ସହ-ପ୍ରତିରତ୍ୱିକ ଓ ବିଭାଗୀୟ ମୁଖ୍ୟ,*
*ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ*
*ଦୂରଭାଷ : ୯୪୩୭୦୫୧୯୫୭*

## ଧୂମାବତୀ ବେଶରେ ମା' ସୁରେଶ୍ୱରୀ

ମାଁ ସୁରେଶ୍ୱରୀ ଧୂମାବତୀ ବେଶରେ ଦର୍ଶନ ଦେଉଛନ୍ତି। ଧୂମାବତୀ ବେଶ ହେଉଛି ଏକ ବିଧବା ବେଶ। ମାଆ କାହିଁକି ଏହି ରୂପରେ ଅବତୀର୍ଣ୍ଣ ହୋଇଥିଲେ। ଏହାକୁ ନେଇ ଏକ ସୁନ୍ଦର ପୌରାଣିକ କାହାଣୀ ରହିଅଛି। ଏକଦା ମାତା ପାର୍ବତୀ ଓ ଭୋଳାଶଙ୍କର କୈଳାସ ପର୍ବତରେ ବିଚରଣ କରୁ କରୁ ବହୁ ସମୟ ହୋଇଯାଇଥିଲା। ମାତା ପାର୍ବତୀ ଭୋକିଲା ହୋଇଯାଇଥିଲେ। ଏହି ସମୟରେ କିଛି ଖାଦ୍ୟ ଯୋଗାଡ଼ କରିଦେବା ସକାଶେ ଭୋଳାଶଙ୍କରଙ୍କୁ ଅନୁରୋଧ କରିଥିବା ଜଣାଯାଏ। ଉକ୍ତ ସ୍ଥାନରେ ଖାଦ୍ୟ ଯୋଗାଡ଼ ହୋଇପାରିବ ନାହିଁ।ଆଉ କିଛି ସମୟ ଅପେକ୍ଷା କରିବାକୁ କହିଥିଲେ। ମାତା ପାର୍ବତୀ କହିଲେ ଆଉ ମୋ ସକାଶେ ଭୋକିଲା ରହିବା ସମ୍ଭବ ହେଉନାହିଁ। ଏବେ ମୁଁ ଆପଣଙ୍କୁ ଖାଇବି।ଏହା କହି ମାତା ଭୋଳାନାଥଙ୍କୁ ସମ୍ପୂର୍ଣ୍ଣ ଭାବରେ ଗିଳି ପକାଇଥିବା କିମ୍ବଦନ୍ତୀ ରହିଅଛି। ତାପରେ ଭୋଳାନାଥଙ୍କ ବହୁତ କାକୁତି ମିନତି ପରେ ମାତା ତାଙ୍କୁ ପୁନଶ୍ଚ ଓଗାଳି ପକାଇଥିଲେ। ଏଥିସକାଶେ ଭୋଳାନାଥ ଅଭିଶାପ ଦେଇଥିଲେ ତମେ ଏବେଠାରୁ ବିଧବା ବେଶରେ ପୂଜିତ ହେବା ପାଇଁ। ସୁତରାଂ ମାତା ପାର୍ବତୀ ସେହିଦିନଠାରୁ ଏହି ବିଧବା ବେଶରେ ପୂଜିତ ହେଉଥିବା ଜଣାଯାଏ।

*ସିତାଂଶୁ ଶେଖର ମିଶ୍ର*
ସୋନପୁର
ଦୂରଭାଷ : ୮୧୪୪୮୭୦୭୨୯




## ମିଳୁନି ପ୍ରୋତ୍ସାହନ, ଚିନ୍ତାରେ ଝୋଟ ଚାଷୀ

**ଜଳେଶ୍ୱର :** ନଳିତା ଚାଷ ହେଉଛି ଗୋଟିଏ ଲାଭଦାୟକ ଫସଲ। ନଳିତାରୁ ଝୋଟ ଉତ୍ପାଦନ ହୋଇଥାଏ। ଝୋଟରେ ପ୍ରସ୍ତୁତ ହେଉଥିବା କାର୍ପେଟ, ଅଖା ବ୍ୟାଗ, ରଶି ଓ ବିଭିନ୍ନ ପ୍ରକାର ଘରୋଇ ଉପକରଣର ଚାହିଦା ଓଡ଼ିଶା ଏବଂ ବାହାର ରାଜ୍ୟରେ ରହିଛି। ମାତ୍ର ସରକାରୀ ପ୍ରୋତ୍ସାହନ ଓ ଝୋଟର ଉଚିତ୍ ବଜାର ମୂଲ୍ୟ ମିଳୁ ନଥିବାରୁ ଏହି ଚାଷରୁ ମୁହଁ ଫେରାଉଛନ୍ତି ଚାଷୀ। ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ୍ର ଜଳବାୟୁ ନଳିତା ଚାଷ ପାଇଁ ବେଶ ଅନୁକୂଳ। ସେଥିପାଇଁ ସୁବର୍ଣ୍ଣରେଖା ନଦୀ ଅବବାହିକାରେ ଥିବା ଅସ୍ତି, କୁମ୍ଭାରୀ, ନୀଖିରା, ଶ୍ରୀରାମପୁର, ଦେଭୋଗ, ବିଷ୍ଣୁପୁର, ମଧୁପୁରା, ଜାମକୁଣ୍ଡା ପ୍ରଭୃତି ପଞ୍ଚାୟତର ହଜାର ହଜାର ହେକ୍ଟର ଜମିରେ ଚାଷୀମାନେ ନଳିତା ଚାଷ କରୁଥିଲେ। ନଳିତାରୁ ଉତ୍ପାଦିତ ହେଉଥିବା ପ୍ରଚୁର ପରିମାଣର ଝୋଟ ବାହାରକୁ ରପ୍ତାନୀ ହେଉଥିଲା। ଯେଉଁଥିପାଇଁ ବାଲିଆପାଳକୁ ସ୍ୱତନ୍ତ୍ର ପରିଚୟ ମିଳିଥିଲା। ବାଲିଆପାଳ ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣରେ ଝୋଟ ଉତ୍ପାଦନ ହେଉଥିବାରୁ ୩୦ ବର୍ଷ ତଳେ କେନ୍ଦ୍ର ସରକାର ଏଠାରେ ଏକ ଝୋଟ ସୋସାଇଟି ଖୋଲି ଥିଲେ। ଆଉ ଏହି ସୋସାଇଟି ଚାଷୀଙ୍କଠାରୁ ଧାର୍ଯ୍ୟ ସରକାରୀ ମୂଲ୍ୟରେ ଝୋଟ କ୍ରୟ କରୁଥିଲା। ଚାଷୀମାନେ ଭଲ ଦି' ପଇସା ରୋଜଗାର କରୁଥିଲେ। ଫଳରେ ନଳିତା ଚାଷ ପ୍ରତି ଚାଷୀଙ୍କ ଆଗ୍ରହ ବଢୁଥିଲା। ତେବେ କିଛି କାରଣ ନଥାଇ ହଠାତ୍ ୮ ବର୍ଷ ତଳେ ସୋସାଇଟି ବନ୍ଦ କରି ଦିଆଗଲା। ଯେଉଁଥିପାଇଁ ଚାଷୀମାନେ ଝୋଟରୁ ଉଚିତ୍ ମୂଲ୍ୟ ପାଉନାହାନ୍ତି। ଚାଷୀମାନେ କମ୍ ଦାମରେ ବାହାର ରାଜ୍ୟର ଦଲାଲ ଓ ସ୍ଥାନୀୟ ବ୍ୟବସାୟୀମାନଙ୍କୁ ଝୋଟ ବିକିବାକୁ ବାଧ୍ୟ ହେଉଛନ୍ତି। ସରକାରୀ ମୂଲ୍ୟଠାରୁ ବହୁ କମ୍ ଦାମରେ ଝୋଟ ବିକ୍ରି ହେଉଥିବାରୁ ଚାଷରେ ଖର୍ଚ୍ଚ କରୁଥିବା ଟଙ୍କା ଉଠି ପାରୁନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଗୋଟିଏ ଏକର ଜମିରେ ନଳିତା ଚାଷ ପାଇଁ ୧୫ରୁ ୧୭ ହଜାର ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ପାଖାପାଖି ୨୫ରୁ ୩୦ ହଜାର ଟଙ୍କାର ଝୋଟ ବିକ୍ରି ହୋଇଥାଏ। ମାତ୍ର ଏଠାରେ ଥିବା ଝୋଟ ସୋସାଇଟି ବନ୍ଦ ହୋଇଯିବାରୁ ସ୍ଥାନୀୟ ବ୍ୟବସାୟୀମାନେ ଚାଷୀମାନଙ୍କଠାରୁ ଅତି କମ୍ ଦାମରେ ଝୋଟ କ୍ରୟ କରୁଛନ୍ତି। ଯାହା ଫଳରେ ଚାଷୀମାନଙ୍କୁ ବହୁ କ୍ଷତି ସହିବାକୁ ପଡୁଛି। ସେଥିପାଇଁ ନଳିତା ଚାଷ ଉପରୁ ଆଗ୍ରହ କମି କମି ଯାଉଛି ବୋଲି ଚାଷୀମାନେ କହିଛନ୍ତି। ପ୍ଲାଷ୍ଟିକ ବଦଳରେ ପରିବେଶ ସୁରକ୍ଷା ପାଇଁ ସରକାର ଝୋଟ ତିଆରି ସାମଗ୍ରୀ ଉପରେ ଗୁରୁତ୍ୱ ଦେଉଛନ୍ତି। ମାତ୍ର ଉଚିତ ବଜାର ମୂଲ୍ୟ ଓ ସରକାରୀ ପ୍ରୋତ୍ସାହନ ଅଭାବରୁ ଝୋଟ ଚାଷୀମାନେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ମିଳିଥିବା ସୂଚନା ଅନୁସାରେ ବାଲିଆପାଳ ବ୍ଲକରୁ ଉତ୍ପାଦିତ ଝୋଟ ଜିଲ୍ଲାରେ ଥିବା ରୂପ୍ସା ଝୋଟ ମିଲ୍, ଧାନମଣ୍ଡଳ ଝୋଟ ମିଲ୍, ଢେଙ୍କାନାଳ ଝୋଟ ମିଲ୍ ସମେତ ପଶ୍ଚିମବଙ୍ଗର କଲିକତା ଝୋଟ ମିଲ୍କୁ ଯାଇଥାଏ। ଏବେ ସେ ସ୍ଥିତି ନାହିଁ। ବାଲିଆପାଳରେ ଉତ୍ପାଦିତ ହେଉଥିବା ଝୋଟ କେତେକ ମାଫିଆଙ୍କ ହାତକୁ ଚାଲି ଯାଉଛି। ସେମାନେ ମାଲାମାଲ ହେଉଛନ୍ତି। ଗରିବ ଚାଷୀ ସବୁ ଦିନ ପାଇଁ ସେମିତି ଗରିବ ହୋଇ ରହି ଯାଉଛି।



# ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ., ଖୋର୍ଦ୍ଧା

Regn. No. 95PU Dt.022.03.1912, RBI License No. RPCD/BBSR/.15/2011-12- Dt.2.05.2012
E-mail ID-khordhaccbank@gmail.com

ରିଜର୍ଭ ବ୍ୟାଙ୍କ ଦ୍ୱାରା ଲାଇସେନ୍ସ ପ୍ରାପ୍ତ — ୧୧୦ ବର୍ଷର ଅଗ୍ରଣୀ ବ୍ୟାଙ୍କ

## ବ୍ୟାଙ୍କର ଉପଲବ୍ଧ ସୁବିଧା ଓ ସୁଯୋଗ

୧) CBS ମାଧ୍ୟମରେ ୧୮ ଗୋଟି ଶାଖା, ୩ ଗୋଟି ସମ୍ପ୍ରସାରିତ ଶାଖା ଓ ସହବନ୍ଧିତ ୧୫୭ ଗୋଟି ପ୍ରାଥମିକ କୃଷି ସମବାୟ ସମିତି ଦ୍ୱାରା କୃଷି ଓ କୃଷକର ଉନ୍ନତି ସହ ବିଭିନ୍ନ ପ୍ରକାର ବ୍ୟାଙ୍କିଙ୍ଗ ସେବା ପ୍ରଦାନ।
୨) ଠିକ୍ ସମୟରେ ଟ.୫୦୦୦୦.୦୦ ପର୍ଯ୍ୟନ୍ତ କୃଷି ଋଣ ପରିଶୋଧ କଲେ କୌଣସି ସୁଧ ଦେବାକୁ ପଡିନଥାଏ ଓ ଟ.୫୦୦୦୦.୦୦ରୁ ଟ. ୩୦୦୦୦୦.୦୦ ଋଣ ଉପରେ ଶତକଡା ଟ.୨ ସୁଧ ଦେବାକୁ ହୁଏ। ଯୁଗ୍ମ ଦେୟ ଗୋଷ୍ଠୀ (JLG) ମାଧ୍ୟମରେ ଭାଗଚାଷୀ ଓ ନାମମାତ୍ର ଚାଷୀଙ୍କୁ କୃଷି ଋଣ ଯୋଗାଇ ଦିଆଯାଏ।
୩) କୃଷକମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ଫସଲବୀମା, ଦୁର୍ଘଟଣା ବୀମା, ସରକାରୀ ମୂଲ୍ୟରେ ବିହନ, ସାର ଓ ଔଷଧ ଯୋଗାଣର ବ୍ୟବସ୍ଥା।
୪) କୃଷି ଆନୁସଙ୍ଗିକ ମିଆଦୀ ଋଣ ଯଥା ଗାଈ, ଛେଳି, ମେଣ୍ଢା ପାଳନ, କୃଷି ଯନ୍ତ୍ରପାତି, ପୋଖରୀ ଖୋଳା, ମାଛ ଚାଷ, ଫଳ, ଛତୁ ଚାଷ, ପାନ ବରଜ ଓ ଜଳସେଚନ ନିମିତ୍ତି ଋଣର କିସ୍ତି ଠିକ୍ ସମୟରେ ପରିଶୋଧ କଲେ ଶତକଡା ୩ ଟଙ୍କା ସୁଧ ରିହାତି ବ୍ୟବସ୍ଥା ରହିଛି।
୫) ସମସ୍ତ ପ୍ରକାର ବ୍ୟବସାୟ ଭିତ୍ତିକ ଋଣ, ଗୃହୋପକରଣ କ୍ରୟ ଋଣ, ତନ୍ତୁବାୟ ଋଣ, ସମ୍ପତି ବନ୍ଧକ ଋଣ, ସ୍ୱର୍ଣ୍ଣ ଋଣ ଇତ୍ୟାଦି ପ୍ରଦାନ କରାଯାଏ।
୬) ମିସନ୍ ଶକ୍ତି ମାଧ୍ୟମରେ ମହିଳା ଗୋଷ୍ଠୀମାନଙ୍କୁ ଟ.୩୦୦୦୦୦୦.୦୦ ପର୍ଯ୍ୟନ୍ତ ବିନା ସୁଧରେ ଋଣ ପ୍ରଦାନ କରାଯାଏ।
୭) ଆର୍ଥିକ ସ୍ୱାବଲମ୍ବନ ପାଇଁ ସ୍ୱରୋଜଗାର କ୍ରେଡିଟ୍ କାର୍ଡ (SSC) ରେ ୨୫,୦୦୦ ଟଙ୍କାରୁ ଟ. ୫୦୦୦୦.୦୦ଙ୍କା ପର୍ଯ୍ୟନ୍ତ ଋଣ ଉପଲବ୍ଧ।
୮) IMPS, NEFT, RTGS, CTS Clearing ସମେତ ATM Rypay କାର୍ଡ ମାଧ୍ୟମରେ ଉନ୍ନତ ବ୍ୟାଙ୍କିଙ୍ଗ ସେବା ଯୋଗାଇ ଦିଆଯାଏ।
୯) Safe Deposit ଲକର୍ ସଦର ଶାଖା, ଭୁବନେଶ୍ୱର ମହିଳା ଶାଖା ଓ ଖୋରଧା ମହିଳା ଶାଖା ଠାରେ ଉପଲବ୍ଧ ଅଛି।
୧୦) ସରକାରୀ ମୂଲ୍ୟରେ ସମିତିମାନଙ୍କ ଜରିଆରେ ଧାନ, ଚିନାବାଦାମ ଓ ମୁଗ ଆଦି ଫସଲ କ୍ରୟ କରିବାର ସୁବିଧା ଓ ଚାଷୀମାନଙ୍କୁ ସିଧାସଳଖ ବ୍ୟାଙ୍କ ସଞ୍ଚୟ ଖାତାରେ ଟଙ୍କା ପୈଠ କରାଯାଇଥାଏ।
୧୧) ମିଆଦୀ ଜମାରେ ଅନ୍ୟାନ୍ୟ ବାଣିଜ୍ୟିକ ଓ ଗ୍ରାମ୍ୟ ବ୍ୟାଙ୍କ ଠାରୁ ଅଧିକ ସୁଧ ଦେବା ସହିତ ଜମା ରାଶୀ ବୀମା ଦ୍ୱାରା ସୁରକ୍ଷିତ ଓ ବରିଷ୍ଠ ନାଗରିକ ମାନଙ୍କ ପାଇଁ ୦.୫୦% ଅଧିକ ସୁଧ।

**ଅଧିକ ବିବରଣୀ ନିମନ୍ତେ ନିକଟସ୍ଥ ଶାଖା / ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।**

**ଅନନ୍ତ କୁମାର ସାମଲ**
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

**ସନତ କୁମାର ମହାନ୍ତି**, ଓ.ଏ.ଏସ୍ (S.A.G)
ଜିଲ୍ଲାପାଳ, ଖୋରଧା
ତଥା-ପ୍ରଶାସକ ଖୋରଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ.


## ବକ୍ରବାଣୀ



ଭୋଅଟ୍ ସଇଲେ କରୋନା ଆସେ
କୁଆଡୁ ଆସିକି ସହରେ ପଶେ
କର୍ଫ୍ୟୁ ଲାଗିଯାଏ ଆମ ସହରେ
ଲୋକେ ଲୁଚିଯା'ନ୍ତି ମାଡ ଭୟରେ
ଚବିଶ୍ ଘଣ୍ଟା ଏଠି ବାର ଚାଲେ
ନିଶୁନ୍ ରାତିରେ ମଦୁଆ ବୁଲେ
ବାର୍ ପରେ ବାର୍ ବୁଲି ବୁଲିକି
ପାହିଯାଏ ରାତି ପିଇ ପିଇକି
ଭଲା ବେଚେଲର ପାର୍ଟି ହଉଚି
ମୁଣ୍ଡ ପରେ ମୁଣ୍ଡ ଗଡି ଯାଉଚି।

— ଟୁଟୁ

## DECLARATION

FORM 1
FORM OF DECLARATION
(see rule 3)

I, Lingaraj Dash declare that I am the *printer or * publisher or #printer and publisher of the newspaper entitled "EKAMAATRA" to be printed at Bhubaneswar published at Bhubaneswar or to be * printed and published at Bhubaneswar and that particulars in respect of the said newspaper given hereunder are true to the best of my knowledge and belief.

1. Title of the newspaper : EKAMAATRA
2. Language(s) in which it is (to be), published : ODIA
3. Periodicity of its publication
   (a) Whether a daily, tri-weekly, bi-weekly, weekly fortnightly, or otherwise : WEEKLY
   (b) In the case of a daily, please state whether it: Morning or evening newspaper? : No
   (c) In the case of a newspaper other than a daily, please state the days(s)/ date (s) on which it is (to be) published : MONDAY
4. Retail selling price of the newspaper per copy : Rs.5/-
   (a) If the newspaper is for free distribution, please state that it is "for free distribution". : Yes
   (b) If it has only an annual subscription and no retail price, please state the annual subscription : No
5. Publisher's name : Lingaraj Dash
   • Nationality : Indian
   (a) Whether a citizen of India? : Yes
   (b) If a foreigner, please state the country of origin : No
   • Address : C/o. Arttatrana Dash, Plot No.4233, Sulochana Bhawan, Behind Badagada High School, Badagada, Bhubaneswaar-751018, Dist-Khordha, Odisha, Email-lingaraj@gmail.com

Place of Publication ( Please give the complete postal address) : Plot No-4233 , Sulochana Bhawan, Behind Badagada High School, Badagada, Bhubaneswar- 751018, Dist Khordha, Odisha, Email - lingaraj@gmail.com

7. Printer's Name : Lingaraj Dash
   Nationality : Indian
   (a) Whether a citizen of India? : Yes
   (b) If a foreigner, please state the country of origin : No
   Address. : Plot No-4233 , Sulochana Bhawan, Behind Badagada High School, Badagada, Bhubaneswar- 751018, Dist Khordha, Odisha, Email - lingaraj@gmail.com
8. Name(s) of the printing press (es) where the The newspaper is actually printed and the true and precise description of the premises on which the press(es) is / are installed : Radhakrushna Publication Pvt. Ltd, Plot No- H/18, Mancheswar Ind. Estate, Bhubaneswar- 10
9. Editor's Name : Tarak Mohanty
   Nationality : Indian
   (a) Whether a citizen of India? : Yes
   (b) If a foreigner, please sate the country of origin : No
   Address : Sector-2/288, 289, Niladri Vihar Chandrasekharpur, Bhubaneswar 751021, Khordha, Odisha
10. Owner's Name : Lingaraj Dash
   (a) Please state the particulars of individuals (s) or of the firm, Joint Stock Company, trust, individuals co-operative society or association which owns the newspaper : Individuals
   (b) Please state whether the owner owns any other newspaper, and, if so, its name, periodicity, language and place of publication : No
11. Please state whether the declaration is in respect of
   (a) a new newspaper, or : No
   (b) an existing newspaper, : Yes
   (c) in case the declaration falls under item (b), the reason for filing the fresh declaration : Change of ownership, Publisher, Printer & Place of Publication

Date:

Signature: Lingaraj Dash
Name (in Block letters): LINGARAJ DASH
Designation: PUBLISHER & PRINTER

Addl. District Magistrate Bhubaneswar

Authenticated on this day 4th of month October year 2021 under my seal and signature.

(Signature and seal of the Magistrate authenticating the declaration)
Collector & District Magistrate
Khordha

# ବଦଳି ପରେ ବଡଗଡ଼ ଥାନାର ଦୁଇ ଏଏସ୍‌ଆଇଙ୍କୁ ସମ୍ବର୍ଦ୍ଧନା




**ଭୁବନେଶ୍ୱର :** ବଡଗଡ଼ ଥାନାର ଦୁଇଜଣ ଦକ୍ଷ ପୋଲିସ ଅଧିକାରୀଙ୍କ ଅନ୍ୟ ଥାନାକୁ ବଦଳି ହେବା ପରେ ଥାନା ପକ୍ଷରୁ ଏଏସ୍‌ଆଇ କୈଳାସ ଚନ୍ଦ୍ର ପାଣ୍ଡି ଓ ଅଶୋକ କୁମାର ଭୂୟାଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଯୋଗଦେଇ ଏସିପି ରଜତ ରାୟ କହିଥିଲେ ଯେ, ଶ୍ରୀ ପାଣ୍ଡି ଓ ଶ୍ରୀ ଭୂୟାଁ ବଡଗଡ଼ ଥାନା ପାଇଁ ଦକ୍ଷତାର ସହିତ ଅନେକ କାର୍ଯ୍ୟ କରିଛନ୍ତି। ତାଙ୍କର କର୍ତ୍ତବ୍ୟ ପ୍ରତି ନିଷ୍ଠା ଓ ସାଧାରଣ ଲୋକଙ୍କ ସହିତ ସୁସମ୍ପର୍କ ନିଶ୍ଚୟ ମନେ ରହିବ। ଆମେ ଆଜିଠାରୁ ଦୁଇଜଣ ଦକ୍ଷ ପୋଲିସ ଅଧିକାରୀଙ୍କୁ ଆମ ନିକଟରୁ ହରାଇଲୁ। ସେହିଭଳି ବଡଗଡ଼ ଥାନା ଆଇଆଇସି ବିଶ୍ୱରଞ୍ଜନ ନାୟକ କହିଥିଲେ ଯେ, ଅନ୍ୟ ଥାନାକୁ ବଦଳି ହୋଇଥିବା ଆମର ଦୁଇଜଣ ଏଏସ୍‌ଆଇଙ୍କ କାର୍ଯ୍ୟ ଦକ୍ଷତାର ପଟାନ୍ତର ନାହିଁ। ତାଙ୍କ ସମୟରେ ଅଞ୍ଚଳରେ ଅନେକ ଘଟଣାର ଶାନ୍ତିପୂର୍ଣ୍ଣ ସମାଧାନ ହୋଇଥିଲା ବେଳେ ଅପରାଧ ନିୟନ୍ତ୍ରଣ କ୍ଷେତ୍ରରେ ଶ୍ରୀ ପାଣ୍ଡି ଓ ଶ୍ରୀ ଭୂୟାଁଙ୍କ ବିଶେଷ ଯୋଗଦାନ ଅତୁଳନୀୟ। ତେଣୁ ଆଗାମୀ ଦିନରେ ସେ ଯେଉଁ ଥାନାକୁ ବଦଳି ହେଲେ ବି ନିଶ୍ଚୟ ସେଠାରେ ଅନେକ ଭଲ କାର୍ଯ୍ୟ କରିପାରିବେ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି। ସେହିଭଳି ଅନ୍ୟ ଥାନା ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ଏହି ଦୁଇଜଣ ଏଏସ୍‌ଆଇଙ୍କ ଗୁଣଗାନ କରିବା ସହିତ ସେମାନଙ୍କ ଅତୀତର କାର୍ଯ୍ୟକୁ ବେଶ୍ ପ୍ରଶଂସା କରିଥିଲେ। ଆଇଆଇସି ଶ୍ରୀ ନାୟକ ସମ୍ବର୍ଦ୍ଧନା ସଭାର ପରିଚାଳନା କରିଥିଲା ବେଳେ ଉଭୟ ଏଏସ୍‌ଆଇ ସମସ୍ତଙ୍କ ନିକଟରେ ନିଜର କୃତଜ୍ଞତା ଜଣାଇଥିଲେ। ସୂଚନାଥାଉ କି, ଶ୍ରୀ ପାଣ୍ଡି ବାଲିପାଟଣା ଥାନାକୁ ବଦଳି ହୋଇଥିଲା ବେଳେ ଶ୍ରୀ ଭୂୟାଁ ବାଲିଅନ୍ତା ଥାନାକୁ ବଦଳି ହୋଇଛନ୍ତି।





CITY HOMES
Near AMRI Hospital, Ghatikia, Khandagiri
Bhubaneswar

Developed By-
Evos Buildcon Pvt .Ltd
Plot No-284/2485,
Patrapada Bhubaneswar

Luxurious 2BHK / 3BHK Apartment At An Affordable Price

Approved By-
Odisha Real Estate Regulatory Authority
State Bank of India THE BANKER TO EVERY INDIAN
Bhubaneswar Municipal Corporation Progress Through Partnership for Better Bhubaneswar

EVOS PARADISE,
Near AIIMS Hospital,BBSR




For More Information Contact:-
7440005812 / 7440005813
www.evosbuildcon.com
Email- support@evos.co.in


# ସପ୍ତଶତୀ ମନ୍ଦିରରେ ଶାରଦୀୟ ଦୁର୍ଗା ପୂଜା



**ଭୁବନେଶ୍ୱର :** ପ୍ରତିବର୍ଷ ଭଳି ଚଳିତବର୍ଷ ମା' ସପ୍ତଶତୀଙ୍କ ପୀଠରେ କୋଭିଡ୍ କଟକଣା ମଧ୍ୟରେ ଶାରଦୀୟ ଦୁର୍ଗାପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମନ୍ଦିରର ମଧ୍ୟବର୍ତ୍ତୀ ଟ୍ରଷ୍ଟି ତଥା ଖଣ୍ଡଗିରି ସବ୍-ରେଜିଷ୍ଟ୍ରାର ମୃତ୍ୟୁଞ୍ଜୟ ତ୍ରିପାଠୀ କର୍ତ୍ତା ଭାବେ ଅତ୍ୟନ୍ତ ନିଷ୍ଠାର ସହିତ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଉଲ୍ଲେଖଯୋଗ୍ୟ, ଗତ ୫ ବର୍ଷ ତଳେ ସପ୍ତଶତୀ ମନ୍ଦିର ଟ୍ରଷ୍ଟ ଭାଙ୍ଗିଯିବା ପରେ ଦେବୋତ୍ତର ବିଭାଗ ଶ୍ରୀ ତ୍ରିପାଠୀଙ୍କୁ ମଧ୍ୟବର୍ତ୍ତୀ ଟ୍ରଷ୍ଟି ଭାବେ ନିଯୁକ୍ତି ଦେଇଛନ୍ତି। ତେଣୁ ଗତ ୫ ବର୍ଷ ଧରି ମନ୍ଦିରର ସମସ୍ତ ପୂଜା କାର୍ଯ୍ୟରେ ତାଙ୍କର ଔପଚାରିକ ଉପସ୍ଥିତି ରହିଛି।


PLOT FOR SALE



MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455

PLOT FOR SALE@BHUBANESWAR



Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455

30ft Internal Road
Mouza : Pandiapada
Contact Immediately :
8658607286 / 8917571455





Printed, Published and Owned by **Lingaraj Das**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**